ତୃତୀୟ ବର୍ଷ ● ଦ୍ୱିତୀୟ ସଂଖ୍ୟା
ଜାନୁଆରୀ - ଫେବୃଆରୀ, ୨୦୧୮



ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା (ଦ୍ୱିମାସିକ)













ରାଉରକେଲା ସେକ୍ଟର-୧୯ ସ୍ଥିତ ଇସ୍ପାତ ବଣିକ ସଂଘ ପକ୍ଷରୁ
ଆମ୍ରବଗାନ୍‌ଠାରେ ବେଦ ପ୍ରବଚନ ଅନୁଷ୍ଠିତ






ସାଉଥ୍‌ବଲଣ୍ଡାସ୍ଥିତ ଜଗନ୍ନାଥ କଲୋନୀଠାରେ ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ସ୍ୱାମୀଜୀଙ୍କ ପ୍ରବଚନ






ବେଦ ପ୍ରଚାର ସମିତି, ଫୁଲବାଣି ପକ୍ଷରୁ ସ୍ଥାନୀୟ ସରସ୍ୱତୀ ବିଦ୍ୟାମନ୍ଦିରଠାରେ ଜୀବନ ନିର୍ମାଣ ଶିବିର






ଭୁବନେଶ୍ୱର ଗାଡ଼କଣ ଦୁର୍ଗାପୂଜା କମିଟି ପକ୍ଷରୁ ରେଲୱେ କଲୋନୀସ୍ଥିତ ଗ୍ରୀନ୍‌ସ ମଣ୍ଡପଠାରେ ବେଦ ପ୍ରବଚନ





ଗ୍ରୀନ୍‌ସ ମଣ୍ଡପଠାରେ ବେଦ ପ୍ରବଚନରେ ଉପସ୍ଥିତ ଶ୍ରୋତୃବୃନ୍ଦ

ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି । (ଅଥର୍ବ. ୧:୧:୪)
**ଆମେ ସର୍ବଦା ବେଦପଥର ପଥିକ ହେଉ, ବେଦପଥରୁ କଦାପି ବିଚ୍ୟୁତ ନ ହେଉ ।**


ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା
(ଦ୍ୱିମାସିକ)

ପ୍ରତିଷ୍ଠାତା
**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

ସମ୍ପାଦକ
**ପଦ୍ମନାଭ ସ୍ୱାଇଁ**

ପରିଚାଳନା ସମ୍ପାଦକ
**ବ୍ର. ପ୍ରିୟେଶ ଦର୍ଶନାଚାର୍ଯ୍ୟ**

ସହ ସମ୍ପାଦକ
**ଆନନ୍ଦ ସାମନ୍ତରାୟ**
**ଦୁଷ୍ମନ୍ତ କିଶୋର ସ୍ୱାଇଁ**

ପରିଚାଳନା ମଣ୍ଡଳୀ
**ଇ. କୁମାର ସ୍ୱାମୀ**
**ଦଣ୍ଡପାଣି ମିଶ୍ର**
**ନିମାଇଁ ଚରଣ ସ୍ୱାଇଁ**
**ଗୌରଚନ୍ଦ୍ର ଦାସ**
**ଲଳିତମଞ୍ଜରୀ ସାହୁ**



କାର୍ଯ୍ୟାଳୟ
**ଶ୍ରୁତିନ୍ୟାସ**
**ଏଚ୍.ଆଇ.ଜି-୧୫୨, ଫେଜ୍-୭**
**ପୋ- ଶୈଳଶ୍ରୀ ବିହାର, ଭୁବନେଶ୍ୱର-୨୧**
ଦୂ.ଭା. : ୯୩୩୭୧୦୩୭୮୨, ୯୮୬୧୩୫୮୯୭୭
E-mail : shrutisourabha@gmail.com
Website : www.shrutinyasa.org



**Shruti Sourabha**
Spiritual Social Vedic Magazine
Bimonthly
Vol-3, Issue-2, Jan-Feb 2018


## ସୂଚୀପତ୍ର


| | | |
|---|---|---|
| ୦୧. | କୃଷ୍ଣ ମହାପୁରୁଷ ନା ଭଗବାନ ? | ୦୨ |
| ୦୨. | ସ୍ୱସ୍ତିବାଚନ | ୦୯ |
| ୦୩. | ଆମର ରଚୟିତା | ୧୪ |
| ୦୪. | ସତ୍ୟାର୍ଥ ପ୍ରକାଶ | ୨୧ |


## ଏକାତ୍ମତା ସୂତ୍ର

| | | |
|---|---|---|
| ଆମର ଏକ ଧର୍ମ | - | ବୈଦିକ ଧର୍ମ |
| ଆମର ଏକ ମୂଳ ଧର୍ମଗ୍ରନ୍ଥ | - | ବେଦ |
| ଆମର ଏକ ଉପାସ୍ୟ ଦେବ | - | ଓମ୍ |
| ଆମର ଏକ ଅଭିବାଦନ | - | ନମସ୍ତେ |
| ଆମର ଏକ ଜାତି | - | ମନୁଷ୍ୟ |
| ଆମର ଏକ ସାଂସ୍କୃତିକ ପରିଚୟ | - | ଆର୍ଯ୍ୟ |
| ଆମର ଏକ ଲକ୍ଷ୍ୟ | - | କୃଣ୍ୱନ୍ତୋ ବିଶ୍ୱମାର୍ଯ୍ୟମ୍ |


**ସଦସ୍ୟତା ଶୁଳ୍କ**
ପ୍ରତି ଖଣ୍ଡ : ₹୨୦/-, ବାର୍ଷିକ : ₹୧୦୦/-
ଆଜୀବନ(ଏଗାର ବାର୍ଷିକ): ₹୧୦୦୦/-



ଲେଖାରେ ପ୍ରକଟିତ ବିଚାର ଲେଖକଙ୍କର ନିଜସ୍ୱ । ଏଥି ନିମନ୍ତେ ସମ୍ପାଦକ ଦାୟୀ ନୁହଁନ୍ତି ।

ସର୍ବେ ଭବନ୍ତୁ ସୁଖିନଃ :

# କୃଷ୍ଣ ମହାପୁରୁଷ ନା ଭଗବାନ ?

ସ୍ୱାମୀ ସୁଧାନନ୍ଦ ସରସ୍ୱତୀ

**ପ୍ର.କ. —** ଆମର ଜଣେ ଦର୍ଶକ ବନ୍ଧୁ ଦୀର୍ଘ ପତ୍ରଟିଏ ଲେଖିଛନ୍ତି । ସେ ଲେଖିଛନ୍ତି ଯେ, 'ଏହି କାର୍ଯ୍ୟକ୍ରମ ଦ୍ୱାରା ଆମର ବହୁ ଶଙ୍କା, ବହୁ ଦ୍ୱନ୍ଦ୍ୱର ସମାଧାନ ହେଉଛି ।' ତା' ପରେ ସେ ଆପଣଙ୍କୁ ୨ଟି ପ୍ରଶ୍ନ ପଚାରିଛନ୍ତି । ପ୍ରଥମ ପ୍ରଶ୍ନରେ ସେ ଲେଖିଛନ୍ତି— "ସ୍ୱାମୀଜୀ ! ଆପଣ ଥରେ କହିଥିଲେ ଯେ — 'କୃଷ୍ଣ ଭଗବାନ (ଈଶ୍ୱର) ନୁହଁନ୍ତି, ସିଏ ଜଣେ ମହାପୁରୁଷ ।' କିନ୍ତୁ ବହୁ ସ୍ଥାନରେ କୃଷ୍ଣଙ୍କୁ ଭଗବାନ ବୋଲି କୁହାଯାଇଛି । ଏପରିକି ଶ୍ରୀମଦ୍ ଭଗବଦ୍‌ଗୀତାର ଅନେକ ସ୍ଥାନରେ, ଉଦାହରଣ ସ୍ୱରୂପ ଦ୍ୱିତୀୟ ଅଧ୍ୟାୟର ଦ୍ୱିତୀୟ ଶ୍ଳୋକରେ, କୃଷ୍ଣଙ୍କୁ ଉଦ୍ଦେଶ୍ୟ କରି 'ଶ୍ରୀଭଗବାନୁବାଚ' ବୋଲି ଲେଖାଯାଇଛି । ଅର୍ଥାତ୍ ଗୀତାରେ କୃଷ୍ଣଙ୍କୁ ଭଗବାନ ବୋଲି ସ୍ୱୀକାର କରାଯାଇଛି । ଏଣୁ ମନରେ ଦ୍ୱନ୍ଦ୍ୱ ଉପୁଜୁଛି ଯେ ବାସ୍ତବରେ କୃଷ୍ଣ ମହାପୁରୁଷ ନା ଭଗବାନ ? ସ୍ୱାମୀଜୀ ଦୟାକରି ଏ ଦ୍ୱନ୍ଦ୍ୱର ସମାଧାନ କରନ୍ତୁ ।"

**ସ୍ୱାମୀଜୀ —** ଏହି ପ୍ରଶ୍ନ ପଚାରିଥିବା ଦର୍ଶକଙ୍କୁ ମୁଁ ପ୍ରଥମେ ଧନ୍ୟବାଦ ଜଣାଉଛି । ଆମ ଦର୍ଶକମାନେ ଏହି କାର୍ଯ୍ୟକ୍ରମକୁ କେବଳ ମନୋରଂଜନ ପାଇଁ ନ ଦେଖି ମନୋଯୋଗ ପୂର୍ବକ ଦେଖୁଥିବା ତଥା ଅତ୍ୟନ୍ତ ସୂକ୍ଷ୍ମ ତତ୍ତ୍ୱଗୁଡ଼ିକ ବିଷୟରେ ସେମାନଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନର ଉତ୍ତର ତଥା ଦ୍ୱନ୍ଦ୍ୱର ସମାଧାନ ପଚାରୁଥିବା ନିଶ୍ଚିତ ରୂପେ ଆନନ୍ଦର ବିଷୟ ।

ବର୍ତ୍ତମାନ ମୁଁ ଆମ ଦର୍ଶକ ପଚାରିଥିବା ପ୍ରଶ୍ନର ଉତ୍ତର ଦେଉଛି । ପ୍ରଶ୍ନ ହେଲା — 'କୃଷ୍ଣ ମହାପୁରୁଷ ନା ଭଗବାନ ?' ମୋର ଉତ୍ତର ହେଲା — 'କୃଷ୍ଣ ଜଣେ ମହାପୁରୁଷ । ଅନ୍ୟ ଶବ୍ଦରେ କହିଲେ କୃଷ୍ଣ ଜଣେ ଭଗବାନ' ।

**ପ୍ର.କ. —** ମହାପୁରୁଷ ଓ ଭଗବାନ କ'ଣ ସମାନ ବିଷୟ ?

**ସ୍ୱାମୀଜୀ —** ମୁଁ ଏବେ କହିଲି —'କୃଷ୍ଣ ମହାପୁରୁଷ । କୃଷ୍ଣ ଭଗବାନ ମଧ୍ୟ ।' କିନ୍ତୁ ଭଗବାନ କହିଲେ ସିଏ ଯାହା ବୁଝୁଛନ୍ତି କୃଷ୍ଣ ତାହା ନୁହନ୍ତି । ମୂଳ କଥା ହେଲା ଯେ 'ଭଗବାନ' ଶବ୍ଦର ଅର୍ଥ ଯଥାର୍ଥତଃ ନ ବୁଝିବାରୁ ତାଙ୍କ ମନରେ ଏ ଦ୍ୱନ୍ଦ୍ୱ ଦେଖାଦେଇଛି ।

**ପ୍ର.କ. —** 'ଭଗବାନ'ର କ'ଣ ବହୁତ ଅର୍ଥ ଅଛି ?

**ସ୍ୱାମୀଜୀ —** 'ଭଗବାନ' କହିଲେ ସାମାନ୍ୟତଃ ଆମେ ବୁଝୁ- ଈଶ୍ୱର, ପରଂବ୍ରହ୍ମ, ପରମାତ୍ମା । ଏ ଦୃଷ୍ଟିରୁ କୃଷ୍ଣ ଭଗବାନ ନୁହନ୍ତି । କିନ୍ତୁ କୃଷ୍ଣ ଭଗବାନ ଅଟନ୍ତି । କେମିତି ? ମୁଁ ଏହା ଉପରେ ତ ଆଲୋକପାତ କରିବି । ତାଙ୍କ ମନରେ ଏ ଦ୍ୱନ୍ଦ୍ୱ ଉପୁଜିବାର କାରଣ ବିଷୟରେ ପ୍ରଥମେ ଆମେ ଚର୍ଚ୍ଚା କରିବା । ପ୍ରାଚୀନ କାଳରେ ବିଦ୍ୟାର୍ଥୀକୁ ଗୁରୁକୁଳରେ ଯେତେବେଳେ ପାଠ ପଢ଼ାଇବା ଆରମ୍ଭ କରାଯାଉଥିଲା, ସେତେବେଳେ ତା'ର ଗୋଟିଏ ସଂସ୍କାର କରାଯାଉଥିଲା । ସେ ସଂସ୍କାରର ନାମ ହେଲା - 'ବେଦାରମ୍ଭ ସଂସ୍କାର' । ଯେହେତୁ ବେଦ ହେଉଛି ସମସ୍ତ ବିଦ୍ୟାର ମୂଳ, ସକଳ ଜ୍ଞାନର ମୂଳ ଉତ୍ସ ତଥା ବିଦ୍ୟା ଅଧ୍ୟୟନର ମୂଳ ଉଦ୍ଦେଶ୍ୟ ହେଲା ବେଦ ଜ୍ଞାନର ଗଭୀରତା ମଧ୍ୟରେ ପ୍ରବେଶ କରିବା, ତେଣୁ ବେଦବିତ୍ ଆଚାର୍ଯ୍ୟଙ୍କଠାରୁ ବିଧିବଦ୍ଧ ବିଦ୍ୟା ଅଧ୍ୟୟନର ଆରମ୍ଭରେ ବେଦାରମ୍ଭ ସଂସ୍କାର କରାଯାଉଥିଲା । ପିତା-ମାତା ସନ୍ତାନକୁ ନେଇ ଗୁରୁକୁଳରେ ଛାଡୁଥିଲେ । ଏହି ସଂସ୍କାରରେ ପିତା ସନ୍ତାନକୁ କିଛି ଉପଦେଶ ମଧ୍ୟ

ଦେଉଥିଲେ । ତା' ମଧ୍ୟରେ ଗୋଟିଏ ଉପଦେଶ ଥିଲା — **'ଆଚାର୍ଯ୍ୟାଧୀନୋ ବେଦମଧୀଷ୍ବ'** (ଗୋଭିଲ ଗୃହ୍ୟ. ୩:୧:୨୫)— ହେ ସନ୍ତାନ ! ଆଚାର୍ଯ୍ୟଙ୍କ ଅଧୀନରେ ରହି, ଆଚାର୍ଯ୍ୟଙ୍କ ମାର୍ଗଦର୍ଶନରେ ବିଧିବଦ୍ଧ ଭାବରେ ସାଙ୍ଗୋପାଙ୍ଗ ବେଦ ଅଧ୍ୟୟନ ନିମନ୍ତେ ନିୟମିତ ପ୍ରଯତ୍ନ କର । ବେଦ-ଶାସ୍ତ୍ରରେ ପ୍ରଯୁକ୍ତ ଶବ୍ଦଗୁଡ଼ିକର ଯେହେତୁ ଅନେକ ଅର୍ଥ ଅଛି, ତେଣୁ ଯୋଗ୍ୟ ଆଚାର୍ଯ୍ୟ-ଶିଷ୍ୟ ପରମ୍ପରାରେ ଯଥାର୍ଥ ଜ୍ଞାନ ପ୍ରାପ୍ତ କରିହେବ ।

ଶବ୍ଦଗୁଡ଼ିକ ବହୁ-ଅର୍ଥକ ହୋଇଥିବାରୁ ଉଚିତ ପରମ୍ପରାରେ ଅଧ୍ୟୟନ ନ କଲେ ସାଧାରଣ ଜ୍ଞାନସମ୍ପନ୍ନ ବ୍ୟକ୍ତି ଦିଗ୍‌ଭ୍ରମିତ ହେବାର ବହୁ ସମ୍ଭାବନା ରହିଛି । ଆଜିର ମୂଳ ସମସ୍ୟା ବି ତାହା । ଆଜି ବେଦ ଅଧ୍ୟାପନା-ଅଧ୍ୟୟନର ଯୋଗ୍ୟ ଗୁରୁ-ଶିଷ୍ୟ ପରମ୍ପରା ବିଲୁପ୍ତ ପ୍ରାୟ । ଆମେ ସାଧାରଣ ଲୋକ ଶାସ୍ତ୍ର ବିଷୟରେ ଜ୍ଞାନ ପାଇବାକୁ ଉତ୍ସୁକ ଅଛେ । ଯେହେତୁ ବେଦବେତ୍ତା ଗୁରୁଙ୍କର ପ୍ରାୟତଃ ଅଭାବ ରହିଛି ତେଣୁ ଶାସ୍ତ୍ର ଜ୍ଞାନ ପ୍ରାପ୍ତି ପାଇଁ ଆମର ମୁଖ୍ୟ ଅବଲମ୍ବନ ହେଲା ଦୋକାନରେ ଉପଲବ୍‌ଧ ଥିବା ପୁସ୍ତକ । ଉପଲବ୍‌ଧ ପୁସ୍ତକଗୁଡ଼ିକ ମଧ୍ୟରୁ କେଉଁଟି ଠିକ୍, କେଉଁଟି ଭୁଲ୍ ତାକୁ ନିର୍ଣ୍ଣୟ କରିପାରିବାର ଦକ୍ଷତା ଆମ ସାଧାରଣ ଲୋକଙ୍କ ପାଖରେ ରହିପାରୁନି । ଅଧ୍ୟାତ୍ମ-ଧର୍ମ ବିଷୟରେ ପୁସ୍ତକ ଲେଖିବା-ଛପାଇବା ପାଇଁ କିଏ ଅଧିକାରୀ, କିଏ ଅନଧିକାରୀ ସେ ବିଷୟ ନିର୍ଣ୍ଣୟ କରିବାର କୌଣସି ବ୍ୟବସ୍ଥା ବର୍ତ୍ତମାନ ସମାଜରେ ନାହିଁ । ଧର୍ମ-ଅଧ୍ୟାତ୍ମ କ୍ଷେତ୍ର ସମ୍ପୂର୍ଣ୍ଣ ନିରଙ୍କୁଶ ହୋଇଯାଇଛି । ସାମାନ୍ୟ ବୁଦ୍ଧି ସମ୍ପନ୍ନ ଲୋକେ, ଶବ୍ଦର ସୀମିତ ଅର୍ଥ ଜାଣିଥିବା ଲୋକେ, ବୈଦିକ ସିଦ୍ଧାନ୍ତର ବିନ୍ଦୁବିସର୍ଗ ଜାଣିନଥିବା ଲୋକେ ଯେତେବେଳେ ଶାସ୍ତ୍ର ବିଷୟରେ ଅନଧିକୃତ ଚଞ୍ଚୁପାତ କରୁଛନ୍ତି, ସେତେବେଳେ ସମାଜରେ ଅଯଥା ସମସ୍ୟା ସୃଷ୍ଟି ହେଉଛି, ବହୁ ସାଧାରଣ ଲୋକେ ଦିଗ୍‌ଭ୍ରାନ୍ତ ହେଉଛନ୍ତି ।

ଏକଥା ତ ଆମେ ସମସ୍ତେ ଜାଣିଛେ ଯେ ଗୋଟିଏ ଶବ୍ଦର ଅନେକ ଅର୍ଥ ଥାଏ । ସବୁ ଅର୍ଥ ସବୁ କ୍ଷେତ୍ରରେ ପ୍ରଯୁଜ୍ୟ ନୁହନ୍ତି । ତେଣୁ ବକ୍ତାର ଆକାଂକ୍ଷା ଅନୁସାରେ ପ୍ରକରଣ ଆଧାରରେ ସମ୍ଭବ ଅର୍ଥ ହିଁ ଗ୍ରହଣୀୟ । ଆଜି ଜଣେ ବ୍ୟକ୍ତି ଯଦି ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟ ଅଧ୍ୟୟନ କରିବାକୁ ଯିବ ତେବେ ଅମରକୋଷାଦି ଭାଷାକୋଷ ବିଷୟରେ, ଉପମା-ଅଳଙ୍କାର ଆଦି ସଂପର୍କରେ ତା'ର ଭଲ ଜ୍ଞାନ ଥିବା ଦରକାର । ଯଦି ସେ ଜ୍ଞାନ ତା'ର ନଥିବ, ଓଡ଼ିଆରେ କଥାବାର୍ତ୍ତାର ସାମାନ୍ୟ ସାହିତ୍ୟ ଜ୍ଞାନ ଥିବ, ତେବେ ଗମ୍ଭୀର ଅର୍ଥରେ ପ୍ରୟୋଗ କରାଯାଇଥିବା ଶବ୍ଦଗୁଡ଼ିକୁ ସାମାନ୍ୟ ଅର୍ଥରେ ବୁଝିଲେ ସେ ବହୁ ସମସ୍ୟାରେ, ଦ୍ୱନ୍ଦ୍ୱରେ ପଡ଼ିବ । ଗୋଟିଏ ଛୋଟିଆ ଦୃଷ୍ଟାନ୍ତ ମୁଁ ଦେଉଛି—

ଦେଖରେ ନଳିନି ! ନଳିନୀ ନଳିନୀରେ ପୂରିତ ।
ଭ୍ରମନ୍ତି ଭ୍ରମରେ ଭ୍ରମରେ ଭ୍ରମରରେ ଶୋଭିତ ॥

(ଲାବଣ୍ୟବତୀ)

ଏଠାରେ ନଳିନୀ ଶବ୍ଦ ଅନେକ ଥର ପ୍ରୟୋଗ କରାଯାଇଛି । ପ୍ରତ୍ୟେକର ଅର୍ଥ ଅଲଗା । ନଳିନୀ ଅର୍ଥ ପଦ୍ମିନୀ ବି, ପଦ୍ମପୂର୍ଣ୍ଣା ପୁଷ୍କରିଣୀ ମଧ୍ୟ । ଯଦି ଜଣେ ନଳିନୀ ଶବ୍ଦର ଗୋଟିଏ ମାତ୍ର ଅର୍ଥ ଜାଣିଥିବ ତେବେ ସେ ସମସ୍ୟାରେ ପଡ଼ିବ ।

**ପ୍ର.କ. —** ହଁ, ଯଦି ନଳିନୀ ଅର୍ଥାତ୍ ପଦ୍ମପୋଖରୀ ବୋଲି କେବଳ ଜାଣିଥିବ ତେବେ ତିନି ଥର କ'ଣ ପୋଖରୀ, ପୋଖରୀ, ପୋଖରୀ ଲେଖିଛନ୍ତି ବୋଲି ଭାବିବ । ଲେଖକଙ୍କ ଅଭିପ୍ରାୟ ବୁଝିପାରିବନି ।

**ସ୍ୱାମୀଜୀ —** ମୁଁ ପୂର୍ବରୁ ବି କହୁଥିଲି ଯେ ଆଜିର ଧର୍ମ ସମ୍ବନ୍ଧୀୟ ସମସ୍ୟାର ବଡ଼ କାରଣ ହେଉଛି ବୈଦିକ ସିଦ୍ଧାନ୍ତ ସଂପର୍କରେ ଜ୍ଞାନହୀନ ଲେଖକଙ୍କ ଦ୍ୱାରା ଧର୍ମ ବିଷୟକ ପୁସ୍ତକ ଲେଖନ । ପ୍ରାଚୀନ ଋଷିଗଣ ଏ ନିର୍ଣ୍ଣୟ ଦେଇଛନ୍ତି ଯେ ଧର୍ମ-ଅଧ୍ୟାତ୍ମ ସମ୍ବନ୍ଧରେ ସମାଜକୁ ମାର୍ଗଦର୍ଶନ କରିବା ବ୍ୟକ୍ତି(ଗୁରୁ)ଙ୍କର ସର୍ବନିମ୍ନ ୨ଟି ଯୋଗ୍ୟତା ରହିବା ଆବଶ୍ୟକ । ସିଏ ଶ୍ରୋତ୍ରିୟ ଅର୍ଥାତ୍ ବେଦବେତ୍ତା ହେବା ଉଚିତ ଏବଂ ବ୍ରହ୍ମନିଷ୍ଠ ଅର୍ଥାତ୍ ଈଶ୍ୱରଙ୍କ ପ୍ରତି ନିଷ୍ଠାବାନ୍ ହେବା ଆବଶ୍ୟକ । ମହର୍ଷି ମନୁ କହିଛନ୍ତି ଧର୍ମକୁ ଯଥାର୍ଥତଃ ଜାଣିବାର ମୂଳସ୍ରୋତ ହେଉଛି ବେଦ — **'ବେଦୋଽଖିଲୋ ଧର୍ମମୂଳମ୍'** (ମନୁ. ୨:୬) । ତଦନନ୍ତର ଦ୍ୱିତୀୟ ସ୍ରୋତ

ହେଉଛି ଚତୁର୍ବେଦଜ୍ଞାତା ବିଦ୍ୱାନଙ୍କ ଦ୍ୱାରା ରଚିତ ସ୍ମୃତିଗ୍ରନ୍ଥ ଅର୍ଥାତ୍ ବେଦାନୁକୂଳ ଧର୍ମଶାସ୍ତ୍ର ଓ ସେମାନଙ୍କ ଶ୍ରେଷ୍ଠ ଗୁଣସମ୍ପନ୍ନ ସ୍ୱଭାବ — **'ସ୍ମୃତିଶୀଲେ ଚ ତଦ୍ୱିଦାମ୍'** (ମନୁ. ୨:୬)। ଆଜି ୯୯ ପ୍ରତିଶତ କ୍ଷେତ୍ରରେ ତାହା ନାହିଁ। ତା' ଛଡ଼ା ଧର୍ମର ପ୍ରବଚନକାରୀ ଅଧିକାଂଶତଃ ବୈଦିକ ସିଦ୍ଧାନ୍ତ ସହ ପରିଚିତ ନୁହଁନ୍ତି। ତେଣୁ ସେମାନେ ମଧ୍ୟ ଅର୍ଥକୁ ଅନର୍ଥ କରି ଭ୍ରାନ୍ତି ସୃଷ୍ଟି କରୁଛନ୍ତି। ଏମାନଙ୍କ ପାଇଁ ଶାସ୍ତ୍ରରେ କୁହାଯାଉଛି ଯେ ଶାସ୍ତ୍ର ବି ଏଭଳି ଏକଦେଶଦର୍ଶୀ, ଅଳ୍ପଶ୍ରୁତ ବ୍ୟକ୍ତିଙ୍କୁ ଭୟ କରେ ଯେ ଏମାନେ ମୋର ପ୍ରସାର କ'ଣ କରିବେ ସ୍ୱ ଅଳ୍ପଜ୍ଞତା କାରଣରୁ ଏମାନେ ମୋ ଉପରେ ହିଁ ପ୍ରହାର କରିଦେବେ, ମୋର ସତ୍ୟାନାଶ କରିଦେବେ, ମୋ ଆଭିମୁଖ୍ୟକୁ ବିକୃତ-ବିପରୀତ କରିଦେବେ — **'ବିଭେତ୍ୟଲ୍ପଶ୍ରୁତାନ୍ ମାମୟଂ ପ୍ରହରିଷ୍ୟତି'** (ମହା. ଆଦି. ୧:୨୦୪)।

ବର୍ତ୍ତମାନ ଆମେ ଆମର ମୂଳ ବିଷୟକୁ ଆସିବା। ମୁଁ କହିଲି ଯେ — 'କୃଷ୍ଣ ଭଗବାନ ଅଟନ୍ତି।' 'ଭଗବାନ'ର ଅର୍ଥ କ'ଣ ତାହା ବୁଝିବା ପାଇଁ ମୁଁ ତୁମକୁ କେତୋଟି ପ୍ରଶ୍ନ ପଚାରୁଛି। 'ବଳବାନ୍ କାହାକୁ କୁହାଯାଏ ?'

**ପ୍ର.କ. —** ଯାହା ପାଖରେ ଅଧିକ ବଳ ଥାଏ।

**ସ୍ୱାମୀଜୀ —** ଧନବାନ୍ କାହାକୁ କୁହାଯାଏ ?

**ପ୍ର.କ. —** ଯାହା ପାଖରେ ଅଧିକ ଧନ ଥାଏ।

**ସ୍ୱାମୀଜୀ —** ରୂପବାନ୍ କାହାକୁ କୁହାଯାଏ ?

**ପ୍ର.କ. —** ଯାହାର ସୁନ୍ଦର ରୂପ ଥାଏ।

**ସ୍ୱାମୀଜୀ —** ଗୁଣବାନ୍ କାହାକୁ କୁହାଯାଏ ?

**ପ୍ର.କ. —** ଯାହା ପାଖରେ ବିଶେଷ ଗୁଣ ଥାଏ।

**ସ୍ୱାମୀଜୀ —** ତୁମ କହିବା ଅନୁସାରେ ବ୍ୟକ୍ତି ପାଖରେ ବଳ ଥିଲେ ବଳବାନ୍, ଧନ ଥିଲେ ଧନବାନ୍, ରୂପ ଥିଲେ ରୂପବାନ୍, ଗୁଣ ଥିଲେ ଗୁଣବାନ୍ ବୋଲି କୁହାଯାଏ। ସେହିପରି ବୁଦ୍ଧିଥିଲେ ବୁଦ୍ଧିମାନ୍, ଶକ୍ତି ଥିଲେ ଶକ୍ତିମାନ୍ ଆଦି ବୋଲି କୁହାଯାଏ। ତଦନୁସାରେ ଭଗବାନ୍ କାହାକୁ କୁହାଯିବ ?

**ପ୍ର.କ. —** ଯାହାର ଭଗ ଥିବ ତାକୁ ଭଗବାନ୍ କୁହାଯିବ। କିନ୍ତୁ 'ଭଗ' ମାନେ କ'ଣ ?

**ସ୍ୱାମୀଜୀ —** 'ଭଗ' ମାନେ ଐଶ୍ୱର୍ଯ୍ୟ। ଶବ୍ଦକୋଷରେ ୬ଟି ଐଶ୍ୱର୍ଯ୍ୟକୁ 'ଭଗ' ବୋଲି କୁହାଯାଇଛି। ସେଗୁଡ଼ିକ ହେଲା — ପ୍ରଭୁତ୍ୱ, ପରାକ୍ରମ, ଯଶ, ଶ୍ରୀ, ଜ୍ଞାନ ଓ ବୈରାଗ୍ୟ। ତେଣୁ ଏ ଛଅଟି ଐଶ୍ୱର୍ଯ୍ୟ ଯାହା ପାଖରେ ଥାଏ ତାକୁ କୁହାଯାଏ 'ଭଗବାନ୍'। ରାମଙ୍କ ପାଖରେ ବି ଏ ୬ଟି ଥିଲା। ତେଣୁ ତାଙ୍କୁ ମଧ୍ୟ ଭଗବାନ ବୋଲି କୁହାଯାଏ। କୃଷ୍ଣଙ୍କ ପାଖରେ ବି ଏ ୬ଟି ଥିଲା। ତେଣୁ ତାଙ୍କୁ ମଧ୍ୟ ଭଗବାନ ବୋଲି କୁହାଯାଏ। ରାମଙ୍କୁ, କୃଷ୍ଣଙ୍କୁ କାହିଁକି ଭଗବାନ କୁହାଯାଏ ତା'ର ବାସ୍ତବିକତା ନ ବୁଝିବା କାରଣରୁ ଲୋକେ ଭ୍ରମରେ ପଡ଼ିଛନ୍ତି। କେବଳ ରାମ, କୃଷ୍ଣଙ୍କୁ ନୁହେଁ, ଅନ୍ୟ ଅନେକ ମହାନ୍ ବିଭୂତିଙ୍କୁ ମଧ୍ୟ ଭଗବାନ୍ କୁହାଯାଏ। ଭଗବାନ୍ ବ୍ୟାସ, ଭଗବାନ୍ ପତଞ୍ଜଳି, ଭଗବାନ ପାଣିନି, ଭଗବାନ୍ ଦୟାନନ୍ଦ ଆଦି। ସାଧାରଣତଃ ଯଶସ୍ୱୀ, ପ୍ରସିଦ୍ଧ, ସମ୍ମାନିତ, ଶ୍ରଦ୍ଧେୟ, ଦିବ୍ୟ, ପବିତ୍ର ଓ ଅନ୍ୟ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ବିଶେଷଣ ରୂପ ବି ଭଗବାନ ଶବ୍ଦ ବ୍ୟବହୃତ ହୁଏ। ପ୍ରଭୁତ୍ୱ ବାହ୍ୟ ବି ଅଟେ, ଆନ୍ତରିକ ବି ହୋଇଥାଏ। ନିଜ ମନ-ଇନ୍ଦ୍ରିୟକୁ ସମ୍ପୂର୍ଣ୍ଣ ସଂଯମରେ ରଖିବା ତ ବଡ଼ ପ୍ରଭୁତ୍ୱ। କେବଳ ଅନ୍ୟ ଉପରେ ବିଜୟ ପ୍ରାପ୍ତ କରିବା ପାଇଁ ପରାକ୍ରମ ଆବଶ୍ୟକ ପଡ଼େ ନାହିଁ, ସ୍ୱ ଉପରେ ବିଜୟ ଲାଭ ମହାନ୍ ପରାକ୍ରମ ଅଟେ। ଶାରୀରିକ ଦୃଷ୍ଟିରୁ ବହୁ ପରାକ୍ରମୀ ସ୍ୱ ଉପରେ ବିଜୟ କରିପାରିନଥାନ୍ତି। ସେମାନେ ଭଗବାନ ପଦବାଚ୍ୟ ନୁହଁନ୍ତି। ଅତଃ ଏସବୁ ଭଗ ବା ଐଶ୍ୱର୍ଯ୍ୟ ଯାହା ପାଖରେ ଥାଏ ତାଙ୍କୁ ଭଗବାନ କହନ୍ତି। ସେ ଦୃଷ୍ଟିରୁ କୃଷ୍ଣ ଭଗବାନ ଅଟନ୍ତି। ଈଶ୍ୱରଙ୍କ ପାଖରେ ବି ଏସବୁ ଭଗ ବା ଐଶ୍ୱର୍ଯ୍ୟ ସର୍ବୋତ୍କୃଷ୍ଟ ରୂପେ ଅଛି। ତେଣୁ ପରମାତ୍ମାଙ୍କୁ ବି ଭଗବାନ କୁହାଯାଏ। ଅତଃ ଭଗବାନ୍ ଶବ୍ଦର ଅର୍ଥ ଭଗ ବା ଐଶ୍ୱର୍ଯ୍ୟ ସମ୍ପନ୍ନ ସତ୍ତା। କିନ୍ତୁ ଭଗବାନ ଶବ୍ଦର ଅର୍ଥ ପରଂବ୍ରହ୍ମ ବା ପରମାତ୍ମା ନୁହେଁ। ଯଥା— ଭଗବାନ ବୁଦ୍ଧ, ଭଗବାନ ମହାବୀର ଇତ୍ୟାଦି। ସେହିପରି ଶକୁନ୍ତଳା ନାଟକରେ ବି କୁହାଯାଇଛି — **'ଅଥ ଭଗବାନ୍ କୁଶଳୀ କାଶ୍ୟପଃ'** (ଶ.୫)।

ଛାନ୍ଦୋଗ୍ୟ ଉପନିଷଦରେ ନାରଦ-ସନତ୍‌କୁମାର ପ୍ରକରଣରେ ନାରଦ ମୁନି ସନତ୍‌କୁମାରଙ୍କୁ ବାରମ୍ବାର ଭଗବାନ୍ ବୋଲି ସମ୍ବୋଧନ କରିଛନ୍ତି । **'ଅଧୀହି ଭଗବ ଇତି ହୋପସସାଦ ସନତ୍‌କୁମାରଂ ନାରଦଃ'** (ଛାନ୍ଦୋଗ୍ୟ. ୭:୧:୧) **—** ଥରେ ନାରଦମୁନି ସନତ୍ କୁମାରଙ୍କ ନିକଟରେ ପହଞ୍ଚି କହିଲେ, 'ହେ ଭଗବନ୍ ! ଜ୍ଞାନ ପ୍ରାପ୍ତି ଆଶାରେ ମୁଁ ଆପଣଙ୍କ ନିକଟକୁ ଆସିଛି । ମୋତେ ଜ୍ଞାନ ଦିଅନ୍ତୁ ।' ନାରଦ କ'ଣ ପଢ଼ିଛନ୍ତି ବୋଲି ସନତ୍‌କୁମାର ପଚାରିବାରୁ ନାରଦ ଯାହା-ଯାହା ଶାସ୍ତ୍ର ପଢ଼ିଥିଲେ ସେସବୁର ନାମ କହି ତଦନନ୍ତର କହିଲେ **— 'ସୋଽହଂ ଭଗବୋ ମନ୍ତ୍ରବିଦେବାସ୍ମି ନାତ୍ମବିଚ୍ଛ୍ରୁତଂ ହ୍ୟେବ ମେ ଭଗବଦ୍‌ଦୃଶେଭ୍ୟସ୍ତରତି ଶୋକମାତ୍ମବିଦିତି । ସୋଽହଂ ଭଗବଃ ଶୋଚାମି ତଂ ମା ଭଗବାଚ୍ଛୋକସ୍ୟ ପାରଂ ତାରୟତ୍ୱିତି ।'** (ଛାନ୍ଦୋଗ୍ୟ. ୭:୧:୩)**—** ହେ ଭଗବନ୍ ! ଏସବୁ ପୁସ୍ତକ ପଢ଼ି ମୁଁ 'ମନ୍ତ୍ରବିତ୍' ବା କେବଳ ମୂଳମନ୍ତ୍ରର ଜ୍ଞାତା ହୋଇପାରିଛି; କିନ୍ତୁ 'ଆତ୍ମବିତ୍' ଅର୍ଥାତ୍ ଜୀବାତ୍ମା ଓ ପରମାତ୍ମାଙ୍କ ସାକ୍ଷାତକର୍ତ୍ତା ହୋଇପାରିନି । ମୋତେ ଶବ୍ଦ-ଜ୍ଞାନ ତ ହୋଇଛି; କିନ୍ତୁ ଆତ୍ମଜ୍ଞାନ ହୋଇପାରିନାହିଁ । ହେ ଭଗବନ୍ ! ଆପଣଙ୍କ ଭଳି ମହାତ୍ମାମାନଙ୍କଠାରୁ ଶୁଣିଛି ଯେ **'ତରତି ଶୋକମ୍ ଆତ୍ମବିତ୍'** ଅର୍ଥାତ୍ ଆତ୍ମଜ୍ଞାନୀ ଦୁଃଖ-ସାଗରରୁ ପାର ହୋଇଯାଏ । ହେ ଭଗବନ୍ ! ମୁଁ ଶୋକସାଗରରେ ମଗ୍ନ ହୋଇଚାଲିଛି । ଆପଣ ମୋତେ ଏଥିରୁ ଉଦ୍ଧାର କରନ୍ତୁ ।

ଥରେ ତ ମୁଁ 'ଭଗବାନ' ଶବ୍ଦର ଏକ ବିଚିତ୍ର ବ୍ୟାଖ୍ୟା ଶୁଣିଥିଲି । ସେମିଳିଗୁଡ଼ା ପ୍ରେସ୍ କ୍ଲବ୍ ପକ୍ଷରୁ ନିମନ୍ତ୍ରିତ ହୋଇ 'ଆତ୍ମଘୋଷିତ ଭଗବାନ ଆମ ଅନ୍ଧବିଶ୍ୱାସର ଦୁଷ୍ପରିଣାମ' ବିଷୟରେ ବିଚାର ରଖିବା ପାଇଁ ନଭେମ୍ବର ୨୦୧୫ରେ ମୁଁ ତାଙ୍କ ଉତ୍ସବକୁ ଯାଇଥିଲି । ଆଉ କିଛି ଅତିଥି ମଧ୍ୟ ମଞ୍ଚକୁ ନିମନ୍ତ୍ରିତ ହୋଇଥାନ୍ତି । ପ୍ରତ୍ୟେକେ ନିଜ-ନିଜ ବିଚାର ବ୍ୟକ୍ତ କରୁଥାନ୍ତି । ସ୍ଥାନୀୟ ଗୋଟିଏ ରାଜଯୋଗ କେନ୍ଦ୍ରର ସଞ୍ଚାଳିକା ମଧ୍ୟ ବକ୍ତବ୍ୟ ରଖିଲେ । ସେ ମହୋଦୟା କହିଲେ — "ଭଗବାନଙ୍କୁ ପାଇବାକୁ ହେଲେ ପ୍ରଥମେ ଭଗବାନଙ୍କୁ ଚିହ୍ନିବାକୁ ପଡ଼ିବ । ଭଗବାନ ସଂସାରକୁ ଆସି ସାରିଛନ୍ତି । ଆମେ ତାଙ୍କୁ ଚିହ୍ନିପାରୁନାହେଁ । ଭଗବାନ କିଏ ସେ କଥା କେମିତି ଜାଣିବା ? 'ଭଗ'ର ଅର୍ଥ ଯୋନି । 'ବାନ'ର ଅର୍ଥ ରହିତ । ଯିଏ ଯୋନି-ରହିତ ଅର୍ଥାତ୍ ଯୋନିର ସଂପର୍କରେ ଆସନ୍ତି ନାହିଁ, ଯୋନି ଦେଇ ପ୍ରବେଶ କରନ୍ତି ନାହିଁ କି ଯୋନି ଦେଇ ବହିର୍ଗତ ହୁଅନ୍ତି ନାହିଁ, ଅଯୋନି-ସମ୍ଭୂତ; ସିଏ ହେଲେ ଭଗବାନ ।"

ତାଙ୍କ କଥା ଶୁଣିବା ପରେ ଜଣେ ବ୍ୟକ୍ତି ମୋତେ ୨ଟି ପ୍ରଶ୍ନ ପଚାରିଲେ । ପ୍ରଥମ ପ୍ରଶ୍ନ ଥିଲା — 'ଭଗବାନ ଯଦି ଯୋନିର ସଂପର୍କରେ ଆସନ୍ତି ନାହିଁ ତେବେ ସେ କେଉଁପଟ ଦେଇ ପ୍ରବେଶ କରନ୍ତି ଓ କେଉଁପଟ ଦେଇ ବହିର୍ଗତ ହୁଅନ୍ତି ?' ମୁଁ ଉତ୍ତର ଦେଲି — 'ମୁଁ ତ ଏମିତି ଭଗବାନଙ୍କୁ ଜାଣିନି ଯିଏ କି ଅନ୍ୟ କୋଉ ପଟେ ପଶୁଥିବେ ଓ ବାହାରୁଥିବେ । ଏକଥା ସେହି ସଞ୍ଚାଳିକାଙ୍କୁ ହିଁ ପଚାରନ୍ତୁ । ସିଏ ଜାଣିଥିବେ ଯେ ତାଙ୍କ ଭଗବାନ ମଣିଷ ଶରୀରରେ କୋଉ ପଟେ ପଶନ୍ତି ଓ କୋଉ ପଟୁ ବାହାରନ୍ତି ।' ସେ ବ୍ୟକ୍ତିଙ୍କର ଦ୍ୱିତୀୟ ପ୍ରଶ୍ନ ଥିଲା — 'ବାନ' ଶବ୍ଦର ବାସ୍ତବିକ ଅର୍ଥ 'ରହିତ' କି ?" ମୁଁ ଉତ୍ତର ଦେଲି— "ମୁଁ ସଂସ୍କୃତର ପାଣିନୀୟ ବ୍ୟାକରଣରେ ପଢ଼ିଛି ଯେ **— 'ତଦସ୍ୟାସ୍ତ୍ୟସ୍ମିନ୍ନିତି ମତୁପ୍'** (ଅଷ୍ଟା. ୫:୨:୯୪)**—** ଯୁକ୍ତ, ସମ୍ପନ୍ନ ଅର୍ଥରେ ଶବ୍ଦରେ 'ମତୁପ୍' ପ୍ରତ୍ୟୟ ହୁଏ । 'ମତୁପ୍'ର ମତ୍ ଶେଷ ରହେ । ତଦନୁସାରେ ଧୀ ସମ୍ପନ୍ନ ହେଲେ ଧୀମାନ୍, ଶ୍ରୀ ସମ୍ପନ୍ନ ହେଲେ ଶ୍ରୀମାନ୍, ମତି ସମ୍ପନ୍ନ ହେଲେ ମତିମାନ୍ ଆଦି ହୁଏ । **'ମାଦୁପଧାୟାଶ୍ଚ ମତୋର୍ବୋଽୟବାଦିଭ୍ୟଃ'** (ଅଷ୍ଟା. ୮:୨:୯)**—** ଯଦି ଶବ୍ଦର ଅନ୍ତରେ ବା ଉପଧାରେ ଅ, ଆ ବା ମ୍ ଥାଏ ତେବେ 'ମତ୍' କୁ 'ବତ୍' ହୋଇଯାଏ । ଯଥା—ଜ୍ଞାନ ଥିଲେ ଜ୍ଞାନବାନ୍, ବିଦ୍ୟା ଥିଲେ ବିଦ୍ୟାବାନ୍ ଆଦି । ସେହପରି ଭଗ ଶବ୍ଦରେ ମତୁପ୍ ପ୍ରତ୍ୟୟ ଯୋଗ ହେଲେ ଭଗବାନ ଶବ୍ଦ ହୁଏ । ଅର୍ଥାତ୍ ଯାହାର ଭଗ ଅଛି ସିଏ ଭଗବାନ । ସଂସ୍କୃତ ବ୍ୟାକରଣ ଅନୁସାରେ ଆଧିକ୍ୟ, ବାହୁଲ୍ୟ, ଶ୍ରେଷ୍ଠତା ଆଦି ଅର୍ଥରେ ମତୁପ୍ ପ୍ରତ୍ୟୟ ହୁଏ । ଓଡ଼ିଆ ବ୍ୟାକରଣାନୁସାରେ ମଧ୍ୟ ଏହି ଅର୍ଥରେ ହିଁ ମାନ, ବାନ ଯୋଗ ହୁଏ । ଆଉ ଏ ମହୋଦୟା ଯେଉଁ କଥା କହିଲେ ଯେ 'ବାନ' ଅର୍ଥ ରହିତ, ଏଇଟା ବୋଧ ଏମାନଙ୍କ ସଂସ୍ଥା

ତରଫରୁ ରଚିତ ଓ ପ୍ରକାଶିତ ନୂଆ ବ୍ୟାକରଣ ! ଏ ବ୍ୟାକରଣ ତ କୌଣସି ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟରେ ପଢ଼ାଯାଉନାହିଁ। ହଁ, ମୂର୍ଖତା ବିତରଣ ପାଇଁ ଉଦ୍ଦିଷ୍ଟ କୌଣସି ବିଦ୍ୟାଳୟ ଯଦି ଏମାନଙ୍କର ଥିବ, ଆଉ ସେଥିରେ ଯଦି ଏଭଳି ବ୍ୟାକରଣ ଜ୍ଞାନ(ଅଜ୍ଞାନ) ଶିଖାଯାଉଥିବ ତେବେ ସେ କଥା ଭିନ୍ନ। ମୁଁ ଏଭଳି ବ୍ୟାକରଣ ପଢ଼ିନି କି କୌଣସି ଭାଷାକୋଷରେ ଏଭଳି ଅର୍ଥ ପଢ଼ିନି। ଆଉ ଯଦି ଏମାନଙ୍କ ପ୍ରଦତ୍ତ ଅର୍ଥ ଅନୁସାରେ 'ବାନ' ଯୁକ୍ତ ଶବ୍ଦର ଅର୍ଥ କରାଯାଏ ତେବେ ବଳବାନ୍ ତାକୁ କୁହାଯିବ ଯାହାକୁ ୪ଜଣ ଧରିଲେ ଯାଇ ସେ ଉଠିପାରୁଥିବ, ଧନବାନ୍ ତାକୁ କୁହାଯିବ ଯା' ପାଖରେ କାଣି-କଉଡ଼ିଟିଏ ନଥିବ, ଭିକ ମାଗି ଚଳୁଥିବ; ବିଦ୍ୟାବନ୍ ତାକୁ କୁହାଯିବ ଯାହାକୁ ବିଧେ ମାରିଲେ ପଦେ ଆସୁନଥିବ। ଆଉ ସବୁଠୁ ବଡ଼ କଥା ହେଲା ଯେ ଶବ୍ଦଶାସ୍ତ୍ର ସଂପର୍କରେ ଏଭଳି ସାଧାରଣ ଜ୍ଞାନ ମଧ୍ୟ ନଥିବା ଲୋକେ ଆଧ୍ୟାତ୍ମିକ କେନ୍ଦ୍ର ଖୋଲି ଲୋକଙ୍କୁ କି ଆଧ୍ୟାତ୍ମିକ ଶିକ୍ଷା ଦେଉଥିବେ ? ଏମାନେ ପରମାତ୍ମାଙ୍କ ସହ ଜୀବାତ୍ମାକୁ ଯୋଗ କରାଉଥିବେ ନା ପରମାତ୍ମାଙ୍କଠୁ ଆତ୍ମାର ବିଯୋଗର ରାସ୍ତା ବତାଉଥିବେ ଏହା ଅନୁମେୟ। ଏଭଳି ଧର୍ମ-ପ୍ରବଞ୍ଚକଙ୍କ କବଳରୁ ସାଧାରଣ ଜନତାଙ୍କୁ ପରମାତ୍ମା ରକ୍ଷା କରନ୍ତୁ, ଏତିକି ପ୍ରାର୍ଥନା।"

**ପ୍ର.କ. —** ତେବେ ଆପଣଙ୍କ କହିବା କଥା ହେଲା ଯେ 'ଭଗବାନ' ଅର୍ଥ ଭଗ ବା ଐଶ୍ୱର୍ଯ୍ୟବାନ୍; କିନ୍ତୁ 'ଭଗବାନ୍'ର ଅର୍ଥ ପରମାତ୍ମା ବା ପରଂବ୍ରହ୍ମ ନୁହେଁ।

**ସ୍ୱାମୀଜୀ —** ଠିକ୍। ମନେକର ଜଣେ ବ୍ୟକ୍ତି ପ୍ରଶାସନିକ ଅଧିକାରୀ ଅଟନ୍ତି। ପ୍ରଶାସନ କରୁଥିବାରୁ ତାଙ୍କୁ ପ୍ରଶାସକ ମଧ୍ୟ କୁହାଯାଏ। ମନେକର ସିଏ କବିତା ବି ଲେଖନ୍ତି। ତେଣୁ ତାଙ୍କୁ କବି ମଧ୍ୟ କୁହାଯାଏ। ଆଉ ଜଣେ ବ୍ୟକ୍ତି ବ୍ୟବସାୟ କରନ୍ତି। ଏଣୁ ସିଏ ଜଣେ ବ୍ୟବସାୟୀ। ସିଏ ବି କବିତା ଲେଖନ୍ତି। ଏଣୁ ତାଙ୍କୁ ମଧ୍ୟ କବି କୁହାଯାଏ। ଆଉ ଜଣେ ବ୍ୟକ୍ତି ଭଲ ଖେଳନ୍ତି। ତାଙ୍କୁ ଖେଳାଳି କୁହାଯାଏ। ସିଏ ବି କବିତା ଲେଖନ୍ତି। ତେଣୁ ତାଙ୍କୁ ବି କବି କୁହାଯିବ। ମନେକର କୌଣସି କବି ସମ୍ମିଳନୀରେ ଏ ତିନିହେଁ ଯୋଗ ଦେଇଛନ୍ତି। ପ୍ରଶାସନିକ ଅଧିକାରୀ କବିତା ପାଠ କରିବା ସମୟରେ କାର୍ଯ୍ୟକ୍ରମର ସଂଯୋଜକ ଶ୍ରୋତାଙ୍କୁ ତାଙ୍କ ପରିଚୟ ଦେଇ କହିଲେ — 'ବର୍ତ୍ତମାନ କବିତା ପଢୁଥିବା କବି ଜଣେ ଉଚ୍ଚ ପ୍ରଶାସକ। ପ୍ରଶାସନର ବ୍ୟସ୍ତତା ସତ୍ତ୍ୱେ କବିତା ପ୍ରତି ଦୁର୍ବଳତା ଯୋଗୁଁ ସେ କବିତା ପାଇଁ ମଧ୍ୟ ସମୟ ଦିଅନ୍ତି।' ତା' ପରେ ବ୍ୟବସାୟୀ କବିତା ପଢ଼ିବା ସମୟରେ ସଂଯୋଜକ ଶ୍ରୋତାଙ୍କୁ ପରିଚୟ କରାଇଲେ — 'ଏ କବି ଜଣେ ବ୍ୟସ୍ତ ବ୍ୟବସାୟୀ। ତଥାପି କବିତା ପ୍ରୀତି ଯୋଗୁଁ ଏ ଦିଗରେ ସମୟ ବାହାର କରୁଛନ୍ତି।' ସେହିପରି ଧରାଯାଉ ଖେଳାଳି ଜଣକ କବିତା ପାଠ କରିବା ସମୟରେ ତାଙ୍କ ପରିଚୟ ବି ଦିଆଗଲା — 'ଏ କବି ଜଣେ ଭଲ ଖେଳାଳି।' ଏକଥା ଶୁଣି ଯଦି କେହି ଶ୍ରୋତା ବୁଝିଯାଆନ୍ତି ଯେ 'କବି' ଅର୍ଥ ପ୍ରଶାସକ ବା ବ୍ୟବସାୟୀ କିମ୍ବା ଖେଳାଳି ବୋଲି, ତେବେ ତାହା ଠିକ୍ ହେବ ନା ଭୁଲ୍ ହେବ ?

**ପ୍ର.କ. —** ଭୁଲ୍ ହେବ। କାରଣ 'କବି'ର ଅର୍ଥ ପ୍ରଶାସକ କି ବ୍ୟବସାୟୀ କି ଖେଳାଳି ନୁହେଁ। 'କବି'ର ଅର୍ଥ କବିତା ରଚନାକାରୀ।

**ସ୍ୱାମୀଜୀ —** ଠିକ୍ କଥା। ଯେଉଁପରି 'କବି'ର ଅର୍ଥ କବିତା ରଚନାକାରୀ। କେବଳ କବିତା ରଚନା ଦୃଷ୍ଟିରୁ ତାଙ୍କର ଏ ପରିଚୟ, ଅନ୍ୟ ଗୁଣ-କର୍ମ ଦୃଷ୍ଟିରୁ ନୁହେଁ। ଅନ୍ୟ ବୃତ୍ତି ଦୃଷ୍ଟିରୁ ସେ ବ୍ୟକ୍ତି ପ୍ରଶାସକ, ଚିକିତ୍ସକ, ବ୍ୟବସାୟୀ, କୃଷକ, ଶ୍ରମିକ ଆଦି ଯାହା ବି ହୋଇପାରେ। କବିତା ରଚନା କରୁଥିଲେ ପ୍ରଶାସକ ବି କବି, ଚିକିତ୍ସକ ବି କବି, ବ୍ୟବସାୟୀ ବି କବି ଆଦି। ସେହିପରି 'ଭଗବାନ'ର ଅର୍ଥ ଐଶ୍ୱର୍ଯ୍ୟବାନ୍, ଦିବ୍ୟ ଗୁଣ-କର୍ମ-ସ୍ୱଭାବ ସମ୍ପନ୍ନ ଆଦି। ତେଣୁ ପରମେଶ୍ୱର ବି ଭଗବାନ ଅଟନ୍ତି, ମହାନ୍ ବ୍ୟକ୍ତି ବି ଭଗବାନ ଅଟନ୍ତି।

**ପ୍ର.କ. —** ଆପଣ କହିଲେ ଯେ ଯିଏ କବିତା ଲେଖନ୍ତି, ସିଏ କବି। ଯଦି ମୋ ଭିତରେ ପ୍ରତିଭା ଅଛି କବିତା ଲେଖିବାର, ତା' ହେଲେ ମୁଁ ମଧ୍ୟ କବିତା ଲେଖିପାରିବି, ମୁଁ ମଧ୍ୟ କବି ହୋଇପାରିବି, ମୋର ଅନ୍ୟ ଯାହା ବୃତ୍ତି ଥାଉ ପଛକେ। ସେହିପରି ଆପଣ କହିଲେ ଯେ ଭଗବାନଙ୍କର ମୁଖ୍ୟତଃ ଛଅଟି ଗୁଣ ଥାଏ – ପ୍ରଭୁତ୍ୱ,

ପରାକ୍ରମ, ଯଶ, ଶ୍ରୀ, ଜ୍ଞାନ ଓ ବୈରାଗ୍ୟ। ମୋର ପ୍ରଶ୍ନ ହେଲା ଯେ ମୁଁ ଯଦି ଏ ଛଅଟି ଗୁଣ ଅର୍ଜନ କରିଦିଏ ତେବେ ମୁଁ ବି କ'ଣ ଭଗବାନ ହୋଇପାରିବି ? ଅଥବା ଯେ କୌଣସି ଲୋକ ଯଦି ଏ ଛଅଟା ଗୁଣର ଅଧିକାରୀ ହେଲେ ସେ ଭଗବାନ ହୋଇପାରିବ କି ?

**ସ୍ୱାମୀଜୀ** — ପ୍ରତ୍ୟେକ ବ୍ୟକ୍ତି ଭଗବାନ ହୋଇପାରିବେ। ଯେ କୌଣସି ବ୍ୟକ୍ତିଙ୍କ ଭିତରକୁ ଏ ଛଅଟି ଗୁଣ ଆସିବ, ଯିଏ ବି ପରିଶ୍ରମ-ପୁରୁଷାର୍ଥ ପୂର୍ବକ ଦିବ୍ୟ ଗୁଣ-କର୍ମ-ସ୍ୱଭାବ ଅର୍ଜନ କରିବେ, ମହାନ୍ ବ୍ୟକ୍ତିତ୍ୱର ଅଧିକାରୀ ହେବେ ସିଏ ଭଗବାନ ପଦବାଚ୍ୟ ହେବେ। ଯେମିତିକି ମୁଁ ପୂର୍ବରୁ କହିଲି ରାମ, କୃଷ୍ଣ, ବ୍ୟାସ, ବଶିଷ୍ଠ, କପିଳ, କଣାଦ, ପତଞ୍ଜଳି, ବୁଦ୍ଧ, ମହାବୀର, ଶଙ୍କରାଚାର୍ଯ୍ୟ, ଦୟାନନ୍ଦ ପ୍ରମୁଖ ଭଗବାନ ପଦବାଚ୍ୟ ହୋଇଛନ୍ତି। କିନ୍ତୁ ଏମାନେ କେହି ପରଂବ୍ରହ୍ମ, ପରମାତ୍ମା, ଈଶ୍ୱର ନୁହନ୍ତି। କାରଣ **ମଣିଷ କେବେ ବି ଈଶ୍ୱର ହୋଇପାରେ ନାହିଁ କି ଈଶ୍ୱର କେବେ ବି ମଣିଷ ହୁଅନ୍ତି ନାହିଁ।**

ଅତଏବ ଆମେ ବିସ୍ତୃତ ରୂପେ ବିଚାର କଲେ ଯେ ଭଗବାନ କାହାକୁ କହନ୍ତି ଓ କାହିଁକି ? କୃଷ୍ଣ ଜଣେ ମହାପୁରୁଷ। ଏଣୁ ଏ ଦୃଷ୍ଟିରୁ ଭଗବାନ ମଧ୍ୟ। ଆଉ ଯଦି କେହି କହନ୍ତି ଯେ କୌଣସି ପୁସ୍ତକରେ କୃଷ୍ଣଙ୍କୁ ପରଂବ୍ରହ୍ମ ବୋଲି ଉଦ୍ଦେଶ୍ୟ କରି ଭଗବାନ ବୋଲି କୁହାଯାଇଛି, ତେବେ ତାହା ଭୁଲ୍ କଥା। କାରଣ ଯେତେ ଗ୍ରନ୍ଥ ଅଛି ସେସବୁକୁ ଋଷିମାନେ ୨ ଭାଗରେ ବିଭକ୍ତ କରିଛନ୍ତି — ୧. ସ୍ୱତଃପ୍ରମାଣ ଓ ୨. ପରତଃପ୍ରମାଣ। ସ୍ୱତଃପ୍ରମାଣର ଅର୍ଥ ଯାହା ନିଜେ ହିଁ ପ୍ରମାଣ, ଯାହାର ପ୍ରାମାଣିକତା ପାଇଁ ଅନ୍ୟ ଗ୍ରନ୍ଥର ପ୍ରମାଣ ଆବଶ୍ୟକ ନାହିଁ। ଯେମିତିକି ସୂର୍ଯ୍ୟ ଓ ପ୍ରଦୀପ। ଆକାଶରେ ସୂର୍ଯ୍ୟ ଅଛି ନା ନାହିଁ ତାହା ଟର୍ଚ୍ଚ ମାରି ଦେଖିବାକୁ ପଡ଼େ ନାହିଁ। ଦୀପ ଜଳୁଛି ନା ନାହିଁ ତାକୁ ଜାଣିବା ପାଇଁ ମଧ୍ୟ ଅନ୍ୟ ପ୍ରମାଣ ଆବଶ୍ୟକ ନାହିଁ। ଏମାନେ ନିଜେ ନିଜକୁ ପ୍ରମାଣିତ କରନ୍ତି। ପରତଃ ପ୍ରମାଣ ହେଲା ଯାହାର ପ୍ରାମାଣିକତା ଅନ୍ୟ ପ୍ରମାଣର ଅପେକ୍ଷା ରଖେ। ଯେମିତିକି ଅନ୍ୟ ବସ୍ତୁର ବିଦ୍ୟମାନତା କି ଅବିଦ୍ୟମାନତା ଜାଣିବା ପାଇଁ ଆଲୋକ ରୂପକ ପ୍ରମାଣ ଆବଶ୍ୟକ ପଡ଼ିଥାଏ। ଏଇଟା ରସି ନା ସାପ ଆଲୋକ ଦ୍ୱାରା ଜଣାଯାଇଥାଏ। ବେଦ ଈଶ୍ୱରୀୟ ଜ୍ଞାନ ହୋଇଥିବାରୁ ଭାରତୀୟ ଆର୍ଷ ପରମ୍ପରାରେ ଗ୍ରନ୍ଥ ଦୃଷ୍ଟିରୁ ତାକୁ ସ୍ୱତଃପ୍ରମାଣ ରୂପେ ସ୍ୱୀକାର କରାଯାଇଛି। ଆଦି ଶଙ୍କରାଚାର୍ଯ୍ୟ ବ୍ରହ୍ମସୂତ୍ରର ଭାଷ୍ୟରେ ଲେଖିଛନ୍ତି — **'ମହତ ଋଗ୍‌ବେଦାଦେଃ ଶାସ୍ତ୍ରସ୍ୟାନେକ ବିଦ୍ୟାସ୍ଥାନୋପବୃଂହିତସ୍ୟ ପ୍ରଦୀପବତ୍ ସର୍ବାର୍ଥାବଦ୍ୟୋତିନଃ ସର୍ବଜ୍ଞକଳ୍ପସ୍ୟ ଯୋନିଃ କାରଣଂ ବ୍ରହ୍ମ। ନ ହୀଦୃଶସ୍ୟର୍ଗବେଦାଦିଲକ୍ଷଣସ୍ୟ ସର୍ବଜ୍ଞଗୁଣାନ୍ୱିତସ୍ୟ ସର୍ବଜ୍ଞାଦନ୍ୟତଃ ସମ୍ଭବୋଽସ୍ତି।'** (ବେଦାନ୍ତ. ଶାଙ୍କରଭାଷ୍ୟ. ୧:୧:୩)— ମହାନ୍ ଋଗ୍‌ବେଦାଦି ୪ ବେଦ ଅନେକ ବିଦ୍ୟାରେ ଯୁକ୍ତ, ସୂର୍ଯ୍ୟ ସମ ସମସ୍ତ ସତ୍ୟ ଅର୍ଥର ପ୍ରକାଶକ। ଏ ଜ୍ଞାନର ମୂଳାଧାର, ରଚୟିତା ନିଶ୍ଚିତ ରୂପେ ସର୍ବଜ୍ଞତ୍ୱାଦି ଗୁଣଯୁକ୍ତ ପରଂବ୍ରହ୍ମ ଅଟନ୍ତି। କାରଣ ସର୍ବଜ୍ଞ ପରଂବ୍ରହ୍ମଙ୍କ ବ୍ୟତିରେକ ଅନ୍ୟ କୌଣସି ଜୀବ ସକଳ ଜ୍ଞାନ-ବିଜ୍ଞାନର ମୂଳାଧାର ଏହି ବେଦ ସୃଜନ କରିବା ସମ୍ଭବ ନୁହେଁ। ଅନ୍ୟ ସମସ୍ତ ଗ୍ରନ୍ଥ ପରତଃପ୍ରମାଣ। ଅନ୍ୟ ସମସ୍ତ ଗ୍ରନ୍ଥର କଥନ ବେଦାନୁକୂଳ ହେଲେ ପ୍ରମାଣିକ ଓ ଅନ୍ୟଗ୍ରନ୍ଥର ଯାହା ଯାହା କଥା ବେଦର ବିରୁଦ୍ଧ ତାହା ଅପ୍ରାମାଣିକ। ଈଶ୍ୱରୀୟ ଜ୍ଞାନ ବେଦ ହେଲା ଶ୍ରୁତି। ମନୁଷ୍ୟଙ୍କ ଦ୍ୱାରା ରଚିତ ଗ୍ରନ୍ଥ ହେଲା ସ୍ମୃତି। ଯଥା- ମନୁସ୍ମୃତି ଆଦି। ମୀମାଂସା ଦର୍ଶନରେ ମହର୍ଷି ଜୈମିନି ସ୍ୱଷ୍ଟ ଉଲ୍ଲେଖ କରିଛନ୍ତି — **'ବିରୋଧେ ତ୍ୱନପେକ୍ଷଂ ସ୍ୟାଦସତି ହ୍ୟନୁମାନମ୍'** (ମୀମାଂସା. ୧:୩:୩) — ଶ୍ରୁତି-ସ୍ମୃତିର କୌଣସି କଥନ ମଧ୍ୟରେ ବିରୋଧ ଦେଖାଦେଲେ ସ୍ମୃତିର ସେ କଥନ ଅପ୍ରାମାଣିକ ଅଟେ, ସ୍ୱୀକାରଯୋଗ୍ୟ ନୁହେଁ। ସର୍ବଦା ଶ୍ରୁତିର କଥନ ହିଁ ପ୍ରାମାଣିକ। ସ୍ମୃତିର ଯେଉଁ କଥନ ଶ୍ରୁତିର କଥନର ଅବିରୁଦ୍ଧ, ବେଦର ଅନୁକୂଳ ତାହା ହିଁ ପ୍ରାମାଣିକ, ସ୍ୱୀକାରଯୋଗ୍ୟ। ଜାବାଲ ସ୍ମୃତିରେ ବି କୁହାଯାଇଛି — **'ଶ୍ରୁତିସ୍ମୃତିବିରୋଧ ତୁ ଶ୍ରୁତିରେବ ଗରୀୟସୀ'**— ଶ୍ରୁତି ବା ବେଦର କଥନ ଓ ଅନ୍ୟ ପୁସ୍ତକର କଥନ ଭିତରେ କୌଣସି ସମୟରେ କୌଣସି ବିରୋଧ ସୃଷ୍ଟି ହେଲେ ଶ୍ରୁତି ବା ବେଦର କଥନ ହିଁ ଅନ୍ତିମ ପ୍ରାମାଣିକ।

ଅତଏବ କୌଣସି ସିଦ୍ଧାନ୍ତ ସଂପର୍କରେ ସଂଶୟ

ଉପସ୍ଥିତ ହେଲେ ତା'ର ନିରାକରଣର ଅନ୍ତିମ ଓ ପ୍ରକୃଷ୍ଟ ସାଧନ ହେଲା ଶ୍ରୁତି ବା ବେଦ। ଶ୍ରୀକୃଷ୍ଣ ମହାପୁରୁଷ। ତେଣୁ ଭଗବାନ ଅଟନ୍ତି ଏକଥା ତ ଆମେ ଆଲୋଚନା କଲେ। କିନ୍ତୁ ଯେଉଁମାନେ କହୁଛନ୍ତି ଯେ ଶ୍ରୀକୃଷ୍ଣଙ୍କୁ ଭଗବାନ କୁହାଯିବା ଅର୍ଥ ସେ ପରମାତ୍ମା, ପରଂବ୍ରହ୍ମ ଅଟନ୍ତି ଅଥବା ଯେଉଁ ପୁସ୍ତକରେ ଶ୍ରୀକୃଷ୍ଣ ପରଂବ୍ରହ୍ମ ବୋଲି ଲେଖାଯାଇଛି ସେ କଥା କେତେ ସତ କେତେ ମିଛ ତାହା ବେଦ ଦ୍ୱାରା ପରୀକ୍ଷା କରିବା। ବେଦରେ ପରଂବ୍ରହ୍ମଙ୍କ ଲକ୍ଷଣ ଦିଆଯାଇଛି, ସ୍ୱରୂପ ବିବେଚନା କରାଯାଇଛି, କିଏ ପରଂବ୍ରହ୍ମ ସେକଥା ଭଲ ଭାବେ ବୁଝାଇ ଦିଆଯାଇଛି ଯଜୁର୍ବେଦର ୪୦ ଅଧ୍ୟାୟର ୮ମ ମନ୍ତ୍ରରେ —

**ସ ପର୍ୟଗାଚ୍ଛୁକ୍ରମକାୟମବ୍ରଣମସ୍ନାବିରଂ ଶୁଦ୍ଧମପାପବିଦ୍ଧମ୍। କବିର୍ମନୀଷୀ ପରିଭୂଃ ସ୍ୱୟମ୍ଭୂର୍ୟାଥାତଥ୍ୟତୋଽର୍ଥାନ୍ ବ୍ୟବଧାଚ୍ଛାଶ୍ୱତୀଭ୍ୟଃ ସମାଭ୍ୟଃ ॥** (ଯଜୁଃ. ୪୦:୮)

ଈଶ୍ୱର, ପରଂବ୍ରହ୍ମ ସର୍ବବ୍ୟାପକ ଅଟନ୍ତି। ନ୍ୟାୟଦର୍ଶନର ୮ ପ୍ରମାଣ ମଧ୍ୟରୁ ଗୋଟିଏ ପ୍ରମାଣ ହେଉଛି ଅର୍ଥାପତ୍ତି। ସେହି ଅର୍ଥାପତ୍ତି ଅନୁସାରେ ବେଦର ଏହି କଥନରୁ ଜଣାଗଲା ଯେ ଯିଏ ସର୍ବବ୍ୟାପକ ନୁହଁନ୍ତି, ସିଏ ପରମାତ୍ମା ନୁହନ୍ତି। ଏଣୁ ଶ୍ରୀକୃଷ୍ଣ ପରମାତ୍ମା ନୁହନ୍ତି। ଯେହେତୁ କି ଶ୍ରୀକୃଷ୍ଣ ସର୍ବବ୍ୟାପକ ନଥିଲେ, ଏକା ସମୟରେ ସବୁଠି ରହିପାରୁନଥିଲେ। ଗୋପରେ ଥିବା ସମୟରେ ମଥୁରାରେ ନଥିଲେ, ମଥୁରାରେ ଥିବା ସମୟରେ ଗୋପ ପୁରରେ ନଥିଲେ। ଏଣୁ ଆବଶ୍ୟକତାନୁସାରେ ତାଙ୍କୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଗମନ କରିବାକୁ ପଡୁଥିଲା। ଈଶ୍ୱର ସର୍ବବ୍ୟାପକ ହୋଇଥିବାରୁ ତାଙ୍କୁ କେଉଁଠାକୁ ଯିବା-ଆସିବାକୁ ପଡ଼େ ନାହିଁ।

ମୁଁ ନ୍ୟାୟଦର୍ଶନର ଯେଉଁ ଅର୍ଥାପତ୍ତି ପ୍ରମାଣ କଥା କହିଲି ସେ ଅର୍ଥାପତ୍ତିର ଅର୍ଥ ହେଲା — **'ଅର୍ଥାଦାପତ୍ତିରର୍ଥାପତ୍ତିଃ। ଆପତ୍ତିଃ ପ୍ରାପ୍ତିଃ ପ୍ରସଙ୍ଗଃ। ଯତ୍ରାଽଭିଧୀୟମାନେଽର୍ଥେ ଯୋଽନ୍ୟୋଽର୍ଥଃ ପ୍ରସଜ୍ୟତେ ସୋଽର୍ଥାପତ୍ତିଃ। ଯଥା ମେଘେଷ୍ୱସତ୍ସୁ ବୃଷ୍ଟିର୍ନ ଭବତୀତି। କିମତ୍ର ପ୍ରସଜ୍ୟତେ ? ସତ୍ସୁ ଭବତୀତି ॥'** (ନ୍ୟାୟ. ୨:୧:୧. ବାତ୍ସାୟନ ଭାଷ୍ୟ)— ଗୋଟିଏ କଥା କୁହାଗଲେ ତା'ର ବିପରୀତ ଥିବା କଥାଟି ସ୍ୱତଃ ଜଣାଯାଉଥିବାକୁ 'ଅର୍ଥାପତ୍ତି' କହନ୍ତି। ଯଥା- ମେଘ ନଥିଲେ ବର୍ଷା ହୁଏ ନାହିଁ' ବୋଲି କୁହାଗଲେ ଏଥିରୁ ଆପେ ଯେଉଁ ଅନ୍ୟ କଥାଟି ଜଣାଯାଏ ତାହା ହେଲା ଅର୍ଥାତ୍ 'ମେଘ ଥିଲେ ଯାଇ ବର୍ଷା ହୁଏ'।

ଏହି ମନ୍ତ୍ରରେ ଈଶ୍ୱରଙ୍କ ବିଷୟରେ ଆଉ ଗୋଟିଏ କଥା କୁହାଯାଇଛି ଯେ, ଈଶ୍ୱର 'ଅକାୟମ୍'। କାୟ ମାନେ ଶରୀର। ଏଣୁ 'ଅକାୟ' ମାନେ ଯାହାର ଶରୀର ନାହିଁ, ଯିଏ ଶରୀର ଧାରଣ କରନ୍ତି ନାହିଁ, ଜନ୍ମଗ୍ରହଣ କରନ୍ତି ନାହିଁ। ବେଦରେ କୁହାଯାଇଛି କି ଈଶ୍ୱର ଶରୀରଧାରଣ କରନ୍ତି ନାହିଁ। ଅର୍ଥାପତ୍ତି ଆଧାରରେ ଏଥିରୁ କ'ଣ ଜଣାଗଲା ? ଅର୍ଥାତ୍ ଯିଏ ଶରୀରଧାରଣ କରିଛନ୍ତି, ଜନ୍ମଗ୍ରହଣ କରିଛନ୍ତି ସିଏ ଈଶ୍ୱର ନୁହନ୍ତି। ଯେହେତୁ କୃଷ୍ଣ ଶରୀରଧାରଣ କରିଥିଲେ, ଜନ୍ମ ନେଇଥିଲେ; ତେଣୁ ବେଦର କଥନ ଅନୁସାରେ କୃଷ୍ଣ ଈଶ୍ୱର, ପରଂବ୍ରହ୍ମ ନୁହନ୍ତି। ଅତଏବ ନିଷ୍କର୍ଷ ହେଲା ଯେ କୃଷ୍ଣ ମହାପୁରୁଷ ବି, ଏବଂ ଭଗବାନ ମଧ୍ୟ। କିନ୍ତୁ କୃଷ୍ଣ ଈଶ୍ୱର, ପରଂବ୍ରହ୍ମ କି ପରମାତ୍ମା ନୁହନ୍ତି।

ଉପସ୍ଥାପନା

**ଡଃ. ଲଳିତମଞ୍ଜରୀ ସାହୁ**

**ଗାୟତ୍ରୀ ପାଣିଗ୍ରାହୀ**

❖❖❖

# ସ୍ୱସ୍ତିବାଚନ

ସ୍ୱାମୀ ସୁଧାନନ୍ଦ ସରସ୍ୱତୀ

**ସୁ + ଅସ୍ତି = ସ୍ୱସ୍ତି ।** 'ସ୍ୱସ୍ତି'ର ଅର୍ଥ ସୁଖ, କଲ୍ୟାଣ ବା ମଙ୍ଗଳ । 'ବାଚନ'ର ଅର୍ଥ ପାଠ ବା ଉଚ୍ଚାରଣ । କଲ୍ୟାଣ ବା ମଙ୍ଗଳ ପ୍ରାର୍ଥନାରେ ମନ୍ତ୍ରୋଚ୍ଚାରଣକୁ ସ୍ୱସ୍ତିବାଚନ କୁହାଯାଏ । ସ୍ୱସ୍ତିବାଚନରେ ସମ୍ମିଳିତ ବେଦମନ୍ତ୍ର ବୈଦିକ ସଂସ୍କୃତିର ମହାନତା, ଉଚ୍ଚାଶୟ, ଉଦାରତା, ପରୋପକାରପ୍ରିୟତା ତଥା ଦୟାଳୁତାର ପ୍ରତୀକ । ପ୍ରତ୍ୟେକ ବିଶିଷ୍ଟ ଅବସରରେ ଏହା ଦ୍ୱାରା ପ୍ରତ୍ୟେକଙ୍କ କଲ୍ୟାଣ ଓ ସୁଖ-ସମୃଦ୍ଧି କାମନା କରବା ପଦ୍ଧତି ବୈଦିକ ପରମ୍ପରାର ଏକ ଅଭିନ୍ନ ଅଙ୍ଗ ।

**ଅଗ୍ନିମୀଳେ ପୁରୋହିତଂ ଯଜ୍ଞସ୍ୟ ଦେବମୃତ୍ୱିଜମ୍ । ହୋତାରଂ ରତ୍ନଧାତମମ୍ ॥ ୧ ॥** (ଋକ୍. ୧:୧:୧)

**ପଦାର୍ଥ —(ପୁରୋହିତମ୍)** ସର୍ବାଗ୍ରଣୀ, ସୃଷ୍ଟିରଚନା ପୂର୍ବରୁ ବିଦ୍ୟମାନ, ସୃଷ୍ଟିର ଉପାଦାନ କାରଣର ଧାରକ, ସକଳ ଜଗତର ହିତସାଧକ, **(ଯଜ୍ଞସ୍ୟ ଦେବମ୍)** ସୃଷ୍ଟିଯଜ୍ଞର ତଥା ସକଳ ଶ୍ରେଷ୍ଠ କର୍ମର ପ୍ରକାଶକ, **(ଋତ୍ୱିଜମ୍)** ବସନ୍ତାଦି ଋତୁର ରଚୟିତା, ଋତୁ ଅନୁସାରେ ଅର୍ଥାତ୍ ଯଥାକାଳ ସମସ୍ତଙ୍କ ସୁଖ ସମ୍ପାଦକ, ପ୍ରତି ସମୟରେ ପୂଜନୀୟ, **(ହୋତାରମ୍)** ସକଳ ପ୍ରାଣୀଙ୍କୁ ଯୋଗ-କ୍ଷେମ ପ୍ରଦାତା, ପ୍ରଳୟରେ ସବୁ ପଦାର୍ଥକୁ କାରଣରେ ବିଲୀନକର୍ତ୍ତା, **(ରତ୍ନଧାତମମ୍)** ରମଣୀୟ ତାରା-ଗ୍ରହ-ଉପଗ୍ରହଯୁକ୍ତ ବ୍ରହ୍ମାଣ୍ଡ ତଥା ସୁବର୍ଣ୍ଣାଦି ଧନ-ରତ୍ନର ଧାରକ **(ଅଗ୍ନିମ୍)** ଜ୍ଞାନସ୍ୱରୂପ ପରମେଶ୍ୱରଙ୍କୁ **(ଈଡ଼େ)** ମୁଁ ସ୍ତୁତି କରୁଅଛି ।

**ଭାବାର୍ଥ —** ଏହି ଯଜ୍ଞର ପ୍ରାରମ୍ଭରେ ମୁଁ ସୃଷ୍ଟିଯଜ୍ଞର ନାୟକ, ସକଳ ଜଗତଧାରକ, ଶ୍ରେଷ୍ଠକର୍ମର ପ୍ରକାଶକ, ପ୍ରତ୍ୟେକ କାଳରେ ପୂଜନୀୟ, ଯଥାକାଳ ସୁଖ ସମ୍ପାଦକ, ସୁନ୍ଦର ପଦାର୍ଥର ଦାତା, ରମଣୀୟ ରତ୍ନାଦିର ଧାରକ, ଜ୍ଞାନମୟ ପରମେଶ୍ୱରଙ୍କୁ ସ୍ତୁତି କରୁଅଛି ।

**ସ ନଃ ପିତେବ ସୂନବେଽଗ୍ନେ ସୂପାୟନୋ ଭବ । ସଚସ୍ୱା ନଃ ସ୍ୱସ୍ତୟେ ॥ ୨ ॥** (ଋକ୍. ୧:୧:୯)

**ପଦାର୍ଥ — (ଅଗ୍ନେ)** ହେ ଜ୍ଞାନସ୍ୱରୂପ ପରମେଶ୍ୱର ! **(ସୂନବେ ପିତା ଇବ)** ସନ୍ତାନ ପାଇଁ ପିତା ଭଳି ଅର୍ଥାତ୍ ପିତା ଯେପରି ସନ୍ତାନ ପାଇଁ ସୁଲଭ, ହିତକାରୀ, ଉତ୍ତମ ଜ୍ଞାନ ଓ ସୁଖଦାୟକ ପଦାର୍ଥର ଦାତା ହୋଇଥାନ୍ତି, ସେହିପରି **(ସଃ)** ସେହି ଆପଣ **(ନଃ)** ଆମ ପାଇଁ **(ସୂପାୟନଃ = ସୁ + ଉପ + ଅୟନଃ)** ସୁଗମତା ପୂର୍ବକ ପ୍ରାପଣୀୟ, ଉତ୍ତମ ଜ୍ଞାନ ଓ ପଦାର୍ଥର ଦାତା **(ଭବ)** ହୁଅନ୍ତୁ । **(ନଃ)** ଆମକୁ **(ସ୍ୱସ୍ତୟେ)** କଲ୍ୟାଣ ନିମନ୍ତେ **(ସଚସ୍ୱ)** ଆପଣଙ୍କ ସହ ଓ ଯୋଗ୍ୟ ପଦାର୍ଥ ସହ ଯୁକ୍ତ କରନ୍ତୁ ।

**ଭାବାର୍ଥ —** ହେ ଜ୍ଞାନସ୍ୱରୂପ ପରମେଶ୍ୱର ! ଆପଣ ଆମ ପିତା ଓ ଆମେ ଆପଣଙ୍କ ସନ୍ତାନ । ପିତା ଯେପରି ସ୍ୱ ସୁସନ୍ତାନକୁ ସଦା ସୁଲଭ ହୋଇଥାନ୍ତି ଅର୍ଥାତ୍ ସୁସନ୍ତାନ ଯେପରି ନିଃସଙ୍କୋଚରେ ସୁଗମତା ପୂର୍ବକ ପିତାଙ୍କ ନିକଟରେ ଉପସ୍ଥିତ ହୋଇପାରିଥାଏ ଆପଣ ଆମ ପାଇଁ ସେପରି ସୁଗମତାରେ ପ୍ରାପ୍ତ ଯୋଗ୍ୟ ହୁଅନ୍ତୁ ଅର୍ଥାତ୍ ଆପଣଙ୍କ ସହ ଆମର ସେପରି ସଦା ସଂପର୍କ ରହୁ, ଆମେ କୌଣସି ବି ପରିସ୍ଥିତିରେ ଆପଣଙ୍କ ସହ ତୁରନ୍ତ ସଂଯୁକ୍ତ ହୋଇପାରୁ ସେଭଳି ଯୋଗ୍ୟତା ଆମର ହେଉ । ପିତା ଯେପରି ସନ୍ତାନର କଲ୍ୟାଣ ନିମନ୍ତେ ଉତ୍ତମ ଜ୍ଞାନ, ଶିକ୍ଷା ଓ ଉଚିତ ପଦାର୍ଥ

ଦିଅନ୍ତି, ସେଭଳି ଜ୍ଞାନ ଓ ଯୋଗ୍ୟ ପଦାର୍ଥ ଆମକୁ ପ୍ରଦାନ କରନ୍ତୁ। ଆମର ପରମକଲ୍ୟାଣ ପାଇଁ ଆମକୁ ଆପଣଙ୍କ ସହ ସଦା ସଂଯୁକ୍ତ କରନ୍ତୁ।

**ସ୍ୱସ୍ତି ନୋ ମିମୀତାମଶ୍ୱିନା ଭଗଃ ସ୍ୱସ୍ତି ଦେବ୍ୟଦିତିରନର୍ବଣଃ। ସ୍ୱସ୍ତି ପୂଷା ଅସୁରୋ ଦଧାତୁ ନଃ ସ୍ୱସ୍ତି ଦ୍ୟାବାପୃଥିବୀ ସୁଚେତୁନା ॥ ୩ ॥**

**ପଦାର୍ଥ —** ହେ ପ୍ରଭୋ! **(ଅଶ୍ୱିନା)** ସୂର୍ଯ୍ୟ ଓ ଚନ୍ଦ୍ର **(ନଃ)** ଆମର **(ସ୍ୱସ୍ତି)** କଲ୍ୟାଣ **(ମିମୀତାମ୍)** ମାପି କରନ୍ତୁ, ଯଥାଯୋଗ୍ୟ କରନ୍ତୁ। **(ଭଗଃ)** ଐଶ୍ୱର୍ଯ୍ୟ, ଧନ-ସମ୍ପତ୍ତି **(ସ୍ୱସ୍ତି)** କଲ୍ୟାଣକାରୀ ହୁଅନ୍ତୁ। **(ଦେବୀ)** ଦିବ୍ୟ ଗୁଣସମ୍ପନ୍ନା **(ଅଦିତିଃ)** ପୃଥିବୀ ଓ **(ଅନର୍ବଣଃ)** ଅଚଳ ପର୍ବତ ଆଦି **(ସ୍ୱସ୍ତି)** କଲ୍ୟାଣକାରୀ ହୁଅନ୍ତୁ। **(ପୂଷା ଅସୁରଃ)** ପୁଷ୍ଟିକାରକ ଅନ୍ନ ଓ ଜୀବନଦାୟକ ଜଳ ପ୍ରଦାୟକ ମେଘ **(ନଃ)** ଆମ ପାଇଁ **(ସ୍ୱସ୍ତି)** କଲ୍ୟାଣ **(ଦଧାତୁ)** ପ୍ରଦାନ କରନ୍ତୁ। **(ଦ୍ୟାବାପୃଥିବୀ)** ପ୍ରକାଶକ ଓ ପ୍ରକାଶ୍ୟ ଲୋକ **(ସୁଚେତୁନା)** ଉତ୍ତମ ଜ୍ଞାନ ଦ୍ୱାରା **(ସ୍ୱସ୍ତି)** ଆମର କଲ୍ୟାଣ କରନ୍ତୁ।

**ଭାବାର୍ଥ —** ହେ ପରମେଶ୍ୱର! ଆପଣଙ୍କ କୃପାରେ ସୂର୍ଯ୍ୟ ଓ ଚନ୍ଦ୍ର ଆମର କଲ୍ୟାଣ ମାପି କରନ୍ତୁ, ଯଥାଯୋଗ୍ୟ କରନ୍ତୁ। ସମସ୍ତ ଐଶ୍ୱର୍ଯ୍ୟ, ଧନ-ସମ୍ପତ୍ତି ଆମ ପାଇଁ କଲ୍ୟାଣକାରୀ ହୁଅନ୍ତୁ। ଦିବ୍ୟ ଗୁଣ ସମ୍ପନ୍ନା, ଅଖଣ୍ଡ ରୂପେ ଅନ୍ନ ଉତ୍ପନ୍ନକାରିଣୀ ଧରିତ୍ରୀ ମାତା ଓ ତଦୁପରିସ୍ଥ ଅଚଳ ପର୍ବତ ଆଦି କଲ୍ୟାଣକାରୀ ହୁଅନ୍ତୁ। ପୁଷ୍ଟିକାରକ ଅନ୍ନ ଓ ଜୀବନାଦାୟକ ଜଳ ପ୍ରଦାୟକ ମେଘ ଆମ ପାଇଁ କଲ୍ୟାଣ ପ୍ରଦାନ କରୁ। ଆକାଶରେ ଅବସ୍ଥିତ ଏ ସମସ୍ତ ପ୍ରକାଶକ ଓ ପ୍ରକାଶ୍ୟ ଲୋକ-ଲୋକାନ୍ତର ଉତ୍ତମ ଜ୍ଞାନ ଦ୍ୱାରା ଆମର କଲ୍ୟାଣ କରନ୍ତୁ ଅର୍ଥାତ୍ ଏସବୁ ସମ୍ବନ୍ଧୀୟ ଜ୍ଞାନ-ବିଜ୍ଞାନ ଦ୍ୱାରା ଆମର କଲ୍ୟାଣ ସାଧିତ ହେଉ।

**ସ୍ୱସ୍ତୟେ ବାୟୁମୁପ ବ୍ରବାମହୈ ସୋମଂ ସ୍ୱସ୍ତି ଭୁବନସ୍ୟ ୟସ୍ପତିଃ। ବୃହସ୍ପତିଂ ସର୍ବଗଣଂ ସ୍ୱସ୍ତୟେ ସ୍ୱସ୍ତୟ ଆଦିତ୍ୟାସୋ ଭବନ୍ତୁ ନଃ ॥ ୪ ॥**

**ପଦାର୍ଥ —** ଆମେ **(ବାୟୁମ୍)** ସର୍ବତ୍ର ଗତିଶୀଳ ଓ ବଳଶାଳୀ, **(ସୋମମ୍)** ଐଶ୍ୱର୍ଯ୍ୟଦାତା ପରମେଶ୍ୱରଙ୍କୁ **(ଉପ ବ୍ରବାମହୈ)** ସ୍ତୁତି-ପ୍ରାର୍ଥନା-ଉପାସନା ଦ୍ୱାରା ଆମ ସମୀପକୁ ଆବାହନ କରୁଛୁ ଅର୍ଥାତ୍ ଆମେ ତାଙ୍କ ସାମୀପ୍ୟ ପ୍ରାପ୍ତ କରୁଅଛୁ। **(ୟଃ)** ଯିଏ **(ଭୁବନସ୍ୟ)** ସଂସାରର **(ପତିଃ)** ସ୍ୱାମୀ, ପାଳକ ସେହି ପରମାତ୍ମା **(ସ୍ୱସ୍ତି)** ଆମର କଲ୍ୟାଣ କରନ୍ତୁ। ଆମେ **(ବୃହସ୍ପତିମ୍)** ମହତୀ ବେଦ ବିଦ୍ୟାର ପାଳକ ଆଚାର୍ଯ୍ୟଙ୍କୁ **(ସର୍ବଗଣମ୍)** ଗଣ-ସମୁଦାୟ ଅର୍ଥାତ୍ ଶିଷ୍ୟ-ପ୍ରଶିଷ୍ୟଙ୍କ ସହିତ **(ସ୍ୱସ୍ତୟେ)** କଲ୍ୟାଣ ନିମନ୍ତେ ଅର୍ଥାତ୍ ଉପଦେଶ ପ୍ରଦାନ ନିମନ୍ତେ ନମ୍ରତା ପୂର୍ବକ ଆମନ୍ତ୍ରଣ କରୁଅଛୁ। **(ଆଦିତ୍ୟାସଃ)** ଆଦିତ୍ୟ ସମ ଜ୍ଞାନ-ଜ୍ୟୋତିର୍ମୟ ଶ୍ରେଷ୍ଠ ଜ୍ଞାନୀଗଣ **(ନଃ)** ଆମ ପାଇଁ **(ସ୍ୱସ୍ତୟେ)** କଲ୍ୟାଣକାରୀ **(ଭବନ୍ତୁ)** ହୁଅନ୍ତୁ।

**ଭାବାର୍ଥ —** ହେ ସର୍ବବ୍ୟାପକ, ସର୍ବଶକ୍ତିମାନ୍, ଶାନ୍ତି ଓ ଐଶ୍ୱର୍ଯ୍ୟ ପ୍ରଦାତା ପରମେଶ୍ୱର! ଆମ କଲ୍ୟାଣ ପାଇଁ ସ୍ତୁତି-ପ୍ରାର୍ଥନା-ଉପାସନା ଦ୍ୱାରା ଆପଣଙ୍କୁ ସମୀପକୁ ଆବାହନ କରୁଅଛୁ ଅର୍ଥାତ୍ ଆମେ ଆପଣଙ୍କ ସାମୀପ୍ୟ ପ୍ରାପ୍ତ କରୁଅଛୁ। ହେ ସଂସାରର ସ୍ୱାମୀ, ପାଳକ ପରମାତ୍ମନ୍! ଆମର କଲ୍ୟାଣ କରନ୍ତୁ। ଆମକୁ ଉପଦେଶ ପ୍ରଦାନ ପୂର୍ବକ କଲ୍ୟାଣ ସାଧନ ସକାଶେ ମହତୀ ବେଦ ବିଦ୍ୟାର ପାଳକ ଆଚାର୍ଯ୍ୟଙ୍କୁ ସ୍ୱ ଶିଷ୍ୟ-ପ୍ରଶିଷ୍ୟଙ୍କ ସହ ନମ୍ରତା ପୂର୍ବକ ଆମନ୍ତ୍ରଣ କରୁଅଛୁ। ଆଦିତ୍ୟ ସମ ଜ୍ଞାନ-ଜ୍ୟୋତିରେ ଉଦ୍‌ଭାସିତ ଶ୍ରେଷ୍ଠ ଜ୍ଞାନୀ ବ୍ୟକ୍ତିଗଣ ଆମ ପାଇଁ କଲ୍ୟାଣକାରୀ ହୁଅନ୍ତୁ।

**ବିଶ୍ୱେ ଦେବା ନୋ ଅଦ୍ୟା ସ୍ୱସ୍ତୟେ ବୈଶ୍ୱାନରୋ ବସୁରଗ୍ନିଃ ସ୍ୱସ୍ତୟେ। ଦେବା ଅବନ୍ତ୍ୱୃଭବଃ ସ୍ୱସ୍ତୟେ ସ୍ୱସ୍ତି ନୋ ରୁଦ୍ରଃ ପାତ୍ୱଂହସଃ ॥ ୫ ॥**

**ପଦାର୍ଥ — (ବିଶ୍ୱେ)** ସମସ୍ତ **(ଦେବାଃ)** ଜ୍ଞାନୀଜନ **(ଅଦ୍ୟ)** ଆଜି **(ନଃ)** ଆମର **(ସ୍ୱସ୍ତୟେ)** କଲ୍ୟାଣର ନିମିତ୍ତ ହୁଅନ୍ତୁ। **(ବୈଶ୍ୱାନରଃ)** ସକଳ ନରଙ୍କ ନାୟକ, ସମସ୍ତ ପ୍ରାଣୀଙ୍କୁ ଗତିଦାତା, **(ବସୁଃ)** ସମସ୍ତଙ୍କୁ ବସବାସ କରାଉଥିବା, ସ୍ୱରୂପରେ ସ୍ଥିର ରଖୁଥିବା **(ଅଗ୍ନିଃ)** ଜ୍ଞାନସ୍ୱରୂପ ପରମେଶ୍ୱର ତଥା ପାଚକ ଅଗ୍ନି **(ସ୍ୱସ୍ତୟେ)** ଆମ ପାଇଁ

କଲ୍ୟାଣକାରୀ ହୁଅନ୍ତୁ। **(ଋଭବଃ ଦେବାଃ)** ପ୍ରକାଶ ଧର୍ମ ସମ୍ପନ୍ନ ଦିବ୍ୟ ପଦାର୍ଥ ସୂର୍ଯ୍ୟ, ବିଦ୍ୟୁତ୍, ଅଗ୍ନି ଓ ଜ୍ଞାନୀ ଜନ **(ସ୍ୱସ୍ତୟେ)** କଲ୍ୟାଣ ସକାଶେ **(ଅବନ୍ତୁ)** ଆମକୁ ରକ୍ଷା କରନ୍ତୁ। **(ସ୍ୱସ୍ତି)** ବିଶ୍ୱକଲ୍ୟାଣ ନିମିତ୍ତ **(ରୁଦ୍ରଃ)** ଦୁଷ୍ଟଙ୍କୁ ଦଣ୍ଡ ଦେଇ ରୋଦନକାରକ ରୁଦ୍ର ପରମାତ୍ମା **(ନଃ)** ଆମକୁ **(ଅଂହସଃ)** ପାପରୁ **(ପାତୁ)** ରକ୍ଷାକରନ୍ତୁ।

**ଭାବାର୍ଥ —** ସମସ୍ତ ଜ୍ଞାନୀଜନ ଆଜି ଆମର କଲ୍ୟାଣର ନିମିତ୍ତ ହୁଅନ୍ତୁ। ସକଳ ନରଙ୍କ ନାୟକ, ହିତକାରୀ, ସମସ୍ତ ପ୍ରାଣୀଙ୍କୁ ଗତିଦାତା, ସମସ୍ତଙ୍କୁ ବସବାସ କରାଉଥିବା ଜ୍ଞାନସ୍ୱରୂପ ପରମେଶ୍ୱର ଆମ ପାଇଁ କଲ୍ୟାଣକାରୀ ହୁଅନ୍ତୁ। ସମସ୍ତଙ୍କ ଶରୀରରେ ଗତିଦାତା, ସ୍ୱରୂପରେ ସ୍ଥିର ରଖୁଥିବା ଆହାରର ପାଚକ ଅଗ୍ନି ଆମ ପାଇଁ କଲ୍ୟାଣକାରୀ ହେଉ। ଜ୍ଞାନ-ପ୍ରକାଶରେ ଦୀପ୍ତ ଜ୍ଞାନୀ ଜନ ଆମ କଲ୍ୟାଣ ସକାଶେ ସତ୍‌ସଙ୍ଗ, ସଦୁପଦେଶ ଓ ମାର୍ଗଦର୍ଶନ ଆଦି ଦ୍ୱାରା ଆମକୁ ରକ୍ଷାକରନ୍ତୁ। ପ୍ରକାଶ ଧର୍ମ ସମ୍ପନ୍ନ ସୂର୍ଯ୍ୟ, ବିଦ୍ୟୁତ୍ ଓ ଅଗ୍ନି କଲ୍ୟାଣ ହେତୁ ଆମକୁ ରକ୍ଷା କରନ୍ତୁ। ବିଶ୍ୱକଲ୍ୟାଣ ନିମିତ୍ତ ଦୁଷ୍ଟଙ୍କୁ ଦଣ୍ଡ ଦେଇ ରୋଦନ କରାଉଥିବା ରୁଦ୍ର, ଜଗତର ଶାସକ ପରମାତ୍ମା ଆମ କଲ୍ୟାଣ ପାଇଁ ଆମକୁ ପାପରୁ ରକ୍ଷା କରନ୍ତୁ। ଆମ ମନରେ ପରମାତ୍ମାଙ୍କ ରୁଦ୍ର ରୂପ ଚିର ଜାଗ୍ରତ ରହୁ ଯଦ୍ଦ୍ୱାରା ଆମେ ସଦା ପାପ ପ୍ରବୃତ୍ତିରୁ ଦୂରେଇ ରହୁ। ପ୍ରଭୁ ଏଥିପାଇଁ ଆମକୁ ପ୍ରେରଣା ଓ ଶକ୍ତି ଦିଅନ୍ତୁ।

**ସ୍ୱସ୍ତି ମିତ୍ରାବରୁଣା ସ୍ୱସ୍ତି ପଥ୍ୟେ ରେବତି। ସ୍ୱସ୍ତି ନ ଇନ୍ଦ୍ରଶ୍ଚାଗ୍ନିଶ୍ଚ ସ୍ୱସ୍ତି ନୋ ଅଦିତେ କୃଧି ॥ ୬ ॥**

**ପଦାର୍ଥ — (ମିତ୍ରାବରୁଣା)** ପ୍ରାଣ ଓ ଅପାନ ଆମ ପାଇଁ **(ସ୍ୱସ୍ତି)** କଲ୍ୟାଣକାରୀ ହୁଅନ୍ତୁ। **(ପଥ୍ୟେ)** ଲାଭପ୍ରଦ ମାର୍ଗରେ ଅବିରୁଦ୍ଧ ଭାବରେ ଅର୍ଥାତ୍ ହାନିରହିତ ଓ ଲାଭଦାୟକ ରୂପରେ ପ୍ରବାହିତ **(ରେବତି)** ଜଳ ବା ନଦୀସମୂହ **(ସ୍ୱସ୍ତି)** କଲ୍ୟାଣକାରୀ ହୁଅନ୍ତୁ। **(ଇନ୍ଦ୍ରଃ ଚ ଅଗ୍ନିଃ ଚ)** ବାୟୁ ଓ ବିଦ୍ୟୁତ୍ **(ନଃ)** ଆମ ପାଇଁ **(ସ୍ୱସ୍ତି)** କଲ୍ୟାଣକାରୀ ହୁଅନ୍ତୁ। **(ଅଦିତେ)** ହେ ପୃଥିବୀ! **(ନଃ)** ଆମର **(ସ୍ୱସ୍ତି)** କଲ୍ୟାଣ **(କୃଧି)** କର।

**ଭାବାର୍ଥ —** ହେ ପ୍ରଭୋ ! ପ୍ରାଣ ଓ ଅପାନ, ଲାଭପ୍ରଦ ମାର୍ଗରେ ଅବିରୁଦ୍ଧ ଭାବରେ ଅର୍ଥାତ୍ ହାନିରହିତ ଓ ଲାଭଦାୟକ ଭାବରେ ପ୍ରବାହିତ ଜଳ ବା ନଦୀସମୂହ, ବାୟୁ ଓ ବିଦ୍ୟୁତ୍ ତଥା ପୃଥିବୀ ଆମ ପାଇଁ କଲ୍ୟାଣକାରୀ ହୁଅନ୍ତୁ।

**ସ୍ୱସ୍ତି ପନ୍ଥାମନୁ ଚରେମ ସୂର୍ଯ୍ୟାଚନ୍ଦ୍ରମସାବିବ। ପୁନର୍ଦଦତାଘ୍ନତା ଜାନତା ସଂ ଗମେମହି ॥ ୭ ॥**

(ଋକ୍. ୫:୫୧:୧୧-୧୫)

**ପଦାର୍ଥ — (ସୂର୍ଯ୍ୟାଚନ୍ଦ୍ରମସୌ)** ସୂର୍ଯ୍ୟ ଓ ଚନ୍ଦ୍ର **(ଇବ)** ସଦୃଶ **(ସ୍ୱସ୍ତି)** କଲ୍ୟାଣକାରୀ **(ପନ୍ଥାମ୍)** ମାର୍ଗକୁ **(ଅନୁଚରେମ)** ଆମେ ଅନୁସରଣ କରୁ। **(ପୁନଃ)** ପୁନଶ୍ଚ **(ଦଦତା)** ଦାନଶୀଳ , **(ଅଘ୍ନତା)** ଅହିଂସକ ତଥା **(ଜାନତା)** ଜ୍ଞାନୀ ବ୍ୟକ୍ତି ସହ **(ସଂ ଗମେମହି)** ସଙ୍ଗତି କରୁଁ।

**ଭାବାର୍ଥ —** ହେ ପରମେଶ୍ୱର ! ଆପଣଙ୍କ ଆଶିଷରେ ଆମେ ସୂର୍ଯ୍ୟ ଓ ଚନ୍ଦ୍ରମା ସଦୃଶ କଲ୍ୟାଣ ମାର୍ଗର ଅନୁସରଣ କରୁ। ସୂର୍ଯ୍ୟ ଓ ଚନ୍ଦ୍ର ଯେପରି ସଂସାରର କଲ୍ୟାଣ ପାଇଁ ପ୍ରାକୃତିକ ନିୟମର ଅନୁସରଣ କରୁଛନ୍ତି; ଅଟଳଭାବେ, ନିର୍ବାଧ ଗତିରେ ନିତ୍ୟ-ନିୟମିତ-ନିରନ୍ତର ରୂପେ ସ୍ୱ କର୍ମରେ ଲାଗିଛନ୍ତି, ସେହିପରି ଆମେ ମଧ୍ୟ ଆମ ଜୀବନକୁ ନିତ୍ୟ-ନିୟମିତ-ନିରନ୍ତର ରୂପେ ଧର୍ମ-ଅର୍ଥ-କାମ-ମୋକ୍ଷ ସାଧକ କଲ୍ୟାଣ ମାର୍ଗରେ ପରିଚାଳିତ କରୁଁ, କଲ୍ୟାଣ ପଥର ପଥିକ ହେଉ। ପୁନଃ ଆମେ ଅର୍ଥ-ସହଯୋଗ ଆଦି ଦେଉଥିବା, ପରୋପକାରୀ, ଅହିଂସକ ଅର୍ଥାତ୍ କାହାରି ଅନିଷ୍ଟ କରୁନଥିବା, କାହା ପ୍ରତି ବୈର-ବିଦ୍ୱେଷ ପୋଷଣ କରୁନଥିବା ବ୍ୟକ୍ତି ତଥା ଜ୍ଞାନୀ, ଜ୍ଞାନପୂର୍ବକ ଆଚରଣକାରୀଙ୍କ ସଙ୍ଗ କରୁଁ। ଦାନୀଙ୍କ ସଙ୍ଗ ଦ୍ୱାରା ପରହିତ ପାଇଁ ସ୍ୱାର୍ଥ ତ୍ୟାଗ କରିବା ଶିଖୁ। ଅହିଂସକ ବ୍ୟକ୍ତିଙ୍କ ସତ୍‌ସଙ୍ଗ ଦ୍ୱାରା ସ୍ୱହିତ ସାଧନ ପାଇଁ ଅନ୍ୟର ସ୍ୱାର୍ଥ ବା ସମୂହ ସ୍ୱାର୍ଥ ହନନ ନ କରିବା ଗୁଣ ଶିଖୁ; ଏବଂ ଜ୍ଞାନୀଙ୍କ ସଙ୍ଗରେ ସଙ୍ଗ କରି ସର୍ବଦା ଅବିଦ୍ୟାର ନାଶ କରି ବିଦ୍ୟାର ବୃଦ୍ଧି କରିବା ଗୁଣ ଦୃଢ କରୁ, ପ୍ରତ୍ୟେକ କର୍ମ ଜ୍ଞାନପୂର୍ବକ କରିବାର ସ୍ୱଭାବ ନିର୍ମାଣ କରୁ।

**ଯେ ଦେବାନାଂ ଯଜ୍ଞିୟା ଯଜ୍ଞିୟାନାଂ ମନୋର୍ୟଜତ୍ରା ଅମୃତା ଋତଜ୍ଞାଃ । ତେ ନୋ ରାସନ୍ତାମୁରୁଗାୟମଦ୍ୟ ଯୂୟଂ ପାତ ସ୍ୱସ୍ତିଭିଃ ସଦା ନଃ ॥ ୮ ॥** (ଋକ୍. ୭:୩୫:୧୫)

**ପଦାର୍ଥ —** **(ଯେ)** ଯେଉଁମାନେ **(ଦେବାନାମ୍ ଯଜ୍ଞିୟାନାମ୍ ଯଜ୍ଞିୟାଃ)** ଦିବ୍ୟଗୁଣଯୁକ୍ତ, ବିଦ୍ୱାନ୍, ପୂଜନୀୟ, ଶ୍ରେଷ୍ଠ ବ୍ୟକ୍ତିମାନଙ୍କ ମଧ୍ୟରେ ସର୍ବାଧିକ ଦିବ୍ୟଗୁଣସମ୍ପନ୍ନ, ବିଦ୍ୱାନ୍, ପୂଜ୍ୟ, ସର୍ବଶ୍ରେଷ୍ଠ, **(ମନୋଃ ଯଜତ୍ରାଃ)** ମନନଶୀଳ ବିଚାରକ, ମନସ୍ୱୀଙ୍କ ସହ ସଙ୍ଗକର୍ତ୍ତା, ପ୍ରତ୍ୟେକ ମନୁଷ୍ୟଙ୍କ ଆଦରଣୀୟ, **(ଅମୃତାଃ)** ଜୀବନ୍ମୁକ୍ତ, ଅମର ଯଶର ଅଧିକାରୀ, **(ଋତଜ୍ଞାଃ)** ଋତ-ସତ୍ୟର ଜ୍ଞାତା, ଧର୍ମର ତତ୍ତ୍ୱବେତ୍ତା **(ତେ)** ସେମାନେ **(ନଃ)** ଆମକୁ **(ଅଦ୍ୟ)** ଆଜି, ଯଥାଶୀଘ୍ର **(ଉରୁଗାୟମ୍)** ଉତ୍ତମ ଜ୍ଞାନ, ପ୍ରଶଂସନୀୟ ମହାନ୍ ଯଶ **(ରାସନ୍ତାମ୍)** ପ୍ରଦାନ କରନ୍ତୁ । ହେ ଯଜ୍ଞଶୀଳ, ଅମର ଯଥାର୍ଥ ବକ୍ତା, ମନୁଷ୍ୟ ସମାଜର ପୂଜ୍ୟ ପ୍ରଶଂସନୀୟ ବିଦ୍ୱଦ୍‌ବୃନ୍ଦ **(ଯୂୟମ୍)** ଆପଣମାନେ **(ସ୍ୱସ୍ତିଭିଃ)** ମଙ୍ଗଳଦାୟିନୀ, କଲ୍ୟାଣକାରିଣୀ ଉପଦେଶ ଦ୍ୱାରା **(ସଦା)** ସର୍ବଦା **(ନଃ)** ଆମକୁ **(ପାତ)** ରକ୍ଷାକରନ୍ତୁ ।

**ଭାବାର୍ଥ —** ଦିବ୍ୟଗୁଣଯୁକ୍ତ, ବିଦ୍ୱାନ୍, ପୂଜନୀୟ, ଶ୍ରେଷ୍ଠ, ସଙ୍ଗମନୀୟ ବ୍ୟକ୍ତିମାନଙ୍କ ମଧ୍ୟରେ ଯେଉଁମାନେ ସର୍ବାଧିକ ଦିବ୍ୟଗୁଣସମ୍ପନ୍ନ, ବିଦ୍ୱାନ୍, ଯଜ୍ଞଶୀଳ ଆଚରଣ ଯୋଗୁଁ ସଙ୍ଗମନୀୟ, ପୂଜ୍ୟ, ସର୍ବଶ୍ରେଷ୍ଠ; ମନନଶୀଳ ବିଚାରକ, ମନସ୍ୱୀଙ୍କ ସହ ସଙ୍ଗକର୍ତ୍ତା, ପ୍ରତ୍ୟେକ ମନୁଷ୍ୟଙ୍କ ଆଦରଣୀୟ; ଜୀବନ୍ମୁକ୍ତ, ଅମର ଯଶସ୍ୱୀ, ଋତ-ସତ୍ୟ ଜ୍ଞାତା, ଧର୍ମର ତତ୍ତ୍ୱବେତ୍ତା ସେମାନେ ଆମକୁ ଯଥାଶୀଘ୍ର ଉତ୍ତମ ଜ୍ଞାନ, ପ୍ରଶଂସନୀୟ ମହାନ୍ ଯଶ ପ୍ରଦାନ କରନ୍ତୁ ତଥା ସ୍ୱ ମଙ୍ଗଳଦାୟିନୀ,କଲ୍ୟାଣକାରିଣୀ ଉପଦେଶ ଦ୍ୱାରା ବିପଥଗାମୀ ହେବାରୁ ଆମକୁ ରକ୍ଷାକରନ୍ତୁ ।

**ଯେଭ୍ୟୋ ମାତା ମଧୁମତ୍‌ପିନ୍ୱତେ ପୟଃ ପୀୟୂଷଂ ଦ୍ୟୌରଦିତିରଦ୍ରିବର୍ହାଃ । ଉକ୍‌ଥଶୁଷ୍ମାନ୍ ବୃଷଭରାନ୍ତ୍‌ସ୍ୱପ୍ନସସ୍ତାଁ ଆଦିତ୍ୟାଁ ଅନୁ ମଦା ସ୍ୱସ୍ତୟେ ॥ ୯ ॥**

**ପଦାର୍ଥ — (ଯେଭ୍ୟଃ)** ଯେଉଁମାନଙ୍କ ପାଇଁ **(ମାତା)** ପୃଥିବୀ ମାତା **(ମଧୁମତ୍)** ମାଧୁର୍ଯ୍ୟଯୁକ୍ତ, **(ପୀୟୂଷମ୍)** ଅମୃତମୟ **(ପୟଃ)** ରସ, (ଜଳ,ଦୁଗ୍ଧ ଆଦି) **(ପିନ୍ୱତେ)** ପ୍ରଦାନ କରନ୍ତି, **(ଦ୍ୟୌଃ)** ଦ୍ୟୁଲୋକ ଓ **(ଅଦ୍ରିବର୍ହାଃ ଅଦିତଃ)** ମେଘରେ ପରିପୂର୍ଣ୍ଣ ଅଖଣ୍ଡନୀୟ ଅନ୍ତରିକ୍ଷ ମଧୁର ଅମୃତତୁଲ୍ୟ ଜଳ ବୃଷ୍ଟି କରନ୍ତି **(ତାନ୍)** ସେହି **(ଉକ୍‌ଥଶୁଷ୍ମାନ୍)** ପ୍ରଶଂସନୀୟ ବଳବାନ୍, **(ବୃଷଭରାନ୍)** ସୁଖବର୍ଷକ, ଜ୍ଞାନବର୍ଷକ, **(ସ୍ୱପ୍ନସଃ)** ଉତ୍ତମ କର୍ମ ଅନୁଷ୍ଠାନକାରୀ **(ଆଦିତ୍ୟାନ୍)** ତେଜସ୍ୱୀ ବ୍ୟକ୍ତିଙ୍କୁ, ଜଗଜ୍ଜନନୀଙ୍କ ସୁସନ୍ତାନମାନଙ୍କୁ, **(ସ୍ୱସ୍ତୟେ)** କଲ୍ୟାଣ ନିମନ୍ତେ ହେ ପ୍ରଭୋ! **(ଅନୁ ମଦ)** ଆପଣ ହର୍ଷ ପ୍ରାପ୍ତ କରାନ୍ତୁ ।

**ଭାବାର୍ଥ —** ହେ ପ୍ରଭୋ! ପ୍ରଶଂସନୀୟ ବଳବାନ୍, ଜ୍ଞାନବର୍ଷକ, ସୁଖବର୍ଷକ, ଉତ୍ତମ କର୍ମକାରୀ ଯେଉଁ ଶ୍ରେଷ୍ଠ ମାନବଙ୍କ ପାଇଁ ପୃଥିବୀ ମାତା ମଧୁର, ଅମୃତତୁଲ୍ୟ ଜଳ, ଦୁଗ୍ଧ ଆଦି ରସ ପ୍ରଦାନ କରନ୍ତି, ଦ୍ୟୁଲୋକ ଓ ମେଘ ପରିପୂର୍ଣ୍ଣ ଆକାଶ ଯାହାଙ୍କ ନିମେନ୍ତ ମଧୁର, ଅମୃତତୁଲ୍ୟ ଜଳ ବର୍ଷଣ କରନ୍ତି, ସେହି ଆଦିତ୍ୟ ସମ ତେଜସ୍ୱୀ, ଜଗଜ୍ଜନନୀଙ୍କ ଶ୍ରେଷ୍ଠ ସନ୍ତାନଙ୍କୁ ଜଗତକଲ୍ୟାଣ ନିମନ୍ତେ ଆନନ୍ଦ ପ୍ରଦାନ କରନ୍ତୁ ।

**ନୃଚକ୍ଷସୋ ଅନିମିଷନ୍ତୋ ଅର୍ହଣା ବୃହଦ୍ଦେବାସୋ ଅମୃତତ୍ୱମାନଶୁଃ । ଜ୍ୟୋତୀରଥା ଅହିମାୟା ଅନାଗସୋ ଦିବୋ ବର୍ଷ୍ମାଣଂ ବସତେ ସ୍ୱସ୍ତୟେ ॥ ୧୦ ॥**

**ପଦାର୍ଥ — (ନୃଚକ୍ଷସଃ)** ପ୍ରତ୍ୟେକ ମାନବଙ୍କ କଲ୍ୟାଣ ପ୍ରତି, ଯୋଗକ୍ଷେମ ପ୍ରତି ଦୃଷ୍ଟିଦାତା, **(ଅନିମିଷନ୍ତଃ)** ଅନିମେଷ ଅର୍ଥାତ୍ ଅପଲକ ରୂପେ ଜାଗ୍ରତ, ସଦା ସତର୍କ-ସାବଧାନ, **(ଅର୍ହଣା)** ସ୍ୱ ବିଶେଷ ଯୋଗ୍ୟତା ଯୋଗୁଁ ପୂଜାର ଯୋଗ୍ୟ, **(ବୃହତ୍)** ମହାନ୍ **(ଦେବାସଃ)** ବିଦ୍ୱାନ୍ ଜନ **(ଅମୃତତ୍ୱମ୍)** ଅମୃତତ୍ୱ **(ଆନଶୁଃ)** ପ୍ରାପ୍ତ କରନ୍ତି । ଏପରି **(ଜ୍ୟୋତିରଥାଃ)** ପ୍ରକାଶ-ପଥରେ ସଦା ରମଣକାରୀ ଅର୍ଥାତ୍ ଜ୍ଞାନୀଜନ, **(ଅହିମାୟାଃ)** ଅହିଂସନୀୟ (ଅପ୍ରତିହତ) ପ୍ରଜ୍ଞାବାନ୍, **(ଅନାଗସଃ)** ନିଷ୍ପାପ ପୁରୁଷ

(ଦିବଃ) ଦ୍ୟୁଲୋକଠୁ (ବର୍ଷ୍ମାଣମ୍) ଉଚ୍ଚପଦରେ ଅର୍ଥାତ୍ ସର୍ବୋଚ୍ଚ ପଦରେ (ବସତେ) ପ୍ରତିଷ୍ଠିତ ହୁଅନ୍ତି । ସେମାନେ ସମସ୍ତେ (ସ୍ୱସ୍ତୟେ) ଆମର କଲ୍ୟାଣ କରନ୍ତୁ ।

**ଭାବାର୍ଥ —** ପ୍ରତ୍ୟେକ ମାନବଙ୍କ କଲ୍ୟାଣ ପ୍ରତି, ଯୋଗକ୍ଷେମ ପ୍ରତି ଦୃଷ୍ଟିଦାତା, ଅନିମେଷ ଅର୍ଥାତ୍ ଅପଲକ ରୂପେ ଜାଗ୍ରତ, ସଦା ସତର୍କ-ସାବଧାନ, ସ୍ୱ ବିଶେଷ ଯୋଗ୍ୟତା ଯୋଗୁଁ ପୂଜାର ଯୋଗ୍ୟ, ମହାନ୍ ବିଦ୍ୱାନ୍ ଜନ ଅମୃତତ୍ୱ ପ୍ରାପ୍ତ କରନ୍ତି, ମୋକ୍ଷପଦ ପ୍ରାପ୍ତ କରନ୍ତି ତଥା ସଂସାରରେ ଅମର ହୋଇଯାନ୍ତି । ଏପରି ପ୍ରକାଶ-ପଥରେ ସଦା ରମଣକାରୀ, ଜ୍ଞାନ-ରଥରେ ଆରୂଢ଼ ଜ୍ଞାନୀଜନ, ଅହିଂସକ ପ୍ରଜ୍ଞାବାନ୍, ଅପ୍ରତିହତ ବୁଦ୍ଧିସମ୍ପନ୍ନ, ନିଷ୍ପାପ ପୁରୁଷ, ପ୍ରକାଶମୟ ଉଚ୍ଚ ପଦରେ ପ୍ରତିଷ୍ଠିତ ହୁଅନ୍ତି, ପରମପଦ ମୋକ୍ଷ ପ୍ରାପ୍ତ କରନ୍ତି । ଏଭଳି ବ୍ୟକ୍ତି ଜଗତକଲ୍ୟାଣ ପାଇଁ ହିଁ ଜନ୍ମଗ୍ରହଣ କରିଥାନ୍ତି । ସେମାନେ ଆମ କଲ୍ୟାଣ ସାଧନ କରନ୍ତୁ, ଆମେ ସେମାନଙ୍କ ଦ୍ୱାରା ସ୍ୱକଲ୍ୟାଣ ସାଧନ କରୁ ।

**ସମ୍ରାଜୋ ଯେ ସୁବୃଧୋ ଯଜ୍ଞମାୟୟୁରପରିହ୍ୱୃତା ଦଧିରେ ଦିବି କ୍ଷୟମ୍ । ତାଁ ଆ ବିବାସ ନମସା ସୁବୃକ୍ତିଭିର୍ମହୋ ଆଦିତ୍ୟାଁ ଅଦିତିଂ ସ୍ୱସ୍ତୟେ ॥ ୧୧ ॥**

**ପଦାର୍ଥ —** ହେ ମନୁଷ୍ୟ ! (ଯେ) ଯେଉଁମାନେ (ସମ୍ରାଜଃ) ସ୍ୱ ଜ୍ଞାନ, ଶୁଭଗୁଣ ଦ୍ୱାରା ସମ୍ୟକ୍ ରୂପେ ପ୍ରକାଶମାନ୍, ଯଶସ୍ୱୀ, (ସୁବୃଧଃ) ସ୍ୱ ଜ୍ଞାନ ଓ କର୍ମ ଦ୍ୱାରା ନିଜର ତଥା ଅନ୍ୟର ଉନ୍ନତି ସାଧନକାରୀ (ଯଜ୍ଞମ୍) ଶୁଭ କର୍ମକୁ (ଆୟୟୁଃ) ପ୍ରାପ୍ତ ହୁଅନ୍ତି, ଯେଉଁମାନେ (ଅପରିହ୍ୱୃତାଃ) କୁଟିଳତାରହିତ, (ଦିବି) ଉଚ୍ଚ ମହିମାମୟ (କ୍ଷୟମ୍) ପଦକୁ (ଦଧିରେ) ଧାରଣ କରନ୍ତି, (ତାନ୍) ସେହି (ମହଃ) ମହାନ୍, (ଆଦିତ୍ୟାନ୍) ଆଦିତ୍ୟ ସମ ଯଶସ୍ୱୀ ତେଜସ୍ୱୀ ପୁରୁଷଙ୍କୁ ଓ (ଅଦିତିମ୍) ବିଦୁଷୀ, ଯଶସ୍ୱିନୀ ମହିଳାଙ୍କୁ (ସ୍ୱସ୍ତୟେ) ସ୍ୱ କଲ୍ୟାଣ ତଥା ଜଗତକଲ୍ୟାଣ ନିମିତ୍ତ (ନମସା) ନମନ, ଅନ୍ନପାନାଦି ସହ (ସୁବୃକ୍ତିଭିଃ) ଉତ୍ତମ ପ୍ରଶଂସନୀୟ ବଚନ ଦ୍ୱାରା (ଆ ବିବାସ) ଉତ୍ତମ ରୂପେ ସେବା-ସତ୍କାର କର ।

**ଭାବାର୍ଥ —** ଯେଉଁମାନେ ସ୍ୱକୀୟ ଜ୍ଞାନ, ଶୁଭଗୁଣ ଆଦି ଦ୍ୱାରା ସମ୍ୟକ୍ ରୂପେ ପ୍ରକାଶମାନ, କେବଳ ନିଜ ଉନ୍ନତିରେ ସନ୍ତୁଷ୍ଟ ନ ରହି ସମସ୍ତଙ୍କର ଉନ୍ନତିରେ ହିଁ ନିଜର ଉନ୍ନତି ବୋଲି ବିଚାର କରି ନିଜର ତଥା ଅନ୍ୟର ସର୍ବାଙ୍ଗୀଣ ଉନ୍ନତି ସାଧନରେ ସଦା ପ୍ରଯତ୍ନଶୀଳ, ଶୁଭକର୍ମକୁ ପ୍ରାପ୍ତ ହୁଅନ୍ତି, ଉତ୍ତମ କର୍ମରେ ପ୍ରବୃତ୍ତ ହୁଅନ୍ତି, ଉତ୍ତମ ପରୋପକାରୀ ଯୋଜନର ପୂରଣ ପାଇଁ ତୁମ ନିକଟକୁ ଆଗମନ କରନ୍ତି, ତଥା ଯେଉଁମାନେ କୁଟିଳତାରହିତ, ଉଚ୍ଚ ସମ୍ମାନନୀୟ ପଦରେ ପ୍ରତିଷ୍ଠିତ, ଉଚ୍ଚ ମହିମାମୟ ସ୍ତରରେ ଆସୀନ, ଖ୍ୟାତିପ୍ରାପ୍ତ; ସେହି ମହାନ୍ ପୂଜ୍ୟସ୍ପଦ ଆଦିତ୍ୟ ସମ ତେଜସ୍ୱୀ-ଯଶସ୍ୱୀ ପୁରୁଷଙ୍କୁ ଓ ସେଭଳି ଯଶସ୍ୱିନୀ, ବିଦୁଷୀ ମହିଳାଙ୍କୁ ସ୍ୱ କଲ୍ୟାଣ ତଥା ଜଗତକଲ୍ୟାଣ ନିମିତ୍ତ ନମନ, ଅନ୍ନପାନାଦି ପ୍ରଦାନ ସାଙ୍ଗକୁ ଉତ୍ତମ ପ୍ରଶଂସନୀୟ ବଚନ ଦ୍ୱାରା ଉତ୍ତମ ରୂପେ ସେବା-ସତ୍କାର କରୁ, ଯଦ୍ୱାରାକି ଆମର କଲ୍ୟାଣ ସାଧିତ ହେବ ।

❖❖❖

**୩୨ ପୃଷ୍ଠାର ଅବଶିଷ୍ଟାଂଶ...**

| | | | |
|---|---|---|---|
| ଶ୍ରୀମତୀ ସବିତା ସାହୁ | ସମ୍ବଲପୁର | ୦୧ | ୦୩ |
| ଶ୍ରୀମାନ୍ ରମେଶ ଚନ୍ଦ୍ର ନାୟକ | କଟକ | ୦୧ | ୦୩ |
| ଶ୍ରୀମାନ୍ ସତ୍ୟନାରାୟଣ ପ୍ରଧାନ | ବଲାଙ୍ଗିର | ୦୧ | ୦୩ |
| ଶ୍ରୀମତୀ ପାର୍ବତୀ ସ୍ୱାଇଁ | କଟକ | ୦୧ | ୦୨ |
| ଶ୍ରୀମାନ୍ କାର୍ତ୍ତିକ ମେହେର | ସୁବର୍ଣ୍ଣପୁର | ୦୧ | ୦୨ |
| ଶ୍ରୀମାନ୍ ନାରାୟଣ ଲୁହା | ବଲାଙ୍ଗିର | ୦୧ | ୦୧ |
| ଡ. ଶରତ ଚନ୍ଦ୍ର ଦାସ | ସୁନ୍ଦରଗଡ଼ | ୦୦ | ୧୨ |
| ଶ୍ରୀମତୀ ଗୀତାଞ୍ଜଳି ଭୋଇ | ବରଗଡ଼ | ୦୦ | ୧୧ |
| ଶ୍ରୀମାନ୍ ବିଶ୍ୱନାଥ ଦାସ | ଗଞ୍ଜାମ | ୦୦ | ୧୧ |
| ଶ୍ରୀମାନ୍ ଗୋପାଳକୃଷ୍ଣ ପାଢ଼ୀ | କନ୍ଧମାଳ | ୦୦ | ୧୦ |
| ଶ୍ରୀମାନ୍ କେ. ଅରକ୍ଷିତ ପାତ୍ର | | ୦୦ | ୧୦ |
| ଶ୍ରୀମାନ୍ ସଂଜୟ କୁମାର ମଣ୍ଡଳ | ଖୋର୍ଦ୍ଧା | ୦୦ | ୧୦ |

**କ୍ରମଶଃ...**

ସିଦ୍ଧାନ୍ତ ଚର୍ଚ୍ଚା :

# ଆମର ରଚୟିତା

ପଣ୍ଡିତ ଗଙ୍ଗାପ୍ରସାଦ ଉପାଧ୍ୟାୟ

## ଦୁଇ ପ୍ରକାରର ବସ୍ତୁ

'ଆମର ରଚୟିତା କିଏ ?' ପ୍ରତ୍ୟେକ ବୁଦ୍ଧିମାନ୍ ବ୍ୟକ୍ତିର ମନରେ ଏହି ପ୍ରଶ୍ନ ଉଙ୍କି ମାରିଥାଏ। ସଂସାରରେ ଦୁଇ ପ୍ରକାରର ବସ୍ତୁ ଦେଖିବାକୁ ମିଳେ। ପ୍ରଥମ ପ୍ରକାର ବସ୍ତୁ ସେଗୁଡ଼ିକ, ଯାହାକୁ ମନୁଷ୍ୟ ବା ଅନ୍ୟ କୌଣସି ପ୍ରାଣୀମାନେ ତିଆରି କରିଥାନ୍ତି ଏବଂ ଦ୍ୱିତୀୟ ପ୍ରକାର ବସ୍ତୁ ସେ ସବୁ ଯାହାର ନିର୍ମାତା ଦେଖାଯାଏ ନାହିଁ। ବାୟା ଆଦି ଚଢ଼େଇ ବସା ତିଆରି କରିବାର ଆମେ ଦେଖୁ। ଏଣୁ ଯେକୌଣସି ସ୍ଥାନରେ ଆମେ ଚଢ଼େଇ ବସାଟିଏ ଦେଖିଲେ ତତ୍‌କ୍ଷଣାତ୍ ଆମ ମନରେ ବିଚାର ଆସିଯାଏ ଯେ ଏହାକୁ କୌଣସି ଚଢ଼େଇ ତିଆରି କରିଛି। ଏହିପରି ଘର, ଖଟ, ଚୌକି ଆଦି ମନୁଷ୍ୟ ଦ୍ୱାରା ତିଆରି ହେବା ଆମେ ଦେଖୁଛେ। ଏଣୁ ତାଜମହଲ ଆଦି ବଡ଼-ବଡ଼ ଭବନ ବା ରେଳ ଆଦି ଯାନକୁ ଦେଖୁଦେଖୁ ସ୍ୱାଭାବିକ ଭାବେ ସ୍ଥିର କରିନେଉ ଯେ କୌଣସି ନା କୌଣସି ମନୁଷ୍ୟ ଏସବୁକୁ ନିର୍ମାଣ କରିଛି। ଏହା ଆମର ଅନୁମାନ ପ୍ରମାଣ। ଏହା କେବେ ଭୁଲ୍ ହୁଏ ନାହିଁ। ଏହାର ସତ୍ୟତା ଉପରେ ଆମର କୌଣସି ସନ୍ଦେହ ନାହିଁ। ଏ କଥା ନିଶ୍ଚିତ ଅଟେ। ଯେଉଁମାନେ ଅନୁମାନ ପ୍ରମାଣର ପ୍ରାମାଣିକତାକୁ ସ୍ୱୀକାର କରନ୍ତି ନାହିଁ ସେମାନେ ବି ନିଜର ବ୍ୟାବହାରିକ ଜୀବନରେ ଏହା ସିଦ୍ଧ କରନ୍ତି ଯେ ଅନୁମାନ ପ୍ରମାଣ ଅବଶ୍ୟ ରହିଛି। ଯଦି ସେମାନେ କୌଣସି ପୁସ୍ତକକୁ ଦେଖନ୍ତି, ତେବେ ସଙ୍ଗେ-ସଙ୍ଗେ ପଚାରନ୍ତି — 'ଏହାର ଲେଖକ କିଏ ? କେଉଁଠି ଛପା ହୋଇଛି ?' ଇତ୍ୟାଦି। ସେମାନଙ୍କୁ କେବେ ଏପରି ସନ୍ଦେହ ହୁଏନାହିଁ ଯେ ହୁଏତ ବୃକ୍ଷଲତା ପରି ଏହା ମାଟିରୁ ଉତ୍ପନ୍ନ ହୋଇଥିବ ବା ବୃକ୍ଷରେ ଫୁଲ-ଫଳ ଧରିବା ପରି ଫୁଟିଥିବ କି ଫଳିଥିବ।

## କଳାକାରକୁ ନିଜର କଳାର ଜ୍ଞାନ ଥାଏ

କିନ୍ତୁ ସଂସାରରେ ଏପରି ଅନେକ ବସ୍ତୁ ରହିଛି ଯେଉଁଗୁଡ଼ିକୁ କେବେ କିଏ ତିଆରି କରୁଥିବାର ଆମେ ବା ଅନ୍ୟ କୌଣସି ମନୁଷ୍ୟ ଦେଖିନାହାନ୍ତି। 'ପାହାଡ଼-ପର୍ବତ, ନଦୀ-ନାଳ, ପୃଥିବୀ, ସୂର୍ଯ୍ୟ, ଚନ୍ଦ୍ର ଆଦିକୁ କିଏ ନିର୍ମାଣ କରିଛନ୍ତି।' – ଏହା ଏକ ପ୍ରଶ୍ନ। 'ମନୁଷ୍ୟକୁ କିଏ ଗଢ଼ିଲେ ?' – ଏହା ବି ଏକ ପ୍ରଶ୍ନ। ଯେଉଁମାନେ ଏହା କହିଦିଅନ୍ତି ଯେ ମନୁଷ୍ୟକୁ ପିତା-ମାତା ତିଆରି କରିଛନ୍ତି, ସେମାନେ ଏପରି କହି ନିଜର ଅଜ୍ଞତାକୁ ହିଁ ପ୍ରକାଶ କରୁଛନ୍ତି, କାରଣ ମନୁଷ୍ୟ ଶରୀରର ନିର୍ମାଣ ବିଷୟରେ ପିତା-ମାତାଙ୍କର କୌଣସି ଜ୍ଞାନ ନଥାଏ। ଯିଏ ଘଡ଼ି ନିର୍ମାଣ କରେ, ସିଏ ଘଡ଼ିର ଯନ୍ତ୍ରପାତିକୁ ଭଲ ରୂପେ ଜାଣିଥାଏ। କଳକବ୍‌ଜାକୁ ନ ଜାଣି କେହି କୌଣସି ପଦାର୍ଥ ତିଆରି କରିପାରିବ ନାହିଁ। ସନ୍ତାନର ଶରୀରର ଅଙ୍ଗପ୍ରତ୍ୟଙ୍ଗ ବିଷୟରେ ମାତା-ପିତାଙ୍କର ଆଦୌ ଜ୍ଞାନ ନଥାଏ। ଯିଏ ଘଡ଼ି ତିଆରି କରିପାରେ, ସିଏ ଘଡ଼ିର ତ୍ରୁଟିକୁ ବି ସୁଧାରିପାରେ। ଯଦି ମା' ନିଜ ସନ୍ତାନର ନିର୍ମାତ୍ରୀ ହୋଇଥାନ୍ତେ, ତେବେ ରୁଗ୍‌ଣ ସନ୍ତାନମାନଙ୍କୁ ଧରି ମା' ମାନେ କୌଣସି ବୈଦ୍ୟ ବା ଚିକିତ୍ସକଙ୍କ ପାଖକୁ ଆଦୌ ଦୌଡ଼ୁ ନଥାନ୍ତେ। ଯେଉଁ ମାଆକୁ ଏହା ବି ଜଣାନାହିଁ ଯେ ତା'ର ଗର୍ଭରେ ପୁତ୍ର ଅଛି ନା କନ୍ୟା, ସେ କଳା ନା ଗୋରା, ମୂର୍ଖ ନା ବୁଦ୍ଧିମାନ୍, ଛୋଟା-କେମ୍ପା ନା ସୁସ୍ଥସବଳ, ତାକୁ ସନ୍ତାନର ନିର୍ମାତ୍ରୀ ବୋଲି କଦାପି କୁହାଯାଇ ନ ପାରେ। ମାଈ କୁକୁରଟିଏ ମଧ୍ୟ ସେହିପରି ଛୁଆ ଜନ୍ମ କରିଥାଏ, ଯେଉଁପରି ଜଣେ ମହିଳା ମଣିଷ ଛୁଆଟିକୁ ଜନ୍ମ ଦେଇଥାନ୍ତି। ଚଢ଼େଇ ସେହିପରି ଅଣ୍ଡାଦିଏ, ଯେପରି ପିମ୍ପୁଡ଼ି ଦେଇଥାଏ। କିନ୍ତୁ ନା ମହିଳା, ନା କୁକୁର, ନା ଚଢ଼େଇ, ନା ପିମ୍ପୁଡ଼ି କାହାରି ମଧ୍ୟ ନିଜର ସନ୍ତାନ ନିର୍ମାଣ ବିଷୟରେ କିଛି ବି ଜ୍ଞାନ ନଥାଏ। କୁକୁର ଛୁଆର ଶରୀରର ନିର୍ମାଣ ସେହି ବିଚିତ୍ର ଯନ୍ତ୍ରଠାରୁ ବି ବିଚିତ୍ର ଅଟେ, ଯେଉଁ ଯନ୍ତ୍ରକୁ କି ବୁଦ୍ଧିମାନ୍‌ରୁ ବୁଦ୍ଧିମାନ୍ ମନୁଷ୍ୟ ତିଆରି କରିଛି। ଯଦି ମା' କୁକୁର ଛୁଆର ନିର୍ମାତ୍ରୀ ହୋଇଥାନ୍ତା, ତେବେ ସେ ନିଶ୍ଚୟ ସେହି ବୁଦ୍ଧିମାନ୍ ମନୁଷ୍ୟଠାରୁ ବି ବୁଦ୍ଧିମତୀ ହୋଇଥାନ୍ତା।

ମନୁଷ୍ୟ, ପଶୁ, ପକ୍ଷୀ, ସୂର୍ଯ୍ୟ, ଚନ୍ଦ୍ର ତଥା ସୃଷ୍ଟିର ଅନ୍ୟ ବସ୍ତୁଗୁଡ଼ିକର ନିର୍ମାଣ ବିଷୟରେ ଅନେକ ମତ ରହିଛି। ଗୋଟିଏ ମତ ହେଉଛି ଏହା ଯେ ଏସବୁର ରଚୟିତା ସୂକ୍ଷ୍ମ, ଅଦୃଷ୍ଟ, ପୂର୍ଣ୍ଣଜ୍ଞାନୀ ତଥା ଶୁଦ୍ଧ ସ୍ୱଭାବ ଏବଂ ମହାନ୍ ଶକ୍ତିଶାଳୀ ଏକ ସତ୍ତା ଯାହାଙ୍କ ନାମ 'ଈଶ୍ୱର'। ବିଭିନ୍ନ ଲୋକେ ତାଙ୍କୁ ଭିନ୍ନ-ଭିନ୍ନ ନାମରେ ଡାକନ୍ତି **— 'ଏକଂ ସଦ୍ ବିପ୍ରା ବହୁଧା ବଦନ୍ତି'** (ଋକ୍.୧:୧୬୪:୪୬) । କିଏ ତାଙ୍କୁ ଖୁଦା କହିଥାଏ, କିଏ ଗଡ୍, କିଏ ପରମେଶ୍ୱର ଓ ଆଉ କିଏ ବ୍ରହ୍ମ ଇତ୍ୟାଦି। ଏହି ସତ୍ତାକୁ ସ୍ୱୀକାର କରୁଥିବା ଲୋକେ ଆସ୍ତିକ ବୋଲାଇଥାନ୍ତି। କିନ୍ତୁ କିଛି ଲୋକ ଏପରି ବି ଅଛନ୍ତି ଯେଉଁମାନେ ନିଜକୁ ନାସ୍ତିକ ବୋଲି କହନ୍ତି ଏବଂ ସେହି ସତ୍ତାକୁ ସ୍ୱୀକାର କରନ୍ତି ନାହିଁ। ସେମାନଙ୍କ ମନରେ ବି ଆସ୍ତିକମାନଙ୍କ ପରି ଏହି ପ୍ରଶ୍ନ ଉଠେ ଯେ, 'ଆମର ରଚୟିତା କିଏ' ? କିନ୍ତୁ ସେମାନେ ଏହାର ଉତ୍ତର ଭିନ୍ନ ପ୍ରକାରେ ଦେଇଥାନ୍ତି। ଜଣେ କହେ ଯେ ଏହି ସୃଷ୍ଟିର ରଚୟିତା କେହି ନାହିଁ। କେବଳ ସ୍ୱାଭାବିକ ଭାବେ ବା ପ୍ରକୃତିରୁ ସମସ୍ତ ବସ୍ତୁ ନିର୍ମିତ ହୋଇଥାଏ। ଯେଉଁପରି ମଦ ତିଆରି କରାଯାଉଥିବା ପଦାର୍ଥଗୁଡ଼ିକୁ ଏକ ପ୍ରକାରେ ଏକତ୍ରିତ କରିଦେଲେ ନିଶାଯୁକ୍ତ ମଦ ଆପେ-ଆପେ ତିଆରି ହୋଇଯାଏ, ଅଥବା ଚୂନ ଓ ହଳଦୀ ମିଶାଇ ଦେଲେ କୁଙ୍କୁମ ତିଆରି ହୋଇଯାଏ, ସେହିପରି ଭିନ୍ନ-ଭିନ୍ନ ପରମାଣୁଗୁଡ଼ିକର ପାରସ୍ପରିକ ସଂଯୋଗରେ ସୃଷ୍ଟିର ସମସ୍ତ ବସ୍ତୁ ନିର୍ମିତ ହୋଇଥାନ୍ତି। ତାଙ୍କୁ ଯଦି ପ୍ରଶ୍ନ କରାଯାଏ ଯେ ସୂର୍ଯ୍ୟଙ୍କୁ କିଏ ତିଆରି କରିଛନ୍ତି ? ତେବେ ସେ ଉତ୍ତର ଦିଅନ୍ତି - 'ପ୍ରକୃତି'। କେତେକ ଲୋକ କହନ୍ତି ଯେ ସୃଷ୍ଟିକୁ କେହି ତିଆରି କରିନାହାନ୍ତି। ଏହା ଅକସ୍ମାତ୍ (By Chance) ହିଁ ଏପରି ତିଆରି ହୋଇଯାଇଛି। ଅନେକ ସମୟରେ ଦେଖାଯାଏ ଯେ କୌଣସି ଏକ ପୋକ ମାଟି ଉପରେ ଘୂରୁ-ଘୂରୁ ଅକ୍ଷର ଭଳି କିଛି ଲେଖି (ଆଙ୍କି) ହୋଇଯାଏ। ବାସ୍ତବରେ ସେହି ପୋକର କୌଣସି ଉଦ୍ଦେଶ୍ୟ ନଥାଏ ଯେ ଅମୁକ ଅକ୍ଷର ଲେଖିବି। ଏହିଭଳି ସୃଷ୍ଟି ବି ଅକସ୍ମାତ୍ ହିଁ ନିର୍ମିତ ହୋଇଯାଏ। ସେମାନେ କହନ୍ତି ଯେ ଯଦି ବାସ୍ତବରେ ଏହି ସୃଷ୍ଟିର ରଚୟିତା କେହି ଥାଆନ୍ତେ, ତେବେ ସୃଷ୍ଟି ଏପରି ଖରାପ ହୁଅନ୍ତା ନାହିଁ, ଯେପରି ଆଜିକାଲି ଦେଖାଯାଉଛି। ଜଣେ ସଂସ୍କୃତ କବି କହନ୍ତି —

**ଗନ୍ଧଂ ସୁବର୍ଣ୍ଣେ ଫଲମିକ୍ଷୁଦଣ୍ଡେ,**
**ନାକାରି ପୁଷ୍ପଂ ଖଲୁ ଚନ୍ଦନେଷୁ।**
**ବିଦ୍ୱାନ୍ ଧନାଢ୍ୟୋ ନୃପ ଦୀର୍ଘଜୀବୀ,**
**ଧାତୁସ୍ତଦା କୋଽପି ନ ବୁଦ୍ଧିଦୋଽଭୂତ୍ ॥**

ନା ସୁନାରେ ସୁଗନ୍ଧ ଦେଇଛନ୍ତି, ନା ଆଖୁରେ ଫଳ ଦେଇଛନ୍ତି, ନା ଚନ୍ଦନରେ ଫୁଲ ଦେଇଛନ୍ତି, ନା ବିଦ୍ୱାନଙ୍କୁ ଧନ ଦେଇଛନ୍ତି ଏବଂ ନା ରାଜାକୁ ଦୀର୍ଘଜୀବୀ କରିଛନ୍ତି। ଏଥିରୁ ଜଣାଯାଏ ଯେ ସୃଷ୍ଟି ରଚନା ସମୟରେ ସୃଷ୍ଟିର ରଚୟିତାଙ୍କୁ ବୁଦ୍ଧି ଦେବା ପାଇଁ କେହି ନଥିଲେ।

ଏହା ତ କବିଙ୍କ କବିତାର କଥା। କିନ୍ତୁ ଅନେକ ଦାର୍ଶନିକ ମଧ୍ୟ ସୃଷ୍ଟିରେ ଅନେକ ଦୋଷ-ତ୍ରୁଟି ଦର୍ଶାଇବାକୁ ଉଦ୍ୟମ କରିଛନ୍ତି। କିଏ କହେ ଯଦି ସୂର୍ଯ୍ୟଙ୍କୁ ଏପରି ତିଆରି କରାଯାଇଥାନ୍ତା ଯଦ୍ଦ୍ୱାରା କି ସେ ରାତ୍ରିରେ ମଧ୍ୟ ଆଲୋକ ଦେଇପାରନ୍ତା, ତେବେ ଭଲ ହୋଇଥାନ୍ତା। ଆଉ କିଏ କହିଥାଏ ଯେ ମନୁଷ୍ୟର ଚକ୍ଷୁ ଏପରି ଭୁଲ୍ ଭାବେ ତିଆରି ହୋଇଛି ଯେ ଏଥିରେ ଅନେକ ପ୍ରକାର ତ୍ରୁଟି ରହିଛି। ଯଦି ବାସ୍ତବରେ କୌଣସି ଜ୍ଞାନବାନ୍ ଶକ୍ତି ଏହାକୁ ତିଆରି କରିଥାନ୍ତେ, ତେବେ ଏହି ତ୍ରୁଟିଗୁଡ଼ିକୁ ରହିବାକୁ ଦିଅନ୍ତେ ନାହିଁ। କିଏ କହେ ସଂସାରରେ ଏତେ ଦୁଃଖ ରହିଛି ଯେ ଆମେ କେବେ ବି ଏହାକୁ ପୂର୍ଣ୍ଣ ଜ୍ଞାନୀ ଈଶ୍ୱରଙ୍କ ଦ୍ୱାରା ନିର୍ମିତ ବୋଲି ସ୍ୱୀକାର କରିପାରିବୁ ନାହିଁ। ମନୁଷ୍ୟ ଉପରେ କୌଣସି ନା କୌଣସି ବିପତ୍ତି ସବୁବେଳେ ଲାଗିରହିଛି। କେତେବେଳେ ଭୂମିକମ୍ପ, କେତେବେଳେ ବନ୍ୟା-ବାତ୍ୟା, କେତେବେଳେ ଅଗ୍ନିକାଣ୍ଡ ଇତ୍ୟାଦି। ଯେଉଁ ସଂସାରରେ ଏତେ ଦୁଃଖ ରହିଛି ତାହାକୁ ସର୍ବଜ୍ଞ, ଶୁଦ୍ଧ, ହିତଚିନ୍ତକ ଏବଂ ପ୍ରେମମୟ ଈଶ୍ୱରଙ୍କ ଦ୍ୱାରା ନିର୍ମିତ ବୋଲି ମାନିବା ମୂର୍ଖତା ନୁହେଁ ତ ଆଉ କ'ଣ ? ଏଥିରୁ ସେମାନେ ଏହି ନିଷ୍କର୍ଷ ବାହାର କରନ୍ତି ଯେ ଘୁଣାକ୍ଷର-ନ୍ୟାୟ ଅନୁଯାୟୀ ପରମାଣୁଗୁଡ଼ିକର ଆକସ୍ମିକ (ବାଇ ଚାନ୍ସ) ସଂଯୋଗରୁ ସୃଷ୍ଟି ରଚନା ହୁଏ। ଏହିପରି ଭାବେ ସୃଷ୍ଟିର କାରଣ ସଂପର୍କରେ ଚାରି ପ୍ରକାର ମତ ଦେଖାଯାଏ — ୧. ଈଶ୍ୱର, ୨. ସ୍ୱଭାବ, ୩. ପ୍ରକୃତି, ୪. ଆକସ୍ମିକ ଘୁଣାକ୍ଷର-

ନ୍ୟାୟବତ୍।

ଆମେ ଏଠାରେ ଅନ୍ତିମ ମତରୁ ଆରମ୍ଭ କରି କ୍ରମଶଃ ଗୋଟିକ ପରେ ଗୋଟିଏର ସଂକ୍ଷିପ୍ତ ମୀମାଂସା କରିବା।

**ଯେତେବେଳେ ଲେଖକ ବ୍ୟତୀତ ପୁସ୍ତକ ଲେଖାଯାଇପାରେ ନାହିଁ, ତେବେ ସ୍ରଷ୍ଟା ବିନା ସୃଷ୍ଟି କିପରି ହେଲା ?**

ବାସ୍ତବରେ ସୃଷ୍ଟିର କୌଣସି ବି କାର୍ଯ୍ୟକୁ ଦେଖି ଏପରି ଅନୁଭବ ହୁଏ ନାହିଁ ଯେ ଘୁଣାକ୍ଷର-ନ୍ୟାୟବତ୍ ଏହା ନିର୍ମିତ ହୋଇଛି। ପ୍ରତ୍ୟେକ କାର୍ଯ୍ୟରେ ଏକ ବିଚିତ୍ର ନିୟମ ଆମର ଦୃଷ୍ଟିଗୋଚର ହୁଏ। ଯଦି ଘୁଣାକ୍ଷର ନ୍ୟାୟ ଭଳି ସୃଷ୍ଟି ରଚନା ହୋଇଥାନ୍ତା, ତେବେ ବିଜ୍ଞାନର ପ୍ରଗତି କେବେ ବି ହୋଇପାରନ୍ତା ନାହିଁ। ବିଜ୍ଞାନର କାର୍ଯ୍ୟ କ'ଣ ? ଏହା ହିଁ ତ ଯେ, ସେହି ନିୟମଗୁଡ଼ିକୁ ଆବିଷ୍କାର କରିବା ଯାହା ସୃଷ୍ଟିରେ କାର୍ଯ୍ୟ କରୁଛନ୍ତି। ଭିନ୍ନ-ଭିନ୍ନ ବିଜ୍ଞାନ ଭିନ୍ନ-ଭିନ୍ନ ନିୟମର ମୀମାଂସା କରିଥାଏ। ବୈଜ୍ଞାନିକମାନେ ରାତିଦିନ ଏହି ନିୟମଗୁଡ଼ିକର ଅନ୍ୱେଷଣରେ ଲାଗିଥାନ୍ତି। ଜଣେ ବ୍ୟକ୍ତି ଠିକ୍ ହିଁ କହିଛନ୍ତି ଯେ ଯଦି କୌଣସି ଛାପାଖାନାର କମ୍ପୋଜିଟରମାନେ ମୁଦ୍ରଣାଳୟର ସବୁଯାକ ଭିନ୍ନ-ଭିନ୍ନ ଅକ୍ଷରକୁ କୋଟି-କୋଟି ବର୍ଷ ଧରି ଖାଲି ତଳ-ଉପର କରି ଚାଲିଥିବେ, ତେବେ ବି ସେମାନେ କଦାପି ସେକ୍ସପିୟରଙ୍କ ନାଟକ ସୃଷ୍ଟି କରିପାରିବେ ନାହିଁ। କାରଣ ସେକ୍‌ସପିଅରଙ୍କ ନାଟକରେ ଅକ୍ଷରଗୁଡ଼ିକର ଯେଉଁ ସଂଯୋଜନା ହୋଇଛି ତାହା ଅକସ୍ମାତ୍ ନୁହେଁ, ବରଂ ନିୟମପୂର୍ବକ ହୋଇଛି ଏବଂ ସେଥିରୁ ତାଙ୍କର ବୁଦ୍ଧିର ପରିଚୟ ମିଳେ। ଯଦି ଅକ୍ଷରଗୁଡ଼ିକ ସ୍ୱୟଂ ତଳ-ଉପର ହେବା ଦ୍ୱାରା ପୁସ୍ତକଟିଏ ରଚିତ ହୋଇପାରେ ନାହିଁ, ତେବେ ପରମାଣୁଗୁଡ଼ିକ ଗୋଟିଏ ଅନ୍ୟ ସହ ସଂଯୋଗ ହେବା ଦ୍ୱାରା ଅକସ୍ମାତ୍ ସୂର୍ଯ୍ୟ ଓ ଚନ୍ଦ୍ର ଭଳି ଲୋକ-ଲୋକାନ୍ତର, ନଦୀ-ନାଳ, ପାହାଡ଼-ପର୍ବତ ଭଳି ଚମତ୍କାର ପୂର୍ଣ୍ଣ ବସ୍ତୁ ଏବଂ ଶରୀର ଭଳି ଅଦ୍‌ଭୁତ ଯନ୍ତ୍ର ନିର୍ମାଣ ହୋଇପାରିବ ନାହିଁ। ଯେଉଁମାନେ ସୃଷ୍ଟିର ବିଭିନ୍ନ ତ୍ରୁଟି ଦର୍ଶାଇଥାନ୍ତି ସେମାନଙ୍କର ଦୃଷ୍ଟି ଅତି ସଂକୀର୍ଣ୍ଣ। ସେମାନେ ସୃଷ୍ଟିର ଅତି କ୍ଷୁଦ୍ର ଭାଗକୁ ହିଁ ଦେଖନ୍ତି ଏବଂ ଯାହା ମୁଣ୍ଡକୁ ଆସିଲା ସେ ବିଚାରକୁ ସିଦ୍ଧାନ୍ତ ବୋଲି ମନେ କରିଥାନ୍ତି। ସେମାନଙ୍କ ଅବସ୍ଥା ସେହି ବାଳକ ସଦୃଶ ଯିଏ ନିଜର ପଟା ଉପରେ ମନଇଚ୍ଛା ଗାର ଟାଣି ନିଜ ପିତାଙ୍କୁ କହେ ଯେ 'ତୁମେ ଛୋଟ-ଛୋଟ ଅକ୍ଷର କାହିଁକି ଲେଖୁଛ ? ମୋ ପରି ବଡ଼-ବଡ଼ ଅକ୍ଷର କାହିଁକି ଲେଖୁନାହଁ ?' ଯେଉଁମାନେ ଚକ୍ଷୁର ନିର୍ମାଣରେ ତ୍ରୁଟି ବାହାର କରନ୍ତି ସେମାନେ ଆଜି ପର୍ଯ୍ୟନ୍ତ ଦୋଷରହିତ ଗୋଟିଏ ବି ଚକ୍ଷୁ ତିଆରି କରି ଦେଇନାହାନ୍ତି କି ସେହି ଚକ୍ଷୁ ଯାହାକୁ ସେମାନେ ଦୋଷରହିତ ବୋଲି କହିବା ପାଇଁ ଚାହାନ୍ତି ନା ତାକୁ ଏପରି କରିଛନ୍ତି, ଯେପରିକି ସେଥିରେ ଅନ୍ୟ କେହି ତ୍ରୁଟି ବାହାର କରିପାରିବେ ନାହିଁ। ମନେକରନ୍ତୁ ମୁଁ ନୂଆ ଘରଟିଏ ତିଆରି କଲି। ସେଥିରେ ରୋଷେଇ କରିବା ପାଇଁ କକ୍ଷଟିଏ କରିଛି। ଯେଉଁ ଲୋକ ସେହି ରୋଷେଇ ଘରକୁ ଶୟନ କକ୍ଷ କରିବାକୁ ଚାହିଁବ, ସେଥିରେ ତାକୁ ନିଶ୍ଚିତ ରୂପେ ଅନେକ ତ୍ରୁଟି ଦେଖାଯିବ ଏବଂ ଯେଉଁ କୋଠରୀକୁ ଶୟନ କକ୍ଷ ଦୃଷ୍ଟିରୁ ସର୍ବୋତ୍କୃଷ୍ଟ ବୋଲି ସେ କହିବ, ଅନ୍ୟ ଜଣେ ଯିଏ କି ତାକୁ ପଢ଼ାଘର କରିବାକୁ ଚାହିଁବ ସେ ସ୍ୱାଭାବିକ ଭାବେ ତ୍ରୁଟିପୂର୍ଣ୍ଣ ନିର୍ମାଣ ବୋଲି କହିବ। ସୃଷ୍ଟିର ବି ଏହି ଅବସ୍ଥା। ବର୍ଷା ଭଲ ହେଉଛି ତ କୃଷକ ଖୁସି, କାରଣ ଏହା ଦ୍ୱାରା ଚାଷ କାର୍ଯ୍ୟ ପାଇଁ ଲାଭ ହେବ; କିନ୍ତୁ ସେପଟେ ଶସ୍ୟ ବ୍ୟବସାୟୀ ଦୁଃଖୀ; କାରଣ ତା'ର ଉଦ୍ଦେଶ୍ୟ ମହଙ୍ଗା ଦରରେ ଶସ୍ୟ ବିକ୍ରି କରି ବେଶି ଲାଭ ପାଇବା। ବର୍ଷା ଭଲ ହେଲେ ଫସଲ ଅଧିକ ହେବ ଓ ମହଙ୍ଗାରେ ଶସ୍ୟ ବିକ୍ରି ହୋଇପାରିବ ନାହିଁ। ସୃଷ୍ଟିକୁ ଭିନ୍ନ-ଭିନ୍ନ ମନୁଷ୍ୟର ଦୃଷ୍ଟିକୋଣରୁ ତିଆରି କରାଯାଇ ନାହିଁ। ନା ସେଥିରେ ତ୍ରୁଟି ରହିଛି, ନା ତାହା ଆକସ୍ମିକ ଭାବେ ତିଆରି ହୋଇଛି।

## ପ୍ରକୃତି(ନେଚର) କ'ଣ ? କେବଳ ଶବ୍ଦ-ଜାଲ

ଯେଉଁମାନେ କହନ୍ତି ଯେ ସୃଷ୍ଟିକୁ ପ୍ରକୃତି (ନେଚର୍) ତିଆରି କରିଛି, ସେମାନେ ତ ଶବ୍ଦ-ଜାଲରେ ଛନ୍ଦି ହୋଇଯାଇଛନ୍ତି, କାରଣ ପ୍ରକୃତି (ନେଚର୍) ରଚୟିତାଙ୍କ ନାମ ନୁହେଁ, ବରଂ ସୃଷ୍ଟି କ୍ରିୟାରେ ନିର୍ମାଣ ବା ରଚନା ହେଉଥିବା ବସ୍ତୁର ନାମ। ଯଦି ପ୍ରଶ୍ନ କରାଯାଏ 'ରୁଟି କିଏ

ତିଆରି କରିଛି'? ଏହାର ଉତ୍ତରରେ ଅଟା କି ରୋଷେଇ ବୋଲି କହିବା ଠିକ୍ ହେବ ନାହିଁ। କାରଣ 'ରୁଟି' ରୋଷେଇର ଅନ୍ତର୍ଗତ। ସେହିପରି ସଂସାରର ସମସ୍ତ ବସ୍ତୁ ପ୍ରକୃତି ବା ନେଚର୍‌ର ଅନ୍ତର୍ଗତ। ଅନେକ ଲୋକ କୌଣସି କାର୍ଯ୍ୟର କାରଣକୁ ନ କହି ସେହି କାର୍ଯ୍ୟର ହିଁ ଅନ୍ୟ ଏକ ନାମ ବା ପ୍ରତିଶବ୍ଦକୁ 'କାରଣ' ବୋଲି କହିଦିଅନ୍ତି। ଏହା ମସ୍ତବଡ଼ ଭୁଲ୍ । ଉଦାହରଣସ୍ୱରୂପ ଯଦି କୌଣସି ଚିକିତ୍ସକ ବା ବୈଦ୍ୟଙ୍କୁ ପଚରାଯାଏ ଯେ 'ଅମୁକ ଲୋକର ମୃତ୍ୟୁର କାରଣ କ'ଣ? ତେବେ ସେ କହିବେ 'ହୃଦୟର ଗତି ବନ୍ଦ ହୋଇଗଲା।' ଏଠାରେ ବାସ୍ତବରେ 'ହୃଦୟର ଗତି ବନ୍ଦ ହେବା' ଏବଂ 'ମୃତ୍ୟୁ' ଉଭୟ ସମାନାର୍ଥବୋଧକ ବା ପର୍ଯ୍ୟାୟବାଚୀ ଶବ୍ଦ ଅଟନ୍ତି, କାର୍ଯ୍ୟ ଓ କାରଣ ନୁହନ୍ତି। 'ମୃତ୍ୟୁର ଅର୍ଥ ହିଁ ହୃଦୟର ଗତି ବନ୍ଦ ହେବା' ଏବଂ 'ହୃଦୟର ଗତି ବନ୍ଦ ହେବା ହିଁ ମୃତ୍ୟୁ'। ତେବେ ତାହାର ଉତ୍ତର 'ଜ୍ୱର ହେବା' କେବେ ହେବ ନାହିଁ। ଜ୍ୱର ରୋଗର ଏକ ରୂପ, କାରଣ ନୁହେଁ। ଏହି ଭଳି ପ୍ରକୃତି ହିଁ ସୃଷ୍ଟି ଏବଂ ସୃଷ୍ଟି ହିଁ ପ୍ରକୃତି ଅଟେ। ବୀଜ ପୃଥିବୀ ପୃଷ୍ଠରେ ପଡ଼ି ଖତ, ମାଟି ଆଦିର ସଂସ୍ପର୍ଶରେ ଆସି ଗଜା ହେବା ହିଁ ସୃଷ୍ଟି ଅଟେ ଏବଂ ତାହା ହିଁ ପ୍ରକୃତି। ପ୍ରକୃତି ବା ନେଚର୍ ଏହା ବ୍ୟତୀତ ଅନ୍ୟ କିଛି ନୁହେଁ।

## ପରମାଣୁଗୁଡ଼ିକର ସ୍ୱଭାବରୁ ସୃଷ୍ଟି-ଉତ୍ପତ୍ତି ନୁହେଁ

ବର୍ତ୍ତମାନ ରହିଲା ସ୍ୱଭାବର ପ୍ରଶ୍ନ। ସ୍ୱୟଂ ସଂଯୁକ୍ତ ହୋଇ ବସ୍ତୁ ନିର୍ମାଣ କରିବା ଯଦି ପରମାଣୁଗୁଡ଼ିକର ସ୍ୱଭାବ ହୋଇଥାନ୍ତା, ତେବେ ମନୁଷ୍ୟ ବା ଅନ୍ୟ ପ୍ରାଣୀମାନଙ୍କୁ କୌଣସି ବସ୍ତୁ ତିଆରି କରିବାକୁ ପଡ଼ନ୍ତା ନାହିଁ। ଯେଉଁ ପରମାଣୁଗୁଡ଼ିକ ନିଜ ସ୍ୱଭାବ ବଳରେ ବୃକ୍ଷ ସୃଷ୍ଟି କରିପାରିଥାନ୍ତି ସେହି ପରମାଣୁଗୁଡ଼ିକ ଦ୍ୱାରା ସେହି ସ୍ୱଭାବର ପ୍ରେରଣାର ଚୌକି, ଟେବୁଲ୍, ସିନ୍ଦୁକ ବି ନିର୍ମାଣ ହୋଇପାରିଥାନ୍ତା। ଯେଉଁ ପରମାଣୁଗୁଡ଼ିକ ଦ୍ୱାରା ସ୍ୱଭାବରୁ ପାହାଡ଼ ତିଆରି ହୁଏ ସେମାନଙ୍କ ଦ୍ୱାରା କୋଠା ବି ନିର୍ମାଣ ହେବା କଥା। କାରଣ ଏହା ତ ସ୍ୱୀକାର କରିବାକୁ ହେବ ଯେ ଯେଉଁ ପରମାଣୁ ଦ୍ୱାରା ଚୌକି, ଟେବୁଲ୍ ତିଆରି ହୋଇଛି, ଏହା ସେହି ପରମାଣୁଗୁଡ଼ିକର ସ୍ୱଭାବର ବିରୁଦ୍ଧରେ ନିର୍ମିତ ହୋଇନାହିଁ। ଯଦି ଚୌକିର ନିର୍ମାଣ ସେହି ପରମାଣୁଗୁଡ଼ିକର ସ୍ୱଭାବର ବିରୁଦ୍ଧ ହୋଇଥାନ୍ତା, ତେବେ କୌଣସି ବି ବଢ଼େଇ କାଠରୁ ଚୌକି ତିଆରି କରିପାରନ୍ତା ନାହିଁ। ଚୂନରେ ହଳଦୀ ମିଶାଇଲେ କୁଙ୍କୁମ ତିଆରି ହୁଏ, କିନ୍ତୁ ଚୂନର ଏହା ସ୍ୱଭାବ ନୁହେଁ ଯେ ତାହା ଆପେ ଆସି ହଳଦୀ ସହ ମିଶିପାରିବ। ଏଗୁଡ଼ିକୁ ପରସ୍ପର ସହ ମିଶାଇବାକୁ ପଡ଼େ। ବେଳେବେଳେ ଦେଖାଯାଏ ଯେ ଜଳ ଏପରି କିଛି ବସ୍ତୁର ସଂସ୍ପର୍ଶରେ ଆସିବା ଦ୍ୱାରା ତା'ର ଉଭୟ ମୌଳିକ ଉପାଦାନ ଅମ୍ଳଜାନ ଓ ଉଦ୍‌ଜାନ ଅଣୁ ପରସ୍ପରଠାରୁ ଅଲଗା ହୋଇଯାଆନ୍ତି ଏବଂ ବେଳେବେଳେ ଏପରି ଭିନ୍ନ-ଭିନ୍ନ ପଦାର୍ଥ ଏକାଠି ହୋଇଯାଆନ୍ତି ଯାହାର ଅମ୍ଳଜାନ ଓ ଉଦ୍‌ଜାନ ଅଣୁ ମିଶି ଜଳ ସୃଷ୍ଟି ହୋଇଯାଏ। ଏହି ପଦାର୍ଥଗୁଡ଼ିକର ସଂଯୋଗ ଆପେ ହୁଏ ନାହିଁ। ଏଥିପାଇଁ କୌଣସି ସଂଯୋଗକାରୀ (ନିମିତ୍ତକାରଣ) ଆବଶ୍ୟକ ପଡ଼େ। କେତେବେଳେ ଏହି ସଂଯୋଗକାରୀଙ୍କୁ ଆମେ ଦେଖିପାରୁ ଯେପରି କି ପରୀକ୍ଷାଗାର (ଲାବୋରେଟୋରୀ)ରେ କାର୍ଯ୍ୟରତ ବିଶେଷଜ୍ଞ (ଏକ୍ସପେରୀମେଣ୍ଟର) ଏବଂ କେତେବେଳେ ଦେଖିପାରୁନା। ଯଦି ପରୀକ୍ଷାଗାରରେ ରଖାଯାଇଥିବା ବସ୍ତୁ ସ୍ୱୟଂ ସ୍ୱଭାବତଃ ମିଶିପାରନ୍ତି ନାହିଁ କି ଅଲଗା ହୋଇପାରନ୍ତି ନାହିଁ, ତେବେ ସୃଷ୍ଟିର ଅନ୍ୟ ସ୍ଥାନରେ ସେମାନେ କିପରି ଆପେ ଆପେ ମିଶିଯାଇଥିବେ? ପୁଣି ଦେଖିବାକୁ ହେବ ଯେ ସ୍ୱଭାବ କ'ଣ? ଯଦି କୁହାଯାଏ ଯେ- "ପରମାଣୁ ଭିତରେ ରହୁଥିବା ସେହି ଅଦୃଶ୍ୟ ଶକ୍ତିକୁ ସ୍ୱଭାବ କହନ୍ତି ଯାହା ଦ୍ୱାରା ପ୍ରେରିତ ହୋଇ ପରମାଣଗୁଡ଼ିକ ପରସ୍ପର ସହ ମିଶିଯାନ୍ତି", ତେବେ ଏପରି ଶକ୍ତିର ଅସ୍ତିତ୍ୱ ସିଦ୍ଧ ହୁଏ ନାହିଁ। କାରଣ ଯେଉଁ ପରମାଣୁଗୁଡ଼ିକ ଏକ ସ୍ଥାନରେ ସଂଯୁକ୍ତ ହୁଅନ୍ତି ସେମାନେ ଅନ୍ୟ ସ୍ଥାନରେ ପୃଥକ୍ ବି ହୋଇଥାନ୍ତି। ଯଦି ସଂଯୋଗ ହେବା ସେମାନଙ୍କର ସ୍ୱଭାବ ହୋଇଥାନ୍ତା ତେବେ ଆଉ ଅଲଗା ହେବା ଉଚିତ ନଥିଲା, ଆଉ ଯଦି ପୃଥକ୍ ହେବା ସ୍ୱଭାବ ହୋଇଥାନ୍ତା ତେବେ ସଂଯୋଗ ହେବା କଥା ନୁହେଁ। ବାସ୍ତବରେ ପରମାଣୁଗୁଡ଼ିକଠାରେ ନା ପରସ୍ପର ସଂଯୋଗ ହେବା ସ୍ୱଭାବ ଅଛି, ନା ପୃଥକ୍ ହେବା

ସ୍ୱଭାବ। ସେମାନଙ୍କଠାରେ ଏପରି ଗୁଣ ତ ଅବଶ୍ୟ ରହିଛି ଯେ, ଯଦି କେହି ସେଗୁଡ଼ିକୁ ସଂଯୁକ୍ତ କରିଦିଏ ତେବେ ଏକ ବିଶେଷ ବସ୍ତୁ ତିଆରି ହୋଇପାରିବ। ଯେପରି କି ଚୂନ ଓ ହଳଦୀ ମିଶିଲେ କୁଙ୍କୁମ ତିଆରି ହୁଏ, ଚୂନରେ ଦହି ମିଶିଲେ କୁଙ୍କୁମ ତିଆରି ହୁଏ ନାହିଁ। କିନ୍ତୁ ଚୂନ ସ୍ୱୟଂ ହଳଦୀ ସହ ମିଶିପାରେ ନାହିଁ। ଏମାନଙ୍କ ମିଶ୍ରଣକାରୀ ନିଶ୍ଚୟ ଅନ୍ୟ କେହି ଜଣେ ହେବ।

ଆମେ ପ୍ରଥମରୁ କହିଛୁ ଯେ, ସଂସାରର ସମସ୍ତ କାର୍ଯ୍ୟକୁ କେବଳ ଦୁଇ ଭାଗରେ ଅନ୍ତର୍ଭୁକ୍ତ ରଖାଯାଇପାରେ। ପ୍ରଥମ ପ୍ରକାରରେ ସେ ସବୁ, ଯାହାର ନିର୍ମାତାକୁ ନାସ୍ତିକ ଓ ଆସ୍ତିକ ଉଭୟେ ସ୍ୱୀକାର କରିଥାନ୍ତି; ଯଥା— ଚୌକି, ଟେବୁଲ୍ ଆଦି। ଏବଂ ଦ୍ୱିତୀୟ ପ୍ରକାରରେ ସେ ସବୁ, ଯାହା ବିଷୟରେ ମତଭେଦ ରହିଛି। ଏହା ବ୍ୟତୀତ ତୃତୀୟ ପ୍ରକାର କିଛି ନାହିଁ। ଏଠାରେ ତର୍କ ଶାସ୍ତ୍ର ଅନୁସାରେ କେବଳ ପ୍ରଥମ ପ୍ରକାର କାର୍ଯ୍ୟ 'ଦୃଷ୍ଟାନ୍ତ' ଶ୍ରେଣୀରେ ଆସିପାରେ, ଅନ୍ୟ ପ୍ରକାର କାର୍ଯ୍ୟ ନୁହେଁ। କାରଣ ଏହି ନିୟମ ରହିଛି ଯେ—

**ଲୌକିକପରୀକ୍ଷକାଣାଂ ଯସ୍ମିନ୍ନର୍ଥେ ବୁଦ୍ଧିସାମ୍ୟଂ ସ ଦୃଷ୍ଟାନ୍ତଃ।** (ନ୍ୟାୟ. ୧:୨:୨୫)

ଦୃଷ୍ଟାନ୍ତ ତାହା ହୋଇପାରେ, ଯାହାକୁ ଉଭୟ ପକ୍ଷର ଲୋକ ସ୍ୱୀକାର କରିପାରୁଥିବେ। ଯଦି ପ୍ରଥମ ପ୍ରକାର କାର୍ଯ୍ୟକୁ ଦୃଷ୍ଟାନ୍ତ ରୂପେ ସ୍ୱୀକାର କରାଯାଏ ତେବେ ଦ୍ୱିତୀୟ ପ୍ରକାର କାର୍ଯ୍ୟ, ଯାହାକି ସାଧ୍ୟ କୋଟିରେ ରହିଛି, ତା' ପାଇଁ ମଧ୍ୟ ଏକ ନିର୍ମାତା ସ୍ୱୀକାର କରିବାକୁ ହେବ। 'ସାଧ୍ୟ ଶ୍ରେଣୀ'ର କୌଣସି କାର୍ଯ୍ୟକୁ ଦୃଷ୍ଟାନ୍ତ ରୂପେ ଗ୍ରହଣ କରାଯାଇ ପାରିବ ନାହିଁ, କାରଣ ତାହା ସାଧ୍ୟ କୋଟିରେ ରହିଛି, ସିଦ୍ଧ ହୋଇ ନାହିଁ। ସାଧ୍ୟ ଶ୍ରେଣୀର କାର୍ଯ୍ୟ ବ୍ୟତୀତ ଏପରି କୌଣସି କାର୍ଯ୍ୟ ନାହିଁ ଯାହା ବିନା କର୍ତ୍ତାରେ ହୋଇପାରେ । ଏଣୁ ଏହା ପ୍ରମାଣିତ ଯେ, ଏହି ସୃଷ୍ଟିର ରଚୟିତା କେହି ଜଣେ ଅବଶ୍ୟ ଅଛନ୍ତି, ଯାହାକୁ କି ଆମେ ଈଶ୍ୱର ବୋଲି କହିଥାଉ।

**ଆକ୍ଷେପ —** କୌଣସି ପ୍ରମାଣ ଦ୍ୱାରା ଈଶ୍ୱର ସିଦ୍ଧ (ପ୍ରମାଣିତ) ହୁଅନ୍ତି ନାହିଁ। ଈଶ୍ୱର ତ ପ୍ରତ୍ୟକ୍ଷ ନୁହନ୍ତି। ଏହାକୁ ଆସ୍ତିକ ବି ସ୍ୱୀକାର କରନ୍ତି। କେହି ବି ଈଶ୍ୱରଙ୍କୁ ସୂର୍ଯ୍ୟ ବା ଚନ୍ଦ୍ର ତିଆରି କରିବାର ଦେଖିନାହାନ୍ତି। ଯେହେତୁ ପ୍ରତ୍ୟକ୍ଷ ହିଁ ନାହିଁ, ତେଣୁ ଅନୁମାନ, ଉପମାନ ଓ ଶବ୍ଦ ଆଦି ହୋଇପାରିବେ ନାହିଁ, କାରଣ ଏସବୁ ପ୍ରତ୍ୟକ୍ଷ ଉପରେ ଆଶ୍ରିତ।

**ଉତ୍ତର —** ଏହି ଯୁକ୍ତି ଠିକ୍ ନୁହେଁ। ଏଠାରେ ଦୁଇଟି କଥା ମନେରଖିବା ଉଚିତ। ପ୍ରଥମତଃ କାର୍ଯ୍ୟ-ବିଶେଷକୁ ଦେଖି ତା'ର କାରଣ-ବିଶେଷକୁ ସେହି ସମୟରେ ଅନୁମାନ କରାଯାଏ, ଯେତେବେଳେ ସେହି କାରଣରୁ କାର୍ଯ୍ୟ ହୋଇଥିବାର ପ୍ରତ୍ୟକ୍ଷ ଜ୍ଞାନ ପୂର୍ବରୁ ରହିଥାଏ। ଦ୍ୱିତୀୟତଃ, ଅନୁମାନ ପ୍ରମାଣର ପ୍ରୟୋଗ ସେଠାରେ ହୋଇଥାଏ ଯେଉଁଠାରେ ପ୍ରତ୍ୟକ୍ଷ ପ୍ରମାଣର ପ୍ରୟୋଗ ହୋଇପାରେ ନାହିଁ। ଆକ୍ଷେପ କରୁଥିବା ବ୍ୟକ୍ତି ଦ୍ୱିତୀୟ କଥା ପ୍ରତି ଧ୍ୟାନ ଦେଇନାହାନ୍ତି। ଯଦି ସଂସାରର ସମସ୍ତ ବସ୍ତୁ ପ୍ରତ୍ୟକ୍ଷ ହୋଇପାରନ୍ତା, ତେବେ ଅନୁମାନ ଆଦିର ଆବଶ୍ୟକତା ହୁଅନ୍ତା ନାହିଁ ଏବଂ କେବଳ ପ୍ରତ୍ୟକ୍ଷ ହିଁ ପ୍ରମାଣ ହୁଅନ୍ତା। ମନେକରନ୍ତୁ ବାଳକଟିଏ ଅଛି। ତା' ଗର୍ଭାଧାନ ବେଳେ ତା'ର ମାତା-ପିତାଙ୍କୁ କେହି ଦେଖିନାହାନ୍ତି। ଅନୁମାନ ପ୍ରମାଣ ଦ୍ୱାରା ଏହି ନିଷ୍କର୍ଷ ବାହାରେ ଯେ ତା'ର କେହି ନା କେହି ମାତା-ପିତା ନିଶ୍ଚିତ ଥିବେ, କାରଣ ଏହି କଥାର ପ୍ରତ୍ୟକ୍ଷ ହୋଇସାରିଛି ଯେ ପିତା-ମାତା ଦ୍ୱାରା ହିଁ ସନ୍ତାନର ଉତ୍ପତ୍ତି ହୋଇଥାଏ, ସେମାନଙ୍କ ବ୍ୟତୀତ ନୁହେଁ। ତେଣୁ ଯଦି କୌଣସି ସ୍ଥଳରେ ଏହା ପ୍ରତ୍ୟକ୍ଷ ହେଉ ନାହିଁ, ତେବେ ସେ କ୍ଷେତ୍ରରେ ଅନୁମାନ କରିପାରିବା। ଯଦି ଏହି ବାଳକର ପିତା-ମାତାଙ୍କର ପ୍ରତ୍ୟକ୍ଷ ହୋଇଥାନ୍ତା, ତେବେ ସେଠାରେ ଅନୁମାନ କରିନଥାନ୍ତେ। ଏହିଭଳି ଏହା ପ୍ରତ୍ୟକ୍ଷ ହୋଇସାରିଛି ଯେ ନିମିତ୍ତ କାରଣ ବିନା କାର୍ଯ୍ୟ ହୁଏ ନାହିଁ। ସୂର୍ଯ୍ୟ, ଚନ୍ଦ୍ର, ପୃଥିବୀ, ମନୁଷ୍ୟର ଶରୀର ଆଦି କାର୍ଯ୍ୟ। ଅତଃ ଏହା ଅନୁମାନ ହୁଏ ଯେ ଏହାର ନିମିତ୍ତ ବି କେହି ଅଛନ୍ତି। ଏଭଳି ଅନୁମାନ କରିବାରେ ଉପରୋକ୍ତ ଦୋଷ କଦାପି ଆସି ନ ପାରେ।

**ପ୍ରଶ୍ନ —** ବଢ଼େଇକୁ ତ ଟେବୁଲ୍, ଚୌକି ଆଦି ତିଆରି କରିବା ଦେଖୁଛୁ; କିନ୍ତୁ ଈଶ୍ୱରଙ୍କୁ ନଦୀ ବା ପର୍ବତ ତିଆରି କରିବା ଦେଖୁନାହୁଁ, ତେବେ କିପରି ସ୍ୱୀକାର

କରିନେବା ?

**ଉତ୍ତର —** ଆମେ ପୂର୍ବରୁ ଉଲ୍ଲେଖ କରିଛୁ ଯେ ଅନୁମାନ ପ୍ରମାଣ ରହିଛି ହିଁ ସେହି ଅବସ୍ଥା ପାଇଁ ଯେଉଁଠି ପ୍ରତ୍ୟକ୍ଷ ହୋଇପାରେ ନାହିଁ। ଏଣୁ ଅନୁମାନ ପ୍ରମାଣ ଦ୍ୱାରା ଈଶ୍ୱରଙ୍କୁ ସ୍ୱୀକାର କରନ୍ତୁ। ବେଳେ ବେଳେ ତ ବଢ଼େଇକୁ ବି ଆମେ ଦେଖୁନାହୁଁ, ତଥାପି ତା'ର ଅନୁମାନ କରୁଛେ। ଇଞ୍ଜିନ ଭିତରେ ବସିଥିବା ଚାଳକକୁ ନ ଦେଖିଲେ ବି ଇଞ୍ଜିନ ଚାଲିବା ଓ ଗାଡ଼ିକୁ ଟାଣିବା ଦେଖି ଚାଳକ ଥିବାର ଅନୁମାନ କରୁଛେ। ଏହିଭଳି ଆମେ ଯେତେବେଳେ ସୃଷ୍ଟିରୂପୀ ଯନ୍ତ୍ରର ଗତିକୁ ପ୍ରତ୍ୟେକ ଦେଶ ଓ କାଳରେ ପ୍ରତ୍ୟକ୍ଷ କରୁଛେ ସେତେବେଳେ ସେ ଚାଳକଙ୍କୁ ସ୍ୱୀକାର କରିବାରେ କ'ଣ ଦୋଷ ରହିଛି ଯାହାଙ୍କ ଦ୍ୱାରା କି ଏହା ଗତିଶୀଳ ହେଉଛି ?

## ସୃଷ୍ଟିରୁ ସ୍ରଷ୍ଟାଙ୍କ ଜ୍ଞାନ

**ପ୍ରଶ୍ନ —** ଆଚ୍ଛା, ଯଦି ସ୍ୱୀକାର କରିନିଆଯାଏ ଯେ ସୃଷ୍ଟିର ନିର୍ମାତା କୌଣସି ଅଦୃଶ୍ୟ ସତ୍ତା ଅଛନ୍ତି, ତେବେ ତାଙ୍କର ଅନ୍ୟ ଗୁଣର ପରିଚୟ କିପରି ମିଳିବ ?

**ଉତ୍ତର —** ସୃଷ୍ଟିକୁ ଦେଖି। ପୁସ୍ତକକୁ ଦେଖି ପୁସ୍ତକର ରଚୟିତାଙ୍କ ଯୋଗ୍ୟତା ଜାଣିହୁଏ। ଯନ୍ତ୍ରକୁ ଦେଖି ଯନ୍ତ୍ରର ନିର୍ମାତାଙ୍କର ଗୁଣ ବା ଯୋଗ୍ୟତା ଜାଣିହୁଏ। ସେହିପରି ସୃଷ୍ଟିକୁ ଦେଖି ସୃଷ୍ଟିକର୍ତ୍ତାଙ୍କର ଗୁଣର ପରିଚୟ ପ୍ରାପ୍ତ କରିହୁଏ।

୧. ସମଗ୍ର ସୃଷ୍ଟିରେ ନିୟମଗୁଡ଼ିକର ପରସ୍ପର ମଧ୍ୟରେ ଏକରୂପତା, ସାମଞ୍ଜସ୍ୟ ଥିବା ଜଣାଯାଏ। ଏଣୁ ସୃଷ୍ଟିର ରଚୟିତା ଜଣେ ହିଁ ଅଟନ୍ତି, ଅନେକ ନୁହଁନ୍ତି।

୨. ଏହି ସୃଷ୍ଟି ବହୁତ ବଡ଼। ଅତଏବ ଈଶ୍ୱର ବି ଅତି ମହାନ୍ ଅଟନ୍ତି।

୩. ସୃଷ୍ଟି ସ୍ଥୁଳରୁ ସ୍ଥୁଳ ଏବଂ ସୂକ୍ଷ୍ମ ଠାରୁ ମଧ୍ୟ ସୂକ୍ଷ୍ମ। ଏଣୁ ଈଶ୍ୱର ସୂକ୍ଷ୍ମତମ ସୃଷ୍ଟି ଠାରୁ ବି ସୂକ୍ଷ୍ମ। ଅତଃ ନିରାକାର ଅଟନ୍ତି।

୪. ସୃଷ୍ଟି ଜ୍ଞାନରେ ପରିପୂର୍ଣ୍ଣ। ଏଣୁ ଈଶ୍ୱର ସର୍ବଜ୍ଞ।

୫. ସୃଷ୍ଟି ପ୍ରାଣୀଗଣଙ୍କର ହିତ ପାଇଁ ହୋଇଛି। ଏଣୁ ଏହାର ରଚୟିତା ଈଶ୍ୱର ସର୍ବହିତକାରୀ ଅଟନ୍ତି।

## ଜୀବର ସ୍ୱତନ୍ତ୍ରତା ହିଁ ଉନ୍ନତିର କାରଣ

**ପ୍ରଶ୍ନ —** ଈଶ୍ୱର ଆମକୁ ଅଜ୍ଞାନ ରୂପେ କାହିଁକି ଗଢ଼ିଲେ ? ସେ ଆମକୁଏହି ବସ୍ତୁଗୁଡ଼ିକର ଦୁରୁପଯୋଗ କରବାକୁ କାହିଁକି ଦିଅନ୍ତି ?

**ଉତ୍ତର —** ଈଶ୍ୱର ଦୁରୁପଯୋଗ କରାନ୍ତି ନାହିଁ। ଆମେ ସ୍ୱୟଂ ଦୁରୁପଯୋଗ କରୁ। ଈଶ୍ୱର ଆମକୁ ସ୍ୱତନ୍ତ୍ର ଛାଡ଼ିଛନ୍ତି।

**ପ୍ରଶ୍ନ —** ଈଶ୍ୱର ଆମକୁ କାହିଁକି ସ୍ୱତନ୍ତ୍ର ଛାଡ଼ିଛନ୍ତି ?

**ଉତ୍ତର —** ଆମର ଉନ୍ନତି ଏଥିରେ ହିଁ ରହିଛି ଯେ ଆମେ ସ୍ୱତନ୍ତ୍ର ରହୁ। ଯଦି ପ୍ରତ୍ୟେକ କାର୍ଯ୍ୟରେ ଆମେ ପରତନ୍ତ୍ର ରହିବା ତେବେ ଆମକୁ ସୁଖ ବି ମିଳିବ କେଉଁ କର୍ମର ? ଯେଉଁ ଅଧ୍ୟାପକ ନିଜେ ହିଁ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ନିଜର ଛାତ୍ରମାନଙ୍କୁ ଲେଖାଇ ଦିଅନ୍ତି, କାହିଁକି ବା ସେ ଛାତ୍ରମାନଙ୍କୁ ପ୍ରଶଂସା କରିବେ ? କାରଣ ଏହି ଯଶ ଅଧ୍ୟାପକଙ୍କର, ଛାତ୍ରମାନଙ୍କର ନୁହେଁ। ଛାତ୍ରମାନେ ସେତେବେଳେ ଯଶ ପାଇବା ପାଇଁ ହକ୍‌ଦାର ହେବେ ଯେତେବେଳେ ସେମାନଙ୍କୁ ଉତ୍ତର ଲେଖିବାର ସ୍ୱତନ୍ତ୍ରତା ମିଳିବ ଏବଂ ସେମାନେ ନିଜ-ନିଜ ବୁଦ୍ଧି ଲଗାଇପାରିବେ। ଯଦି ଜୀବମାନଙ୍କୁ ସ୍ୱତନ୍ତ୍ରତା ନ ଦିଆଯାଏ ତେବେ ପ୍ରତ୍ୟେକ କାର୍ଯ୍ୟ ଈଶ୍ୱରଙ୍କ ପ୍ରେରଣାରେ ହେବ ଏବଂ ଜୀବ ଜଡ଼ ପଦାର୍ଥ ସଦୃଶ ନିର୍ଜୀବବତ୍ ହୋଇଯିବ। କ'ଣ ଆପଣ ଏପରି ଅବସ୍ଥାକୁ ପସନ୍ଦ କରିବେ ? କଦାପି ନୁହେଁ।

**ପ୍ରଶ୍ନ —** ସାନ୍ତ ଅର୍ଥାତ୍ ସସୀମ ସୃଷ୍ଟିକୁ ଦେଖି ଅନନ୍ତ ଈଶ୍ୱରଙ୍କର ଅନୁମାନ କାହିଁକି କରୁଛନ୍ତି ?

**ଉତ୍ତର —** ଅନନ୍ତ ତାକୁ କୁହାଯାଏ ଯାହାର ଅନ୍ତ ବା ଶେଷ ନଥାଏ। କାରଣ ସର୍ବଦା କାର୍ଯ୍ୟଠାରୁ ମହାନ୍ ହୋଇଥାଏ। ଯିଏ ଘଡ଼ି ତିଆରି କରିଛି, ତାହାର ବୁଦ୍ଧି ଘଡ଼ି ତିଆରି ପାଇଁ ଆବଶ୍ୟକ ହେଉଥିବା ବୁଦ୍ଧି ଠାରୁ ଯଥେଷ୍ଟ ଅଧିକ। ଆମେ ସୃଷ୍ଟିରେ ଛୋଟ-ଛୋଟ ଅଂଶକୁ ହିଁ

ଦେଖିପାରିବା; କିନ୍ତୁ ସମଗ୍ର ସୃଷ୍ଟିକୁ ନୁହେଁ। ଏଣୁ ସୃଷ୍ଟି ଆମ ପକ୍ଷରେ ବହୁତ ବଡ଼। ଈଶ୍ୱର ସୃଷ୍ଟି ଠାରୁ ବି ବଡ଼ ହୋଇଥିବାରୁ ଅନନ୍ତ ଅଟନ୍ତି।

## ଈଶ୍ୱର ସର୍ବବ୍ୟାପକ ହିଁ ହେବା ଉଚିତ

**ପ୍ରଶ୍ନ —** ଯେପରି ଘଡ଼ିର ନିର୍ମାତା ଘଡ଼ିର ବାହାରେ ଥାଆନ୍ତି, ଘଡ଼ିରେ ବ୍ୟାପକ ହୋଇ ନଥାନ୍ତି, ସେହିଭଳି ଈଶ୍ୱର ବି ସୃଷ୍ଟି ଠାରୁ ପୃଥକ୍ ହେବା ଉଚିତ।

**ଉତ୍ତର —** କ୍ରିୟା ସେଠାରେ ହୋଇପାରେ ଯେଉଁଠି କର୍ତ୍ତା ଥିବ। ଘଡ଼ି ନିର୍ମାଣର ଅର୍ଥ ଏହା ଯେ କିଛି ଯନ୍ତ୍ରାଂଶକୁ ନେଇ ନିର୍ଦ୍ଦିଷ୍ଟ ନିୟମରେ ପରସ୍ପରକୁ ଯୋଡ଼ିବା। ଯୋଡ଼ିବା କାର୍ଯ୍ୟ ବେଳେ ନିର୍ମାତା ଘଡ଼ି ପାଖରେ ଥାଏ। ଘଡ଼ିର ନିର୍ମାତା ଘଡ଼ିର କେବଳ ଏକ ଅଂଶର ନିର୍ମାତା ଅଟେ, ଏବଂ କେବଳ ସେହି ଅଂଶ ପର୍ଯ୍ୟନ୍ତ ତାହାର ସଂପର୍କ ଘଡ଼ି ସହ। ଘଡ଼ିର ଯନ୍ତ୍ରାଂଶଗୁଡ଼ିକ ଯେଉଁ ଲୁହା ଧାତୁରେ ତିଆରି ହୁଏ, ସେହି ଧାତୁର ପରମାଣୁଗୁଡ଼ିକୁ ବିଶେଷ ନିୟମରେ ରଖିବା ଘଡ଼ିର ନିର୍ମାତାଙ୍କର କାର୍ଯ୍ୟ ନୁହେଁ। ଏଣୁ ସେହି କାର୍ଯ୍ୟ ପାଇଁ ଘଡ଼ି ନିର୍ମାତାଙ୍କୁ ଘଡ଼ି ପାଖରେ ରହିବା ଜରୁରୀ ନୁହେଁ। କିନ୍ତୁ ଈଶ୍ୱରଙ୍କର ସୃଷ୍ଟିରେ ନିରନ୍ତର କ୍ରିୟା ଚାଲିଥାଏ। କେଉଁଠି ସଂଯୋଗରୂପୀ, କେଉଁଠି ବିୟାଗ ରୂପୀ ଏବଂ ଅନ୍ୟ କେଉଁଠି ଉଭୟରୂପୀ। ଏଣୁ ଈଶ୍ୱର ବି ସେହି କ୍ରିୟାଗୁଡ଼ିକ ସହିତ ରହିବା ହେତୁ ସର୍ବବ୍ୟାପକ ଅଟନ୍ତି, ଯେଉଁଭଳି ଜାଲ ବୁଣିବା ଓ ସଙ୍କୁଚିତ କରିବା ବୁଢ଼ିଆଣୀ ସ୍ୱ ଶରୀରରେ ବ୍ୟାପକ ଥାଏ। ସେହିଭଳି ଈଶ୍ୱର ଅଟନ୍ତି। ଘଡ଼ିରେ ବସ୍ତୁତଃ ଦୁଇ ପ୍ରକାର କ୍ରିୟା ହୋଇଥାଏ। ପ୍ରଥମଟି ତାହା, ଯାହା ଧାତୁ ବା ଲୁହା ଆଦିର ପରିମାଣୁଗୁଡ଼ିକ ସହ ସମ୍ବନ୍ଧ ରଖେ ଏବଂ ଦ୍ୱିତୀୟଟି ଯନ୍ତ୍ରାଂଶ ସହ । ଯନ୍ତ୍ରାଂଶଗୁଡ଼ିକର କ୍ରିୟାର ସମ୍ବନ୍ଧ ଘଡ଼ିର ନିର୍ମାତାଙ୍କ ସହ ଏବଂ ଧାତୁର ପରମାଣୁଗୁଡ଼ିକର କ୍ରିୟାର ସମ୍ବନ୍ଧ ଈଶ୍ୱରଙ୍କ ସହ। ଯଦି ଧାତୁର ପରମାଣୁଗୁଡ଼ିକ ନିର୍ଦ୍ଧାରିତ ନିୟମରେ କାର୍ଯ୍ୟ କରିବା ଛାଡ଼ିଦିଅନ୍ତି ତେବେ ଯନ୍ତ୍ରାଂଶ ଠିକ୍ ଥିଲେ ବି ଘଡ଼ି କାର୍ଯ୍ୟ କରିବ ନାହିଁ। ବାସ୍ତବରେ ଘଡ଼ି ନିର୍ମାତାଙ୍କ ଘଡ଼ି ସେହି କ୍ରିୟାର ଆଧାରରେ ଚାଲିଥାଏ ଯେଉଁ କ୍ରିୟା ଈଶ୍ୱରଙ୍କ ଦ୍ୱାରା ନିରନ୍ତର ଚାଲିଥାଏ। ଯେହେତୁ ଈଶ୍ୱରଙ୍କ କ୍ରିୟା ସର୍ବଦା, ସର୍ବତ୍ର, ନିରନ୍ତର ଚାଲିଥାଏ, ତେଣୁ ଈଶ୍ୱର ସର୍ବବ୍ୟାପକ ହେବା ଜରୁରୀ।

**ପ୍ରଶ୍ନ —** ଅନେକ ଲୋକ ଈଶ୍ୱରଙ୍କୁ ନିଷ୍କ୍ରିୟ ଅର୍ଥାତ୍ କ୍ରିୟାରହିତ ବୋଲି ବିଚାରନ୍ତି। ଆଉ ଅନେକ କହନ୍ତି ଯେ ଈଶ୍ୱରଙ୍କର ବିନା ଇଚ୍ଛାରେ ପତ୍ରଟିଏ ବି ହଲେ ନାହିଁ। ଏହା ତ ପରସ୍ପର ବିପରୀତ ମତ। ଏଥିରୁ କେଉଁଟି ଭୁଲ୍ ଓ କେଉଁଠି ଠିକ୍ ?

**ଉତ୍ତର —** ଉଭୟ ଭୁଲ୍। ଈଶ୍ୱରଙ୍କୁ ନିଷ୍କ୍ରିୟ କହିବା ଅର୍ଥ ଈଶ୍ୱରଙ୍କର ଅସ୍ତିତ୍ୱକୁ ହିଁ ଅସ୍ୱୀକାର କରିବା। କାରଣ ଈଶ୍ୱରଙ୍କର କାର୍ଯ୍ୟରୁ ହିଁ ଆମେ ଈଶ୍ୱରଙ୍କ ଅସ୍ତିତ୍ୱକୁ ପ୍ରମାଣିତ କରୁ। ନିଷ୍କ୍ରିୟ ଈଶ୍ୱରଙ୍କୁ ନା କର୍ତ୍ତା କୁହାଯାଇପାରିବ, ନା ଯାହା ସବୁ କାର୍ଯ୍ୟ ସଂସାରରେ ହୁଏ ତାହା ଈଶ୍ୱର ହିଁ କରନ୍ତି। କାରଣ ମନୁଷ୍ୟ ଓ ଅନ୍ୟ ପ୍ରାଣୀମାନେ ଅନେକ କାର୍ଯ୍ୟ କରିଥାନ୍ତି। ଯେପରି କି ଈଶ୍ୱର ଟେବୁଲ୍, ଚୌକି ଆଦି ତିଆରି କରନ୍ତି ନାହିଁ। ନା ଈଶ୍ୱର ମିଥ୍ୟା କହନ୍ତି, ନା ଚୋରି କରନ୍ତି। ଏସବୁ କାର୍ଯ୍ୟ ଜୀବ କରିଥାଏ। ଜୀବ ଜୀବର କାର୍ଯ୍ୟ କରେ ଏବଂ ଈଶ୍ୱର ଈଶ୍ୱରଙ୍କ କାର୍ଯ୍ୟ କରନ୍ତି।

**ପ୍ରଶ୍ନ —** ଈଶ୍ୱରଙ୍କୁ ସ୍ୱୀକାର ନ କଲେ କ୍ଷତି କ'ଣ ?

**ଉତ୍ତର —** ପ୍ରଥମ ହାନି ହେଲା ଅଜ୍ଞାନ। ଯେଉଁ ବସ୍ତୁ ରହିଛି ତାକୁ ସ୍ୱୀକାର ନ କରିବା ମୂର୍ଖତା ଅଟେ। ଦ୍ୱିତୀୟତଃ, ଈଶ୍ୱରଙ୍କ ଚିନ୍ତନ କରିବା ଦ୍ୱାରା ମନୁଷ୍ୟ ପାପ କାର୍ଯ୍ୟ ଠାରୁ ଦୂରେଇ ରହେ ଏବଂ ଚିନ୍ତନ ନ କଲେ ଧୀରେ-ଧୀରେ ସ୍ୱତଃ ପାପ ଆଡ଼କୁ ଅଗ୍ରସର ହୁଏ। ତୃତୀୟ ହେଲା ଈଶ୍ୱରଙ୍କୁ ସର୍ବବ୍ୟାପକ ବୋଲି ସ୍ୱୀକାର କରିବା ଦ୍ୱାରା ଜୀବ ନିର୍ଭୟ ତଥା ଆନନ୍ଦମୟ ରହିଥାଏ। ଅତଃ ଈଶ୍ୱରଙ୍କ ସ୍ତୁତି, ପ୍ରାର୍ଥନା ଓ ଉପାସନା ଅବଶ୍ୟ କରିବା ଉଚିତ।

ଭାଷାନ୍ତର
**ପଦ୍ମନାଭ ସ୍ୱାଇଁ**

❖❖❖

**ସତ୍ୟାର୍ଥ ପ୍ରକାଶ:**

# ଅଥୈକାଦଶସମୁଲ୍ଲାସାରମ୍ଭଃ

## ଅଥାଽଽର୍ଯ୍ୟାବର୍ତ୍ତୀୟମତଖଣ୍ଡନମଣ୍ଡନେ ବିଧାସ୍ୟାମଃ

**ପୂର୍ବାନୁକ୍ରମିକ...** **ମହର୍ଷି ଦୟାନନ୍ଦ ସରସ୍ୱତୀ**

**ପ୍ରଶ୍ନ —** ବ୍ୟାସ ଯେଉଁ 'ଶାରୀରିକ-ସୂତ୍ର' ରଚନା କରିଛନ୍ତି, ସେଥିରେ ବି ତ ଜୀବ-ବ୍ରହ୍ମର ଏକତ୍ୱ ପ୍ରତିପାଦିତ ହୋଇଛି । ଦେଖନ୍ତୁ —

**ସମ୍ପଦ୍ୟାଽଽବିର୍ଭାବଃ ସ୍ୱେନ ଶବ୍ଦାତ୍ ॥ ୧ ॥**

**ବ୍ରାହ୍ମେଣ ଜୈମିନିରୁପନ୍ୟାସାଦିଭ୍ୟଃ ॥ ୨ ॥**

**ଚିତିତନ୍ମାତ୍ରେଣ ତଦାତ୍ମକତ୍ୱାଦିତ୍ୟୌଡୁଲୌମିଃ ॥ ୩ ॥**

**ଏବମପ୍ୟୁପନ୍ୟାସାତ୍ ପୂର୍ବଭାବାଦବିରୋଧଂ ବାଦରାୟଣଃ ॥ ୪ ॥**

**ଅତ ଏବ ଚାନନ୍ୟାଧିପତିଃ ॥ ୫ ॥** (ବେଦାନ୍ତ. ୪:୪:୧,୫,୬,୭,୯)

ଜୀବ ନିଜର ସ୍ୱାଭାବିକ ସ୍ୱରୂପ ଅର୍ଥାତ୍ ପୂର୍ବରୁ ଯେଉଁ ବ୍ରହ୍ମସ୍ୱରୂପ ଥିଲା ସେହି ସ୍ୱରୂପ ପ୍ରାପ୍ତ କରି ପ୍ରକଟ ହୁଏ । କାରଣ 'ସ୍ୱ' ଶବ୍ଦରେ ନିଜର ବ୍ରହ୍ମସ୍ୱରୂପ ଗୃହୀତ ହୁଏ ॥ ୧ ॥

**'ୟ ଆତ୍ମା-ଅପହତପାପ୍ମା'** (ଛାନ୍ଦୋଗ୍ୟ. ୮:୭:୧) ଇତ୍ୟାଦି 'ଉପନ୍ୟାସ'ରୁ ସିଦ୍ଧ ହେଉଛି ଯେ ଐଶ୍ୱର୍ଯ୍ୟ ପ୍ରାପ୍ତି ପର୍ଯ୍ୟନ୍ତ ହେତୁ ଦ୍ୱାରା ଜୀବ ବ୍ରହ୍ମସ୍ୱରୂପରେ ଅବସ୍ଥାନ କରେ, ଏହା ଜୈମିନି ଆଚାର୍ଯ୍ୟଙ୍କ ମତ ॥ ୨ ॥

ତଦାତ୍ମକସ୍ୱରୂପ-ନିରୂପଣାଦି ବୃହଦାରଣ୍ୟକ ଉପନିଷଦ (୪:୧୫:୧୩)ର ହେତୁ ରୂପ ବଚନ ଅନୁସାରେ ଜଣାଯାଏ ଯେ, ଔଡୁଲୋମି ଆଚାର୍ଯ୍ୟଙ୍କ ମତରେ ଜୀବ ଚୈତନ୍ୟମାତ୍ର ସ୍ୱରୂପରେ ମୁକ୍ତିରେ ଅବସ୍ଥାନ କରେ ॥ ୩ ॥

ଏସବୁ ପୂର୍ବୋକ୍ତ ଉପନ୍ୟାସାଦି ଐଶ୍ୱର୍ଯ୍ୟ ପ୍ରାପ୍ତି ରୂପକ ହେତୁ ଦ୍ୱାରା ବ୍ୟାସଦେବ ଜୀବ ବ୍ରହ୍ମସ୍ୱରୂପ ହେବାରେ ଅବିରୋଧ ମାନୁଛନ୍ତି ॥ ୪ ॥

ଯୋଗୀ ଐଶ୍ୱର୍ଯ୍ୟ ସହିତ ନିଜ ବ୍ରହ୍ମସ୍ୱରୂପକୁ ପ୍ରାପ୍ତ ହୋଇ 'ଅନ୍ୟ ଅଧିପତିରୁ ରହିତ' ଅର୍ଥାତ୍ ସ୍ୱୟଂ ନିଜେ ନିଜର ଓ ସମସ୍ତଙ୍କର ଅଧିପତିରୂପ ବ୍ରହ୍ମସ୍ୱରୂପରେ ମୁକ୍ତିରେ ଅବସ୍ଥାନ କରେ ॥ ୫ ॥

**ଉତ୍ତର —** ଏ ସୂତ୍ରଗୁଡ଼ିକର ବାସ୍ତବିକ ଅର୍ଥ ଏଭଳି ନୁହେଁ । ଏସବୁର ଯଥାର୍ଥ ଅର୍ଥ କ'ଣ, ତାହା ଶୁଣନ୍ତୁ —

ଜୀବ ଯେ ପର୍ଯ୍ୟନ୍ତ ସ୍ୱକୀୟ ଶୁଦ୍ଧସ୍ୱରୂପକୁ ପ୍ରାପ୍ତ ହୁଏ ନାହିଁ, ସମସ୍ତ ମଳରୁ ରହିତ ହୋଇ ପବିତ୍ର ହୁଏ ନାହିଁ, ସେ ପର୍ଯ୍ୟନ୍ତ ଯୋଗଦ୍ୱାରା ଐଶ୍ୱର୍ଯ୍ୟ ପ୍ରାପ୍ତ ହୋଇ ଅନ୍ତର୍ଯ୍ୟାମୀ ବ୍ରହ୍ମଙ୍କୁ ଲାଭ କରି ଆନନ୍ଦରେ ସ୍ଥିତ ହୋଇପାରେ ନାହିଁ ॥ ୧ ॥

ଯୋଗ ସାଧନା ଦ୍ୱାରା ଜୀବ ଯେତେବେଳେ ପାପାଦିରହିତ ଓ ଐଶ୍ୱର୍ଯ୍ୟଯୁକ୍ତ ହୁଏ, ସେତେବେଳେ ମୁକ୍ତିରେ ବ୍ରହ୍ମଙ୍କ ସହ ସଂଯୁକ୍ତ ହୋଇ ମୁକ୍ତିର ଆନନ୍ଦ ଭୋଗ କରିପାରିଥାଏ । ଏହା ଜୈମିନି ଆଚାର୍ଯ୍ୟଙ୍କ ମତ ॥ ୨ ॥

ଔଡୁଲୋମି ଆଚାର୍ଯ୍ୟଙ୍କ ମତ ହେଲା ଯେ - ଯେତେବେଳେ ଜୀବ ଅବିଦ୍ୟାଦି ଦୋଷରୁ ରହିତ ହୋଇ ଶୁଦ୍ଧ ଚୈତନ୍ୟ ମାତ୍ର ସ୍ୱରୂପରେ ବ୍ରହ୍ମରେ ସ୍ଥିର ରହେ, ସେତେବେଳେ ସେ ତଦାତ୍ମକତ୍ୱ ଅର୍ଥାତ୍ ବ୍ରହ୍ମସ୍ୱରୂପ ସହ ସମ୍ବନ୍ଧକୁ

ପ୍ରାପ୍ତ ହୁଏ ॥ ୩ ॥

ଯେତେବେଳେ ଜୀବ ବ୍ରହ୍ମଙ୍କ ସହ ସଂଯୁକ୍ତ ହୋଇ ଐଶ୍ୱର୍ଯ୍ୟ ଓ ଶୁଦ୍ଧ ବିଜ୍ଞାନ ପ୍ରାପ୍ତ କରି ଜୀବିତାବସ୍ଥାରେ ହିଁ ଜୀବନ୍ମୁକ୍ତ ହୁଏ, ସେତେବେଳେ ନିଜର ପୂର୍ବର ଶୁଦ୍ଧ ସ୍ୱରୂପ ପ୍ରାପ୍ତ କରି ଆନନ୍ଦ ଲାଭ କରେ - ଏହା ବ୍ୟାସମୁନିଙ୍କ ମତ ॥ ୪ ॥

ଯେତେବେଳେ ଯୋଗୀ ସତ୍ୟ ସଂକଳ୍ପ ହୁଏ, ସେତେବେଳେ ସ୍ୱୟଂ ପରମେଶ୍ୱରଙ୍କୁ ପ୍ରାପ୍ତ କରି ମୁକ୍ତି ସୁଖ ଲାଭ କରେ । ମୁକ୍ତିରେ ଜୀବ ସ୍ୱାଧୀନ, ସ୍ୱତନ୍ତ୍ର ରହେ । **ସଂସାରରେ ଯେପରି କିଏ ବଡ଼ ତ କିଏ ସାନ ଏପରି ଭେଦ ଥାଏ, ମୁକ୍ତିରେ ସେପରି ଭେଦ ନ ଥାଏ । ସବୁ ମୁକ୍ତ ଜୀବ ସେଠାରେ ଏକାଭଳି ଥାଆନ୍ତି ॥ ୫ ॥**

ଯଦି ଏପରି ହୋଇନଥାନ୍ତା, ତେବେ ଏପରି ଉଲ୍ଲେଖ କରାଯାଇ ନଥାନ୍ତା —

**ନେତରୋଽନୁପପତ୍ତେଃ ॥ ୧ ॥** (ବେଦାନ୍ତ. ୧:୧:୧୬)

**ଭେଦବ୍ୟପଦେଶାଚ୍ଚ ॥ ୨ ॥** (ବେଦାନ୍ତ. ୧:୧:୧୭)

**ବିଶେଷଣଭେଦବ୍ୟପଦେଶାଭ୍ୟାଂ ଚ ନେତରୌ ॥ ୩ ॥** (ବେଦାନ୍ତ. ୧:୨:୨୨)

**ଅସ୍ମିନ୍ନସ୍ୟ ଚ ତଦ୍ୟୋଗଂ ଶାସ୍ତି ॥ ୪ ॥** (ବେଦାନ୍ତ. ୧:୧:୧୯)

**ଅନ୍ତସ୍ତଦ୍ଧର୍ମୋପଦେଶାତ୍ ॥ ୫ ॥** (ବେଦାନ୍ତ. ୧:୧:୨୦)

**ଭେଦବ୍ୟପଦେଶାଚ୍ଚାନ୍ୟଃ ॥ ୬ ॥** (ବେଦାନ୍ତ. ୧:୧:୨୧)

**ଗୁହାଂ ପ୍ରବିଷ୍ଟାବାତ୍ମାନୌ ହି ତଦ୍ଦର୍ଶନାତ୍ ॥ ୭ ॥** (ବେଦାନ୍ତ. ୧:୨:୧୧)

**ଅନୁପପତ୍ତେସ୍ତୁ ନ ଶାରୀରଃ ॥ ୮ ॥** (ବେଦାନ୍ତ. ୧:୨:୩)

**ଅନ୍ତର୍ଯ୍ୟାମ୍ୟଧିଦେବାଦିଷୁ ତଦ୍ଧର୍ମବ୍ୟପଦେଶାତ୍ ॥ ୯ ॥** (ବେଦାନ୍ତ. ୧:୨:୧୮)

**ଶାରୀରଶ୍ଚୋଭୟେଽପି ହି ଭେଦେନୈନମଧୀୟତେ ॥ ୧୦ ॥** (ବେଦାନ୍ତ. ୧: ୨:୨୦)

ବ୍ରହ୍ମ ବ୍ୟତୀତ ଅନ୍ୟ କୌଣସି ଜୀବାତ୍ମା ସୃଷ୍ଟିକର୍ତ୍ତା ନୁହେଁ । କାରଣ ଅଳ୍ପ, ଅଳ୍ପଜ୍ଞ, ଅଳ୍ପଶକ୍ତିମାନ୍ ଜୀବ ସୃଷ୍ଟିକର୍ତ୍ତା ହେବା ସମ୍ଭବପର ନୁହେଁ । ଏଣୁ ଜୀବ ବ୍ରହ୍ମ ନୁହେଁ ॥ ୧ ॥

**ରସଂ ହ୍ୟେବାୟଂ ଲବ୍ଧ୍ୱାନନ୍ଦୀ ଭବତି ।** (ତୈତ୍ତିରୀୟ. ୨:୭)

ଜୀବ ଓ ବ୍ରହ୍ମ ଅଲଗା ଅଟନ୍ତି । କାରଣ ଏ ଉଭୟଙ୍କ ମଧ୍ୟରେ ଭେଦ ପ୍ରତିପାଦନ କରାଯାଇଛି । ଯଦି ଜୀବ ଓ ବ୍ରହ୍ମ ଅଲଗା ହୋଇନଥାନ୍ତେ, ତେବେ 'ରସ' ଅର୍ଥାତ୍ 'ଆନନ୍ଦସ୍ୱରୂପ ବ୍ରହ୍ମ'ଙ୍କୁ ପ୍ରାପ୍ତ କରି ଜୀବ ଆନନ୍ଦିତ ହୋଇଯାଏ', ପ୍ରାପ୍ତିବିଷୟ ବ୍ରହ୍ମ ଓ ପ୍ରାପ୍ତକର୍ତ୍ତା ଜୀବ ସମ୍ବନ୍ଧୀୟ ଏ ନିରୂପଣ ପ୍ରଯୁଜ୍ୟ ହୋଇପାରିନଥାନ୍ତା । ଅତଏବ ଜୀବ ଓ ବ୍ରହ୍ମ ଏକ ନୁହନ୍ତି ॥ ୨ ॥

**ଦିବ୍ୟୋ ହ୍ୟମୂର୍ତ୍ତଃ ପୁରୁଷଃ ସ ବାହ୍ୟାଭ୍ୟନ୍ତରୋ ହ୍ୟଜଃ ।**
**ଅପ୍ରାଣୋ ହ୍ୟମନାଃ ଶୁଭ୍ରୋ ହ୍ୟକ୍ଷରାତ୍ପରତଃ ପରଃ ॥** (ମୁଣ୍ଡକ. ୨:୧:୨)

'ଦିବ୍ୟ' ଅର୍ଥାତ୍ ଶୁଦ୍ଧ, ଅମୂର୍ତ୍ତ, ସର୍ବତ୍ର ପୂର୍ଣ୍ଣ, ବାହାରେ-ଭିତରେ ସଦା ବ୍ୟାପକ, ଅଜ ଅର୍ଥାତ୍ ଜନ୍ମ-ମରଣ-ଶରୀରଧାରଣାଦିରୁ ରହିତ, ଶାସ-ପ୍ରଶ୍ୱାସ, ଶରୀର ଓ ମନର ସମ୍ବନ୍ଧରୁ ରହିତ, ପ୍ରକାଶସ୍ୱରୂପ ଇତ୍ୟାଦି ପରମାତ୍ମାଙ୍କ ବିଶେଷଣ ଅଟେ । ପୁଣି 'ଅକ୍ଷର' ଅର୍ଥାତ୍ ନାଶରହିତ ପ୍ରକୃତିରୁ ଜୀବ 'ପର' ଅର୍ଥାତ୍ ସୂକ୍ଷ୍ମ ଅଟେ, ପରମେଶ୍ୱର ଜୀବଠାରୁ ବି 'ପର' ଅର୍ଥାତ୍ ବ୍ରହ୍ମ ଜୀବଠାରୁ ସୂକ୍ଷ୍ମ । **ପ୍ରକୃତି ଓ ଜୀବଠାରୁ ବ୍ରହ୍ମଙ୍କ ପ୍ରଭେଦ ପ୍ରତିପାଦନରୂପକ**

**କାରଣଗୁଡ଼ିକ ଯୋଗୁଁ ଏ ନିଷ୍କର୍ଷ ବାହାରୁଛି ଯେ ପ୍ରକୃତି ଓ ଜୀବମାନଙ୍କଠାରୁ ବ୍ରହ୍ମ ଭିନ୍ନ ଅଟନ୍ତି ॥ ୩ ॥**

ଏହି ସର୍ବବ୍ୟାପକ ବ୍ରହ୍ମରେ ଜୀବର ସଂଯୋଗ ବା ଜୀବରେ ବ୍ରହ୍ମଙ୍କ ଯୋଗ ବିଷୟ ଶାସ୍ତ୍ରରେ ପ୍ରତିପାଦନ କରାଯାଇଥିବାରୁ ପ୍ରମାଣିତ ହେଉଛି ଯେ ଜୀବ ଓ ବ୍ରହ୍ମ ଭିନ୍ନ ଅଟନ୍ତି । କରଣ ଯୋଗ ଭିନ୍ନ-ଭିନ୍ନ ପଦାର୍ଥ ମଧ୍ୟରେ ହୋଇଥାଏ ॥ ୪ ॥

ବ୍ରହ୍ମଙ୍କୁ ଅନ୍ତର୍ଯ୍ୟାମୀ ବୋଲି କୁହାଯାଉଛି । ଜୀବ ଭିତରେ ବ୍ରହ୍ମ ବ୍ୟାପକ ହୋଇଥିବାରୁ ବ୍ୟାପ୍ୟ ଜୀବ ବ୍ୟାପକ ବ୍ରହ୍ମଙ୍କଠାରୁ ଭିନ୍ନ ଅଟେ । କାରଣ ବ୍ୟାପ୍ୟ-ବ୍ୟାପକ ସମ୍ବନ୍ଧ ମଧ୍ୟ ଦୁଇଟି ଭିନ୍ନ ପ୍ରକାର ପଦାର୍ଥ କ୍ଷେତ୍ରରେ ପ୍ରଯୁଜ୍ୟ ହୋଇଥାଏ ॥ ୫ ॥

ପରମାତ୍ମା ଯେପରି ଜୀବଠାରୁ ଭିନ୍ନସ୍ୱରୂପର, ସେହିପରି ଇନ୍ଦ୍ରିୟ, ଅନ୍ତଃକରଣ, ବାୟୁ, ପୃଥିବୀ ଆଦି ଭୂତ, ଦିଗ, ସୂର୍ଯ୍ୟାଦି ତଥା ଦିବ୍ୟଗୁଣ ଯୁକ୍ତ ହୋଇଥିବା କାରଣରୁ ଦେବତା ପଦବାଚ୍ୟ ବିଦ୍ୱାନଙ୍କଠାରୁ ମଧ୍ୟ ପରମାତ୍ମା ଅଲଗା ଅଟନ୍ତି ॥ ୬ ॥

**'ସୁକୃତସ୍ୟ ଲୋକେ ଗୁହାଂ ପ୍ରବିଷ୍ଟୌ'** (କଠ. ୧:୩:୧) ଇତ୍ୟାଦି ଉପନିଷଦର ବଚନ ଅନୁସାରେ ସ୍ପଷ୍ଟ ଜଣାଯାଉଛି ଯେ, ଜୀବାତ୍ମା ଓ ପରମାତ୍ମା ଭିନ୍ନ ଅଟନ୍ତି । ଉପନିଷଦର ବହୁ ସ୍ଥାନରେ ଏପରି ହିଁ ଉଲ୍ଲେଖ ରହିଛି ॥ ୭ ॥

**'ଶରୀରେ ଭବଃ ଶାରୀରଃ' —** ଏକ ଶରୀରରେ ଆବଦ୍ଧ ରହୁଥିବାରୁ ଜୀବାତ୍ମାକୁ 'ଶାରୀର' କହନ୍ତି । ଏଣୁ ଶରୀରଧାରୀ ଜୀବ ବ୍ରହ୍ମ ନୁହେଁ । କାରଣ ବ୍ରହ୍ମଙ୍କ ଗୁଣ, କର୍ମ, ସ୍ୱଭାବ ଜୀବଠାରେ ଦେଖାଯାଏ ନାହିଁ ॥ ୮ ॥

**(ଅଧିଦେବ)** ମନ, ଇନ୍ଦ୍ରିୟ ଆଦି ସବୁ ଦିବ୍ୟ ପଦାର୍ଥ, **(ଅଧିଭୂତ)** ପୃଥିବ୍ୟାଦି ଭୂତ, **(ଅଧ୍ୟାତ୍ମ)** ସକଳ ଜୀବ - ଏ ସବୁରେ ପରମାତ୍ମା ଅନ୍ତର୍ଯ୍ୟାମୀ ରୂପେ ଅବସ୍ଥିତ । କାରଣ ସେହି ପରମାତ୍ମାଙ୍କ ବ୍ୟାପକତ୍ୱାଦି ଧର୍ମ ସର୍ବତ୍ର ଉପନିଷଦରେ ବ୍ୟାଖ୍ୟାତ ॥ ୯ ॥

ଶରୀରଧାରୀ ଜୀବ ବ୍ରହ୍ମ ନୁହେଁ । କାରଣ ବ୍ରହ୍ମଙ୍କଠାରୁ ଜୀବର ପ୍ରଭେଦ ସ୍ୱରୂପତଃ ସିଦ୍ଧ ॥ ୧୦ ॥

ଇତ୍ୟାଦି **'ଶାରୀରକ-ସୂତ୍ର'**ରେ ମଧ୍ୟ ସ୍ୱରୂପତଃ ବ୍ରହ୍ମ ଓ ଜୀବର ପ୍ରଭେଦ ସିଦ୍ଧ ଅଟେ ।

ସେହିପରି ନବୀନ ବେଦାନ୍ତୀମାନଙ୍କ **ଉପକ୍ରମ** ଓ **ଉପସଂହାର** ମଧ୍ୟ ବ୍ରହ୍ମଙ୍କ ପ୍ରତି ପ୍ରଯୁଜ୍ୟ ହୋଇପାରେ ନାହିଁ । କାରଣ ସେମାନେ **'ଉପକ୍ରମ'** ଅର୍ଥାତ୍ ସଂସାରର ଉତ୍ପତ୍ତି ବ୍ରହ୍ମଙ୍କଠାରୁ ଓ **'ଉପସଂହାର'** ଅର୍ଥାତ୍ ପ୍ରଳୟ ବା ବିଲୟ ମଧ୍ୟ ବ୍ରହ୍ମରେ ହିଁ କରନ୍ତି । ଯେହେତୁ ସେମାନଙ୍କ ମତ ଅନୁଯାୟୀ ଅନ୍ୟ କୌଣସି ବସ୍ତୁ ହିଁ ନାହିଁ, ତେଣୁ ଉତ୍ପତ୍ତି ଓ ପ୍ରଳୟ ମଧ୍ୟ ବ୍ରହ୍ମର ଧର୍ମ ହୋଇଯାଏ । କିନ୍ତୁ ଏଣେ ବେଦାଦି ସତ୍ୟ-ଶାସ୍ତ୍ରଗୁଡ଼ିକରେ ଉତ୍ପତ୍ତି-ବିନାଶରହିତ ବ୍ରହ୍ମଙ୍କ ପ୍ରତିପାଦନ କରାଯାଇଛି, ସିଏ ନବୀନ ବେଦାନ୍ତୀଙ୍କ ଉପରେ କୋପ କରିବେ । କାରଣ ନିର୍ବିକାର, ଅପରିଣାମୀ, ଶୁଦ୍ଧ, ସନାତନ, ନିର୍ଭ୍ରାନ୍ତ ଆଦି ବିଶେଷଣରେ ବିଶେଷିତ ବ୍ରହ୍ମଙ୍କଠାରେ ବିକାର, ଉତ୍ପତ୍ତି ଓ ଅଜ୍ଞାନ ଆଦି କୌଣସି ପ୍ରକାରେ ସମ୍ଭବ ନୁହେଁ । ଦ୍ୱିତୀୟତଃ, ଉପସଂହାର(ପ୍ରଳୟ) ହେବା ପରେ ମଧ୍ୟ ବ୍ରହ୍ମ, କାରଣାତ୍ମକ ଜଡ଼ ପ୍ରକୃତି ଓ ଜୀବ ଏ ତିନୋଟି ଯାକ ବିଦ୍ୟମାନ ରହିଥାନ୍ତି । ଏଣୁ ଏ ନବୀନ ବେଦାନ୍ତୀମାନଙ୍କ **ଉପକ୍ରମ** ଓ **ଉପସଂହାର**ର ଏ କଳ୍ପନା ମଧ୍ୟ ମିଥ୍ୟା ଅଟେ । ଏମାନଙ୍କର ଏପରି ଅନେକ ଅଶୁଦ୍ଧ ମତ ଓ ଧାରଣା ରହିଛି ଯାହାକି ଶାସ୍ତ୍ର ଓ ପ୍ରତ୍ୟକ୍ଷାଦି ପ୍ରମାଣର ବିରୁଦ୍ଧ ।

ଏହାପରେ ଜୈନ ମତାନୁଯାୟୀଙ୍କ ଉପଦେଶର କିଛି ସଂସ୍କାର ଏବଂ ଶଙ୍କରାଚାର୍ଯ୍ୟଙ୍କ ଅନୁଗାମୀଙ୍କ ଉପଦେଶର

କିଛି ସଂସ୍କାର ଆର୍ଯ୍ୟାବର୍ତ୍ତରେ ପ୍ରସାରିତ ଥିଲା ଏବଂ ଉଭୟଙ୍କ ମଧ୍ୟରେ ଖଣ୍ଡନ-ମଣ୍ଡନ ମଧ୍ୟ ଚାଲୁଥିଲା । ଶଙ୍କରାଚାର୍ଯ୍ୟଙ୍କ ତିନି ଶହ ବର୍ଷ ପରେ ଉଜ୍ଜୟିନୀ ନଗରୀରେ **ବିକ୍ରମାଦିତ୍ୟ** ନାମକ ଜଣେ ପ୍ରତାପଶାଳୀ ରାଜା ରାଜତ୍ୱ କଲେ । ସବୁ ରାଜାଙ୍କ ମଧ୍ୟରେ ଥିବା ସମସ୍ତ ବିବାଦକୁ ସମାପ୍ତ କରି ସେ ଶାନ୍ତି ସ୍ଥାପନ କଲେ । ତତ୍ପଶ୍ଚାତ୍ କାବ୍ୟାଦି ଶାସ୍ତ୍ର ଓ ଅନ୍ୟ ବିଦ୍ୟାରେ ବିଦ୍ୱାନ୍ ଥିବା ରାଜା **ଭର୍ତ୍ତୃହରି** ରାଜ୍ୟ ଶାସନ କଲେ । କିନ୍ତୁ ପରେ ତାଙ୍କର ବୈରାଗ୍ୟ ଜାତ ହେବାରୁ ସେ ରାଜସିଂହାସନ ତ୍ୟାଗ କରି ଚାଲିଗଲେ । ବିକ୍ରମାଦିତ୍ୟଙ୍କ ପାଞ୍ଚଶହ ବର୍ଷ ପରେ ରାଜା ଭୋଜ ରାଜତ୍ୱ କଲେ । ଜନଶ୍ରୁତି ଅଛି ଯେ, ସେ ବ୍ୟାକରଣର କିଛି-କିଛି ଏବଂ କାବ୍ୟ-ଅଳଙ୍କାରାଦିର ଏପରି ପ୍ରଚାର-ପ୍ରସାର କଲେ ଯେ ତାଙ୍କ ରାଜ୍ୟରେ ଛେଳିଚରାଳୀ କାଳିଦାସ ମଧ୍ୟ ରଘୁବଂଶ କାବ୍ୟ ରଚନା କରିବାକୁ ସମର୍ଥ ହୋଇଥିଲେ । ଭୋଜରାଜାଙ୍କ ନିକଟକୁ କୌଣସି ବ୍ୟକ୍ତି ସୁନ୍ଦର ଶ୍ଳୋକ ରଚନା କରି ନେଉଥିଲା ତ ସେ ତାଙ୍କୁ ବହୁତ ଧନରତ୍ନ ଦେଉଥିଲେ ଓ ସମ୍ମାନିତ କରୁଥିଲେ । ଭୋଜରାଜାଙ୍କ ପରେ ରାଜା ଓ ଐଶ୍ୱର୍ଯ୍ୟସମ୍ପନ୍ନ ଲୋକେ ପାଠ ପଢ଼ିବା ହିଁ ଛାଡ଼ିଦେଲେ ।

## ଶୈବମତ

ଶଙ୍କରାଚାର୍ଯ୍ୟଙ୍କ ପୂର୍ବରୁ ଯଦିଓ ବାମମାର୍ଗୀଙ୍କ ପରେ ଶୈବ ଆଦି ସମ୍ପ୍ରଦାୟସ୍ଥ ମତବାଦୀ ବି କିଛି ହୋଇଥିଲେ, ତଥାପି ସେମାନଙ୍କର ବହୁଳ ପ୍ରଚାର-ପ୍ରସାର ହୋଇପାରିନଥିଲା । ମହାରାଜା ବିକ୍ରମାଦିତ୍ୟଙ୍କ ଶାସନ ସମୟରୁ ଶୈବମାନଙ୍କର ବଳ ବୃଦ୍ଧି ପାଇବାକୁ ଲାଗିଲା । ବାମମାର୍ଗୀଙ୍କ ମଧ୍ୟରେ **ଦଶ ମହାବିଦ୍ୟା**ର ଉପାସକଙ୍କ ଶାଖା ଭଳି ଶୈବ ସମ୍ପ୍ରଦାୟ ମଧ୍ୟରେ ପାଶୁପତାଦି ଅନେକ ଶାଖା ସୃଷ୍ଟି ହୋଇଥିଲା । ଲୋକେ ଶଙ୍କରାଚାର୍ଯ୍ୟଙ୍କୁ ଶିବଙ୍କ ଅବତାର ବୋଲି ପ୍ରଚାର କଲେ । ଶଙ୍କରାଚାର୍ଯ୍ୟଙ୍କ ଅନୁଗାମୀ ସନ୍ନ୍ୟାସୀମାନେ ମଧ୍ୟ ଶୈବ ମତରେ ଅନୁପ୍ରାଣିତ ହୋଇଗଲେ ଏବଂ ବାମମାର୍ଗୀଙ୍କୁ ମଧ୍ୟ ଶୈବମତରେ ମିଶାଇଲେ । ଶୈବମାନେ ମହାଦେବଙ୍କୁ ଉପାସନା କରିବା ବେଳେ ବାମମାର୍ଗୀମାନେ ଶିବଙ୍କ ପତ୍ନୀ ଦେବୀଙ୍କ ଉପାସକ ହେଲେ । ଏ ଉଭୟ ସମ୍ପ୍ରଦାୟର ଲୋକେ ଅଦ୍ୟାବଧି ରୁଦ୍ରାକ୍ଷ ଓ ଭସ୍ମ ଧାରଣ କରନ୍ତି । କିନ୍ତୁ ବାମମାର୍ଗୀମାନେ ଯେତିକି ପରିମାଣରେ ବେଦବିରୋଧୀ, ଶୈବମାନେ ସେତେ ବେଦବିରୋଧୀ ନୁହନ୍ତି ।

## ଭସ୍ମ-ରୁଦ୍ରାକ୍ଷ-ତିଳକାଦି ସମୀକ୍ଷା

**ଧିଗ୍ ଧିକ୍ କପାଳଂ ଭସ୍ମରୁଦ୍ରାକ୍ଷବିହୀନମ୍ ॥ ୧ ॥**

**ରୁଦ୍ରାକ୍ଷାନ୍ କଣ୍ଠଦେଶେ ଦଶନପରିମିତାନ୍ ମସ୍ତକେ ବିଂଶତୀ ଦ୍ୱେ,**
**ଷଟ୍ ଷଟ୍ କର୍ଣ୍ଣପ୍ରଦେଶେ କରଯୁଗଲଗତାନ୍ ଦ୍ୱାଦଶାନ୍ ଦ୍ୱାଦଶୈବ ।**
**ବାହ୍ୱୋରିନ୍ଦୋଃ କଳାଭିଃ ପୃଥଗିତି ଗଦିତମେକମେବଂ ଶିଖାୟାମ୍,**
**ବକ୍ଷସ୍ୟଷ୍ଟାଽଧିକଂ ୟଃ କଲୟତି ଶତକଂ ସ ସ୍ୱୟଂ ନୀଲକଣ୍ଠଃ ॥ ୨ ॥**

(ତୁଳନା-ଶିବପୁରାଣ, ବିଶ୍ୱେଶ୍ୱର ସଂହିତା. ୧:୨୫:୩୭,୩୮)

ଏପରି ଅନେକ ଶ୍ଳୋକ ଶୈବମାନେ ରଚନା କଲେ । ଏମାନେ କହିବାକୁ ଲାଗିଲେ ଯାହାର କପାଳରେ ଭସ୍ମ ଓ କଣ୍ଠରେ ରୁଦ୍ରାକ୍ଷ ନାହିଁ, ତାହାକୁ ଧିକ୍ । **'ତଂ ତ୍ୟଜେଦନ୍ତ୍ୟଜଂ ୟଥା'** (ବିଶ୍ୱେଶ୍ୱରସଂହିତା. ୧:୨୩:୧୩) — ତାକୁ ଚଣ୍ଡାଳ ତୁଲ୍ୟ ତ୍ୟାଗ କରିବା ଉଚିତ ॥ ୧ ॥

ଯିଏ କଣ୍ଠରେ ୩୨, ଶିରରେ ୪୦, କାନରେ ୬-୬, ହାତରେ ୧୨-୧୨, ଭୁଜରେ ୧୬-୧୬, ଶିଖାରେ ୧ ଏବଂ ହୃଦୟରେ ୧୦୮ ରୁଦ୍ରାକ୍ଷ ଧାରଣ କରେ, ସେ ସାକ୍ଷାତ୍ ମହାଦେବଙ୍କ ସଦୃଶ ଅଟେ ॥ ୨ ॥ ଶାକ୍ତମାନେ

ବି ଏପରି ହିଁ ମାନନ୍ତି ।

ପରବର୍ତ୍ତୀ ସମୟରେ ବାମମାର୍ଗୀ ଓ ଶୈବମାନେ ପରସ୍ପର ମଧ୍ୟରେ ସହମତ ହୋଇ ଭଗ ଓ ଲିଙ୍ଗର ସଂଯୁକ୍ତ ରୂପ ସ୍ଥାପନ କଲେ; ଯାହାକୁ କି ଜଳାଧାରୀ ଓ ଲିଙ୍ଗ କହୁଛନ୍ତି । ଏହାର ପୂଜା କରିବାକୁ ଲାଗିଲେ । ଏଭଳି କାମ କରିବାକୁ ସେ ନିର୍ଲଜମାନଙ୍କୁ ଟିକିଏ ବି ଲଜ୍ଜା ଲାଗିଲା ନାହିଁ ଏକଥା ଭାବି ଯେ ଆମେ ଏ ପାମରପଣର କାମ କାହିଁକି କରୁଛୁ ? ନୀତିକାର ଯଥାର୍ଥରେ କହିଛନ୍ତି — **'ସ୍ୱାର୍ଥୀ ଦୋଷଂ ନ ପଶ୍ୟତି'** (ଚାଣକ୍ୟ. ୬:୮) — ସ୍ୱାର୍ଥୀ ଲୋକେ ସ୍ୱ ସ୍ୱାର୍ଥ-ସିଦ୍ଧ କରିବାରେ ଦୁଷ୍ଟ କାର୍ଯ୍ୟକୁ ମଧ୍ୟ ଶ୍ରେଷ୍ଠ ମାନି, ସେଥିରେ ଦୋଷ ଦେଖନ୍ତି ନାହିଁ । ଏମାନେ ସେହି କାଷ୍ଠ-ପାଷାଣାଦି ମୂର୍ତ୍ତି ଓ ଭଗ-ଲିଙ୍ଗର ପୂଜାରେ ହିଁ ଧର୍ମ-ଅର୍ଥ-କାମ-ମୋକ୍ଷ ଏ ଚତୁର୍ବର୍ଗ ସିଦ୍ଧି ପ୍ରାପ୍ତି ହେବ ବୋଲି ମାନିବାକୁ ଲାଗିଲେ ।

ଭୋଜ ରାଜାଙ୍କ ପରେ ଯେତେବେଳେ ଜୈନମାନେ ନିଜ ମନ୍ଦିରରେ ମୂର୍ତ୍ତିସ୍ଥାପନ କରିବାକୁ ଲାଗିଲେ ଏବଂ ମୂର୍ତ୍ତିର ଦର୍ଶନ-ସ୍ପର୍ଶନ ଆଦି ପାଇଁ ଯିବା-ଆସିବା କରିବାକୁ ଲାଗିଲେ, ସେତେବେଳେ ଏହି ପୋପ୍‌ମାନଙ୍କ ଚେଲାମାନେ ବି ଜୈନ ମନ୍ଦିରକୁ ଯିବା-ଆସିବା କରିବାକୁ ଲାଗିଲେ । ସେହି ସମୟରେ ପାଶ୍ଚାତ୍ୟର ଅନ୍ୟ ମତସ୍ଥ ଲୋକେ ଓ ଯବନମାନେ ବି ଆର୍ଯ୍ୟାବର୍ତ୍ତକୁ ଯିବା-ଆସିବା କରିବାକୁ ଲାଗିଲେ । ସେତେବେଳେ ଏ ପୋପ୍‌ମାନେ ଏ ଶ୍ଳୋକ ତିଆରି କଲେ —

**ନ ବଦେଦ୍ୟାବନୀଂ ଭାଷାଂ ପ୍ରାଣୈଃ କଣ୍ଠଗତୈରପି ।**
**ହସ୍ତିନା ତାଡ୍ୟମାନୋଽପି ନ ଗଚ୍ଛେଜ୍ଜୈନମନ୍ଦିରମ୍ ॥** (ଭବିଷ୍ୟପୁରାଣ. ୩:୩:୨୮:୫୩)

ଯେତେ ଦୁଃଖ-କଷ୍ଟ ହେଉ ପଛକେ, ପ୍ରାଣ କଣ୍ଠାଗତ ଅର୍ଥାତ୍ ମୃତ୍ୟୁ ସମୟ ଆସି ଉପସ୍ଥିତ ହୋଇଯାଉ ନା କାହିଁକି, ତେବେ ସୁଦ୍ଧା ଯାବନୀ ଅର୍ଥାତ୍ ମ୍ଳେଚ୍ଛ ଭାଷା ମୁଖରେ ଉଚ୍ଚାରଣ ନ କରିବା ଉଚିତ । ପୁଣି ମତ୍ତହସ୍ତୀ ମାରିବାକୁ ଗୋଡ଼ାଉଥିବା ବେଳେ ଜୈନଙ୍କ ମନ୍ଦିରରେ ପଶିଗଲେ ଜୀବନ ବଞ୍ଚିଯିବାର ସ୍ଥିତି ଥିଲେ ସୁଦ୍ଧା ଜୈନ-ମନ୍ଦିରରେ ପ୍ରବେଶ କରିବ ନାହିଁ । ଜୈନମନ୍ଦିରରେ ପ୍ରବେଶ କରି ଜୀବନ ରକ୍ଷା କରିବା ଅପେକ୍ଷା ହାତୀର ଗୋଡ଼ ତଳେ ଦଳିହୋଇ ମରିବା ଶ୍ରେୟସ୍କର ।

ନିଜର ଚେଲାମାନଙ୍କୁ ଏପରି ଉପଦେଶ ଦେବାକୁ ଲାଗିଲେ । 'ତୁମ ମତ ସପକ୍ଷରେ କୌଣସି ମାନନୀୟ ପ୍ରସିଦ୍ଧ ଗ୍ରନ୍ଥର ପ୍ରମାଣ ଅଛି କି ?' ବୋଲି ଯଦି କେହି ସେମାନଙ୍କୁ ପଚାରୁଥିଲେ ତ ସେମାନେ କହୁଥିଲେ ଯେ - 'ହଁ ଅଛି ।' ଯଦି ପଚାରିବା ଲୋକେ କହୁଥିଲେ ଯେ, 'ପ୍ରମାଣ ଦେଖାଅ ।' ତେବେ ଏମାନେ ମାର୍କଣ୍ଡେୟ ପୁରାଣର ଦୁର୍ଗାପାଠରେ ଥିବା ଦେବୀଙ୍କ ବର୍ଣ୍ଣନା ଭଳି ପୁରାଣାଦିର ବଚନ ପଢ଼ି ଶୁଣାଇ ଦେଉଥିଲେ ।

**ଭୋଜ ରାଜା**ଙ୍କ ରାଜତ୍ୱ ସମୟରେ କେହି-କେହି ପଣ୍ଡିତ **'ମାର୍କଣ୍ଡେୟ'** ଓ **'ଶିବପୁରାଣ'** ଲେଖି ଏହା ବ୍ୟାସଦେବଙ୍କ ପ୍ରଣୀତ ବୋଲି ଲେଖିଦେଇଥିଲେ । ଏହି ସମାଚାର ରାଜା ଭୋଜଙ୍କ ନିକଟରେ ପହଞ୍ଚିବାରୁ ସେ ଉକ୍ତ ପଣ୍ଡିତମାନଙ୍କୁ ହସ୍ତଚ୍ଛେଦନ ଦଣ୍ଡ ଦେଲେ । ପୁଣି ରାଜା ସ୍ପଷ୍ଟ ଘୋଷଣା କରାଇଲେ ଯେ, 'ଯଦି କେହି କୌଣସି କାବ୍ୟାଦି ଗ୍ରନ୍ଥ ରଚନା କରନ୍ତି ତେବେ ତାହା ନିଜ ନାମରେ କରିବେ, କୌଣସି ଋଷି-ମୁନିଙ୍କ ନାମରେ ନୁହେଁ ।' ଏହି କଥା ଭୋଜ ରାଜାଙ୍କ କୃତ **'ସଂଜୀବନୀ'** ନାମକ ଇତିହାସ ଗ୍ରନ୍ଥରେ ଉଲ୍ଲେଖ ଅଛି, ଯାହାକି ଗ୍ୱାଲିୟର ରାଜ୍ୟର 'ଭିଣ୍ଡ' ନାମକ ନଗରର ତିବାଡ଼ି ବ୍ରହ୍ମଣଙ୍କ ଗୃହରେ ବିଦ୍ୟମାନ । ଏହାକୁ ଲଖ୍‌ନାର ରାଓସାହେବ ଓ ତାଙ୍କ ଗୁମାସ୍ତା ରାମଦୟାଲ ଚୌବେ ସ୍ୱଚକ୍ଷୁରେ ଦେଖିଛନ୍ତି । ସେଥିରେ ସ୍ପଷ୍ଟ ରୂପେ ଲେଖାଯାଇଛି ଯେ ବ୍ୟାସଦେବ ଚାରି ହଜାର

ଚାରି ଶହ ଓ ତାଙ୍କ ଶିଷ୍ୟମାନେ ପାଞ୍ଚ ହଜାର ଛଅ ଶହ, ଏପରି ମୋଟ ଦଶ ହଜାର ଶ୍ଳୋକରେ **'ଭାରତ'** ନାମକ ଗ୍ରନ୍ଥ ରଚନା କରିଥିଲେ । ମହାରାଜା ଭୋଜ ଉଲ୍ଲେଖ କରିଛନ୍ତି କି ମହାରାଜା ବିକ୍ରମାଦିତ୍ୟଙ୍କ ସମୟରେ କୋଡ଼ିଏ ହଜାର ଶ୍ଳୋକଯୁକ୍ତ, ମୋର ପିତାଙ୍କ ସମୟରେ ପଚିଶ ହଜାର ଶ୍ଳୋକଯୁକ୍ତ **'ମହାଭାରତ'** ମିଳୁଥିଲା । ବର୍ତ୍ତମାନ ମୋର ଅଧା ବୟସ ହେବା ବେଳକୁ ତିରିଶ ହଜାର ଶ୍ଳୋକ ବିଶିଷ୍ଟ 'ମହାଭାରତ' ଗ୍ରନ୍ଥ ଉପଲବ୍ଧ ହେଉଛି । ଯଦି ଏପରି ନିରନ୍ତର ଶ୍ଳୋକ ସଂଖ୍ୟା ବଢ଼ିଚାଲେ ତେବେ ଦିନ ଆସିବ ମହାଭାରତ ପୁସ୍ତକ ଗୋଟିଏ ଓଟର ବୋଝ ପରିମାଣର ହୋଇଯିବ । ତା' ଛଡ଼ା ଋଷି-ମୁନିଙ୍କ ନାମରେ ଯଦି ଏପରି ପୁରାଣାଦି ଗ୍ରନ୍ଥ ଲୋକେ ରଚନା କରିଚାଲନ୍ତି ତେବେ ଆର୍ଯ୍ୟାବର୍ତ୍ତର ଲୋକେ ଭ୍ରମଜାଲରେ ପଡ଼ି ବୈଦିକ ଧର୍ମ ପ୍ରତି ବିମୁଖ ହୋଇ ନଷ୍ଟ-ଭ୍ରଷ୍ଟ ହୋଇଯିବେ । ଏହି ଲେଖାରୁ ଅନୁମିତ ହେଉଛି କି ରାଜା ଭୋଜଙ୍କର କିଛି-କିଛି ବୈଦିକ ସଂସ୍କାର ଥିଲା । ତାଙ୍କର ସମ୍ପର୍କରେ ଲିଖିତ **'ଭୋଜପ୍ରବନ୍ଧ'** ନାମକ ପୁସ୍ତକରେ ଉଲ୍ଲେଖ ଅଛି —

**ଘଟ୍ୟୈକୟା କ୍ରୋଶଦଶୈକ୍ରମଶ୍ୱଃ ସୁକୃତ୍ରିମୋ ଗଚ୍ଛତି ଚାରୁଗତ୍ୟା ।**
**ବାୟୁଂ ଦଦାତି ବ୍ୟଜନଂ ସୁପୁଷ୍କଲଂ ବିନା ମନୁଷ୍ୟେଣ ଚଲତ୍ୟଜସ୍ରମ୍ ॥**

ଭୋଜ ରାଜାଙ୍କ ରାଜ୍ୟରେ ଓ ତାଙ୍କ ପାଖରେ ଏପରି ଶିଳ୍ପୀମାନେ ଥିଲେ ଯେଉଁମାନେ କି ଘୋଡ଼ା ଆକାରର ଯନ୍ତ୍ରକଳାଯୁକ୍ତ ଏକ ଯାନ ନିର୍ମାଣ କରିଥିଲେ । ଏହା ଏକ କଚ୍ଚା ଘଡ଼ି ଅର୍ଥାତ୍ ଚବିଶ ମିନିଟରେ ଏଗାର କୋଶ ଓ ଘଣ୍ଟାରେ ସାଢ଼େ ସତାଇଶ କୋଶ ଯାଉଥିଲା । ତାହା ଭୂମି ଓ ଆକାଶ ଉଭୟ ପଥରେ ଗତି କରିପାରୁଥିଲା । ପୁଣି ଏପରି ଏକ ପଙ୍ଖା ତିଆରି କରିଥିଲେ ଯାହା କି ବିନା ମନୁଷ୍ୟର ଚାଳନାରେ କଳାଯନ୍ତ୍ର ସାହାଯ୍ୟରେ ନିରନ୍ତର ଚାଲୁଥିଲା ଓ ପ୍ରଚୁର ବାୟୁ ପ୍ରଦାନ କରୁଥିଲା । **ଯଦି ଏ ଦୁଇଟି ଯନ୍ତ୍ର ଆଜି ପର୍ଯ୍ୟନ୍ତ ଭାରତରେ ଥାଆନ୍ତେ ତେବେ ୟୁରୋପିଅନମାନେ ଏତେ ଅଭିମାନରେ ଫୁଲି ଯାଇନଥାନ୍ତେ ।**

ଯେତେବେଳେ ପୁରାଣପନ୍ଥୀ ପୋପ୍‌ମାନେ ନିଜର ଚେଲାମାନଙ୍କୁ ଜୈନମାନଙ୍କଠାରୁ ଦୂରେଇ ରଖିବାକୁ ଚେଷ୍ଟା କଲେ, ତଥାପି ଜୈନମନ୍ଦିରକୁ ଯିବାରୁ ନିବୃତ୍ତ କରିପାରିଲେ ନାହିଁ କି ଜୈନମାନଙ୍କର ପ୍ରବଚନ, ସଭା-ସମିତିରେ ସମ୍ମିଳିତ ହେବାରୁ ରୋକିପାରିଲେ ନାହିଁ; ଏଣେ ଜୈନ ପୋପ୍‌ମାନେ ଏହି ପୌରାଣିକ ପୋପ୍‌ଙ୍କ ଚେଲାମାନଙ୍କୁ ଫୁସୁଲା-ଫୁସୁଲି କରି ନିଜ ମତରେ ମିଶାଇବାକୁ ଲାଗିଲେ; ସେତେବେଳେ ପୌରାଣିକ ପୋପ୍‌ମାନେ ବିଚାର କଲେ କି ଏ ପ୍ରଭାବକୁ ଅଟକାଇବାର କୌଣସି ଉପାୟ କରିବାକୁ ହେବ, ନଚେତ୍ ଆମର ସବୁ ଚେଲା ଜୈନ ହୋଇଯିବେ । ତା'ପରେ ଏ ପୌରାଣିକ ପୋପ୍‌ମାନେ ବିଚାର-ବିମର୍ଶ କରି ନିର୍ଣ୍ଣୟ ନେଲେ ଯେ **ଜୈନମାନଙ୍କ ଭଳି ଆମେ ବି ଅବତାର, ମନ୍ଦିର, ମୂର୍ତ୍ତି ଓ କଥା ସମ୍ବନ୍ଧୀୟ ପୁସ୍ତକ ତିଆରି କରିବା । ଜୈନମାନଙ୍କ ୨୪ ତୀର୍ଥଙ୍କର ଭଳି ଏମାନେ ମଧ୍ୟ ଚବିଶ ଅବତାର କଳ୍ପନା କରିବା ସହ ମନ୍ଦିର ଓ ମୂର୍ତ୍ତି ତିଆରି କଲେ ଏବଂ ଜୈନମାନଙ୍କ 'ଆଦିପୁରାଣ' ଓ 'ଉତ୍ତରପୁରାଣ' ଆଦି ପରି ଏମାନେ ମଧ୍ୟ ଅଷ୍ଟାଦଶ ପୁରାଣ ରଚନା କଲେ ।**

ରାଜା ଭୋଜଙ୍କ **ଦେଢ଼ ଶହ ବର୍ଷ** ପରେ ବୈଷ୍ଣବ ମତ ପ୍ରଚାରିତ ହେଲା । କୁଲା-ଟୋକେଇ ବୁଣୁଥିବା କୁଳରେ ଜନ୍ମିତ **ଶଠକୋପ** ନାମକ ଜଣେ ବ୍ୟକ୍ତିଙ୍କ ଦ୍ୱାରା ଏହାର କିଛି ପ୍ରଚାର-ପ୍ରସାର ହୋଇଥିଲା । ତା'ପରେ ମେହେନ୍ତର କୁଳରେ ଜାତ **ମୁନିବାହନ** ଏବଂ ତୃତୀୟରେ ଯବନ କୁଳୋତ୍ପନ୍ନ **ଯାବନାଚାର୍ଯ୍ୟ**ଙ୍କ ଆବିର୍ଭାବ ହେଲା । ତତ୍‌ପଶ୍ଚାତ୍ ବ୍ରାହ୍ମଣ କୁଳୋତ୍ପନ୍ନ **ରାମାନୁଜ** ଚତୁର୍ଥ ଆଚାର୍ଯ୍ୟ ହେଲେ । ସେ ନିଜ ମତର ପ୍ରସାର କଲେ ।

ଶୈବମାନେ **ଶିବପୁରାଣ** ପ୍ରଭୃତି, ଶାକ୍ତମାନେ **ଦେବୀଭାଗବତ** ଆଦି, ବୈଷ୍ଣବମାନେ **ବିଷ୍ଣୁପୁରାଣ** ଆଦି ରଚନା କଲେ । **ସେସବୁ ସ୍ୱରଚିତ ପୁସ୍ତକମାନଙ୍କରେ ଲେଖକ ରୂପେ ନିଜ ନାମ ଏଇଥିପାଇଁ ଲେଖିଲେ ନାହିଁ, କାରଣ ସେମାନେ ଜାଣିଥିଲେ ଯେ ସେମାନଙ୍କ ନାମ ରହିଲେ ସେସବୁକୁ ଲୋକେ ପ୍ରମାଣ ରୂପେ ସ୍ୱୀକାର କରିବେ ନାହିଁ । ଏଣୁ ବ୍ୟାସ ଆଦି ଋଷି-ମୁନିଙ୍କ ନାମ ଭଣତି କରି ପୁରାଣ ସବୁ ରଚନା କଲେ ।** ବାସ୍ତବରେ ଏସବୁ ପୁସ୍ତକର ନାମ 'ପୁରାଣ' ନ ରଖି 'ନବୀନ' ରଖିବା ଉଚିତ ଥିଲା । କିନ୍ତୁ ଯେପରି କୌଣସି ଦରିଦ୍ର ନିଜ ପୁତ୍ରର ନାମ 'ମହାରାଜାଧିରାଜ' ରଖିଥାଏ ସେହିପରି ଏମାନେ ନୂତନ ପଦାର୍ଥର ନାମ ସନାତନ ରଖିଦେବାରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ? ଏ ସମ୍ପ୍ରଦାୟୀମାନଙ୍କ ମଧ୍ୟରେ ଯେପରି ପାରସ୍ପରିକ ଝଗଡ଼ା ଅଛି, ଏମାନଙ୍କ ରଚିତ ପୁରାଣଗୁଡ଼ିକରେ ମଧ୍ୟ ସେହିପରି ଝଗଡ଼ା ସବୁ ଭରିଦେଇଛନ୍ତି ।

ଦେଖ ! **ଦେବୀଭାଗବତ**ରେ ଲେଖାଯାଇଛି — 'ଶ୍ରୀ' ନାମ୍ନୀ ଜଣେ ଦେବୀ ଶ୍ରୀପୁରର ସ୍ୱାମିନୀ ଥିଲେ । ସେ ଏହି ସମସ୍ତ ଜଗତକୁ ରଚନା କରିଛନ୍ତି । ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କୁ ମଧ୍ୟ ସେ ହିଁ ସୃଷ୍ଟି କରିଛନ୍ତି । ଯେତେବେଳେ ବ୍ରହ୍ମାଙ୍କୁ ଉତ୍ପନ୍ନ କରିବାକୁ ସେ ଦେବୀଙ୍କର ଇଚ୍ଛା ହେଲା ସେତେବେଳେ ସେ ନିଜ ହାତ ଘଷିଲେ । ତଦ୍ୱାରା ହାତରେ ଫୋଟକା ହୋଇ ଛାଲ ଛାଡ଼ିଗଲା । ତହିଁରୁ ବ୍ରହ୍ମା ଉତ୍ପନ୍ନ ହେଲେ । ବ୍ରହ୍ମାଙ୍କୁ ଦେବୀ କହିଲେ, 'ତୁମେ ମୋତେ ବିବାହ କର ।' ବ୍ରହ୍ମା କହିଲେ, 'ତୁମେ ମୋର ମାଆ, ତେଣୁ ମୁଁ ତୁମକୁ ବିବାହ କରିପାରିବି ନାହିଁ ।' ଏହା ଶୁଣି ମାଆକୁ ମହା ରାଗ ଲାଗିଲା, ପୁଅକୁ ଭସ୍ମ କରିଦେଲେ । ପୁଣି ଥରେ ସେହିପରି ହାତ ଘଷି ଦ୍ୱିତୀୟ ପୁତ୍ର ଉତ୍ପନ୍ନ କଲେ । ତା' ନାମ ଦେଲେ ବିଷ୍ଣୁ । ତାକୁ ମଧ୍ୟ ସେହିପରି ବିବାହ କରିବାକୁ କହିଲେ । ସେ ରାଜି ନ ହେବାରୁ ତାକୁ ମଧ୍ୟ ଭସ୍ମ କରିଦେଲେ । ପୁନଃ ସେହିପରି ଭାବେ ତୃତୀୟ ପୁତ୍ର ସୃଷ୍ଟି କଲେ । ତା'ର ନାମ ମହାଦେବ ରଖିଲେ । ତାଙ୍କୁ କହିଲେ, 'ତୁମେ ମୋତେ ବିବାହ କର ।' ମହାଦେବ କହିଲେ, 'ମୁଁ ତୁମକୁ ଏମିତିରେ ବିବାହ କରିପାରିବି ନାହିଁ । ତୁମେ ଅନ୍ୟ ସ୍ତ୍ରୀ ରୂପ ଧାରଣ କଲେ ବିବାହ କରିବି ।' ଦେବୀ ସେହିପରି ହିଁ କଲେ । ଦୁଇଟି ପାଉଁଶ ଗଦାକୁ ଦେଖି ମହାଦେବ ପଚାରିଲେ, 'ଏ ଦୁଇଟି ସ୍ଥାନରେ ପାଉଁଶ କାହିଁକି ପଡ଼ିଛି ?' ଦେବୀ ଉତ୍ତର ଦେଲେ ଯେ, 'ଏ ଦୁଇଜଣ ତୁମର ଭାଇ । ଏ ଦୁହେଁ ମୋ ଆଦେଶ ମାନିଲେ ନାହିଁ । ଏଣୁ ଏ ଦୁହିଁଙ୍କୁ ମୁଁ ଭସ୍ମ କରିଦେଲି ।' ମହାଦେବ କହିଲେ କି, 'ମୁଁ ଏକୁଟିଆ ବା କ'ଣ କରିବି ? ଏ ଦୁହିଁଙ୍କୁ ବଞ୍ଚାଇ ଦିଅ ଏବଂ ଆଉ ଦୁଇ ଜଣ ସ୍ତ୍ରୀ ଉତ୍ପନ୍ନ କର । ଆମ ତିନି ଜଣଙ୍କ ବିବାହ ତିନି ଜଣ ସ୍ତ୍ରୀଙ୍କ ସହ ହେବ ।' ଦେବୀ ସେହିପରି କଲେ । ତା'ପରେ ବ୍ରହ୍ମା, ବିଷ୍ଣୁ ଓ ମହାଦେବ ତିନି ଜଣଙ୍କ ବିବାହ ସେ ତିନି ଜଣ ନାରୀଙ୍କ ସହ ହେଲା ।

ବାଃ ! କି ବଢ଼ିଆ କାମ ! ମାଆକୁ ତ ବାହା ହେଲେ ନାହିଁ, ଅଥଚ ଭଉଣୀକୁ ବାହା ହୋଇଗଲେ ! କ'ଣ ଏହାକୁ ଉଚିତ ବୋଲି ବିଚାର କରାଯାଇପାରେ ? ଏଥିରେ ଲେଖାଯାଇଛି — ତା'ପରେ ଇନ୍ଦ୍ରାଦି ଦେବତାଙ୍କୁ ଉତ୍ପନ୍ନ କଲେ । ବ୍ରହ୍ମା, ବିଷ୍ଣୁ, ଶିବ ଓ ଇନ୍ଦ୍ର ଆଦିଙ୍କୁ ନିଜର ପାଲିଙ୍କିବାହକ କଲେ । ଏପରି ଅନେକ ମନଇଚ୍ଛା ଗପ ଲେଖି ଦେଇଛନ୍ତି । କେହି ଏମାନଙ୍କୁ ପଚାରିବା ଉଚିତ ଯେ ସେ ଦେବୀଙ୍କ ଶରୀରର ଓ ସେ ନିବାସ କରୁଥିବା ଶ୍ରୀପୁରର ରଚୟିତା କିଏ ? ସେ ଦେବୀଙ୍କର ପିତା-ମାତା କିଏ ? ଉତ୍ତରରେ ଯଦି କୁହାଯାଏ କି ଦେବୀ ଅନାଦି, ତେବେ ଠିକ୍ ନୁହେଁ; କାରଣ ସଂଯୋଗ-ଜନିତ ବସ୍ତୁ କେବେହେଲେ ଅନାଦି ହୋଇପାରିବ ନାହିଁ । ଆଉ ଗୋଟିଏ ପ୍ରଶ୍ନ ହେଲା ଯେ ମାତା-ପୁତ୍ରର ବିବାହ ହେବା ଯଦି ଖରାପ କାର୍ଯ୍ୟ, ତେବେ ଭାଇ-ଭଉଣୀର ବିବାହ ହେବା କେଉଁ ଭଲ କାମ ?

ଏହି **'ଦେବୀଭାଗବତ'**ରେ ଯେପରି ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ କ୍ଷୁଦ୍ରତା ଓ ଦେବୀଙ୍କ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରାଯାଇଛି, ସେହିଭଳି **'ଶିବପୁରାଣ'**ରେ ଦେବୀ ଆଦିଙ୍କ ଅତ୍ୟନ୍ତ କ୍ଷୁଦ୍ରତା ଦର୍ଶାଯାଇଛି । ଅର୍ଥାତ୍ ଏମାନେ ସମସ୍ତେ ମହାଦେବଙ୍କ ଦାସ ଏବଂ ମହାଦେବ ସମସ୍ତଙ୍କ ଈଶ୍ୱର ବୋଲି କୁହାଯାଇଛି । ଶରୀରରେ ରୁଦ୍ରାକ୍ଷ (ଏକ ବୃକ୍ଷର ଫଳର ମଞ୍ଜି) ଧାରଣ ଓ ଭସ୍ମ ଲେପନ କଲେ ମୁକ୍ତି ମିଳେ ବୋଲି ଏମାନେ ମାନନ୍ତି । ତେବେ ପ୍ରଶ୍ନ ହେଲା ଯେ ଯଦି ଏମିତିରେ ମୁକ୍ତି ମିଳିଯାଏ ତେବେ ଧୂଳି-ପାଉଁଶରେ ଗଡୁଥିବା ଗଧ ଆଦି ପଶୁ ଏବଂ କାଇଁଚ ଆଦିର ମାଳ ଧାରଣ କରୁଥିବା ଭୀଲ, ଶବର ଆଦି ତ ମୁକ୍ତିକୁ ଯିବା କଥା । କିନ୍ତୁ କାଇଁଚ ଆଦିର ମାଳି ଧାରଣ କରୁଥିବା ଭୀଲ, ଶବର ଆଦି ଓ କୁକୁର, ଘୁଷୁରି, ଗଧ ଆଦି ଧୂଳି-ପାଉଁଶରେ ଗଡୁଥିବା ପଶୁଙ୍କ ମୁକ୍ତି କାହିଁକି ହେଉନାହିଁ ?

**ପ୍ରଶ୍ନ — 'କାଲାଗ୍ନିରୁଦ୍ରୋପନିଷଦ'**ରେ ଭସ୍ମ ଲଗାଇବାର ବିଧାନ ଲେଖାଅଛି । ତାହା କ'ଣ ମିଥ୍ୟା ? ତା' ଛଡ଼ା **'ତ୍ର୍ୟାୟୁଷଂ ଜମଦଗ୍ନେଃ'** (ଯଜୁଃ. ୩:୬୨) ଇତ୍ୟାଦି ବେଦମନ୍ତ୍ରରେ ମଧ୍ୟ ଭସ୍ମଧାରଣର ବିଧାନ ରହିଛି । ପୁଣି ପୁରାଣରେ ବର୍ଣ୍ଣନା କରାଯାଇଛି ଯେ ରୁଦ୍ରଙ୍କ ଆଖିରୁ ଅଶ୍ରୁପାତ ହୋଇ ସେଥିରେ ଯେଉଁ ବୃକ୍ଷ ଜାତ ହେଲା ତା'ର ନାମ ରୁଦ୍ରାକ୍ଷ । ଏଣୁ ରୁଦ୍ରାକ୍ଷ ଧାରଣ କଲେ ପୁଣ୍ୟ ହୁଏ ବୋଲି କୁହାଯାଇଛି । ଏକଥା ବି ଲେଖାଯାଇଛି ଯେ କମ୍ ସେ କମ୍ ଗୋଟିଏ ରୁଦ୍ରାକ୍ଷ ଧାରଣ କଲେ ମଧ୍ୟ ବ୍ୟକ୍ତି ସବୁ ପାପରୁ ମୁକ୍ତ ହୋଇ ସ୍ୱର୍ଗକୁ ଗମନ କରେ, ଯମରାଜ ଓ ନର୍କର ଆଉ ଭୟ ରହେ ନାହିଁ ।

**ଉତ୍ତର — 'କାଲାଗ୍ନିରୁଦ୍ରୋପନିଷଦ'** କୌଣସି 'ପାଉଁଶିଆ' ଲୋକ ଅର୍ଥାତ୍ ପାଉଁଶ ବୋଲି ହେଉଥିବା ଲୋକର ଲେଖା । କାରଣ ଏଥିରେ ଥିବା **'ଯାସ୍ୟ ପ୍ରଥମା ରେଖା ସା ଗାର୍ହପତ୍ୟାଗ୍ନିଷ୍ଟକାରୋ ରଜୋ ଭୂର୍ଲୋକଃ'** ଇତ୍ୟାଦି ବଚନ ନିରର୍ଥକ । ପ୍ରତିଦିନ ହାତରେ କଟାଯାଉଥିବା ରେଖା ଭୂଲୋକ ବା ଏହାର ବାଚକ କିପରି ହୋଇପାରିବ ? ତା' ଛଡ଼ା ଯେଉଁ **'ତ୍ର୍ୟାୟୁଷଂ ଜମଦଗ୍ନେଃ'** (ଯଜୁଃ. ୩:୬୨) ଇତ୍ୟାଦି ମନ୍ତ୍ର ଅଛି, ସେସବୁ ଭସ୍ମ ବା ତ୍ରିପୁଣ୍ଡ୍ର ଧାରଣ ବିଷୟର ପ୍ରତିପାଦକ ନୁହେଁ । ବରଂ ଚକ୍ଷୁକୁ ଜମଦଗ୍ନି ବୋଲି କୁହାଯାଇଛି — **'ଚକ୍ଷୁର୍ବୈ ଜମଦଗ୍ନିର୍ଋଷିଃ'** (ଶତପଥ. ୮:୧:୨:୩) । ଏଣୁ ଏହାର ଅର୍ଥ ହେଉଛି — ହେ ପରମେଶ୍ୱର ! ମୋର ଚକ୍ଷୁର ଜ୍ୟୋତି **(ତ୍ର୍ୟାୟୁଷମ୍)** ତିନିଗୁଣ ଅର୍ଥାତ୍ ତିନି ଶହ ବର୍ଷ ପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ରହୁ । ମୁଁ ଏପରି ଧର୍ମାନୁକୂଳ କାମ କରେ ଯଦ୍ଦ୍ୱାରା ମୋର ଦୃଷ୍ଟିଶକ୍ତି ନଷ୍ଟ ହେବ ନାହିଁ ।

ତୃତୀୟରେ, ଏହା କେତେ ବଡ଼ ମୂର୍ଖତାପୂର୍ଣ୍ଣ କଥା କି ଆଖିର ଅଶ୍ରୁପାତରୁ ବି ଭଲା କେଉଁଠି ବୃକ୍ଷ ଜାତ ହୋଇପାରେ ? ପରମେଶ୍ୱରଙ୍କ ସୃଷ୍ଟି-ନିୟମକୁ କ'ଣ କେହି ଅନ୍ୟଥା କରିପାରେ ? ପରମାତ୍ମା ଯେଉଁ ବୃକ୍ଷର ବୀଜ ଯେପରି ସୃଷ୍ଟି କରିଛନ୍ତି, ସେହି ବୀଜରୁ ସେହି ବୃକ୍ଷ ଉତ୍ପନ୍ନ ହୋଇପାରେ, ଅନ୍ୟଥା ନୁହେଁ । ଏଣୁ ରୁଦ୍ରାକ୍ଷ, ଭସ୍ମ, ତୁଳସୀ, କମଳାକ୍ଷ, ଘାସ, ଚନ୍ଦନ ଆଦି ଯାହା ସବୁ ଅଛି ସେସବୁ କଣ୍ଠରେ ଧାରଣ କରିବା ଜଙ୍ଗଲୀ ଓ ପଶୁତୁଲ୍ୟ ମୂର୍ଖ ମଣିଷଙ୍କ କାମ । ବାମମାର୍ଗୀ ଓ ଶୈବମାନେ ଏପରି ବହୁତ ମିଥ୍ୟାଚାରୀ, ବିରୋଧୀ ଓ କର୍ତ୍ତବ୍ୟ କର୍ମର ତ୍ୟାଗୀ ଅଟନ୍ତି । ସେମାନଙ୍କ ମଧ୍ୟରେ ଯିଏ ଶ୍ରେଷ୍ଠ ବ୍ୟକ୍ତି ଥାଏ, ସେ ଏସବୁ କଥା ଉପରେ ବିଶ୍ୱାସ ନ କରି ଉତ୍ତମ କାର୍ଯ୍ୟ କରେ । ରୁଦ୍ରାକ୍ଷ ଧାରଣ ଓ ଭସ୍ମ ଲେପନ କରିବା ଲୋକଙ୍କୁ ଯଦି ଯମଦୂତମାନେ ଭୟକରନ୍ତି, ତେବେ ସେମାନଙ୍କୁ ପୋଲିସ୍, ସିପାହିମାନେ ବି ତ ଡରୁଥିବେ ! କିନ୍ତୁ ରୁଦ୍ରାକ୍ଷ ଓ ଭସ୍ମ ଧାରଣ କରୁଥିବା ଲୋକଙ୍କୁ ମଶା-ମାଛି, ସାପ-ବିଚ୍ଛା, କୁକୁର, ସିଂହ ଆଦି ବି ଡରୁ ନାହାନ୍ତି, ସେତେବେଳେ ଯମଦୂତମାନେ କାହିଁକି ଭୟକରିବେ ?

ଭାଷାନ୍ତର

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

**କ୍ରମଶଃ...**

# ପ୍ରଗତି ପଥେ ଶ୍ରୁତିସୌରଭ

ପରମପିତା ପରମାତ୍ମାଙ୍କ ଆଦେଶ – **'ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି'** (ଅଥର୍ବ.୧:୧:୪) ଅନୁସାରେ ଈଶ୍ୱରୀୟ ବାଣୀ 'ବେଦ' ବା 'ଶ୍ରୁତି'ର ସୁରଭିରେ ଓଡ଼ିଶାର ପ୍ରତିଟି ଗୃହର ପ୍ରାଙ୍ଗଣକୁ ସୁରଭିତ କରିବା ଉଦ୍ଦେଶ୍ୟରେ ଶ୍ରୁତିନ୍ୟାସ ପକ୍ଷରୁ 'ଶ୍ରୁତିସୌରଭ'ର ପ୍ରକାଶନ ଆରମ୍ଭ ହୋଇଛି । ଏହି ଈଶ୍ୱରୀୟ କର୍ମରେ ସମସ୍ତେ ସହଯୋଗୀ ହେବା, ବେଦାଧାରିତ ସୁନ୍ଦର ସମାଜ ନିର୍ମାଣ କରିବା ଦିଗରେ ଅଗ୍ରସର ହେବା ନିମିତ୍ତ ଶ୍ରୁତିସୌରଭ ସଦସ୍ୟଙ୍କ ଏକ ଲମ୍ବା ଶୃଙ୍ଖଳ ତିଆରି କରିବା ସକାଶେ ଆମେ ପାଠକଙ୍କୁ ନିବେଦନ କରିଥିଲୁ । ଆମର ଆତ୍ମୀୟ ନିବେଦନକୁ ଆନ୍ତରିକତାର ସହ ସ୍ୱୀକାର କରି ଅଧିକରୁ ଅଧିକ ସଂଖ୍ୟକ ପାଠକ ଏହାର ସଦସ୍ୟ ହେଉଛନ୍ତି। ଏହା ଆମକୁ ଅଭିଭୂତ କରିଛି । ଆମେ ସମସ୍ତ ସଦସ୍ୟ, ସହଯୋଗୀଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛୁ । ଅଦ୍ୟାବଧି ପତ୍ରିକାର ସଦସ୍ୟ ସଂଖ୍ୟା ହେଲା—

| କ୍ର.ସଂ. | ଜିଲ୍ଲା | ଆଜୀବନ | ବାର୍ଷିକ | ମୋଟ | କ୍ର.ସଂ. | ଜିଲ୍ଲା | ଆଜୀବନ | ବାର୍ଷିକ | ମୋଟ |
|---|---|---|---|---|---|---|---|---|---|
| ୦୧. | ଗଞ୍ଜାମ | ୪୭୦ | ୩୩୧ | ୮୦୧ | ୧୭. | ଭଦ୍ରକ | ୨୨ | ୨୯ | ୫୧ |
| ୦୨. | ଖୋର୍ଦ୍ଧା | ୩୦୨ | ୧୧୪ | ୪୧୬ | ୧୮. | ଜଗତସିଂହପୁର | ୨୧ | ୧୪ | ୩୫ |
| ୦୩. | କଟକ | ୨୫୬ | ୨୨୦ | ୪୭୬ | ୧୯. | ବୌଦ୍ଧ | ୧୯ | ୪୭ | ୬୬ |
| ୦୪. | ସୁନ୍ଦରଗଡ଼ | ୨୨୭ | ୩୩୧ | ୫୫୮ | ୨୦. | ନୟାଗଡ଼ | ୧୭ | ୧୫ | ୩୨ |
| ୦୫. | ବରଗଡ଼ | ୧୯୪ | ୨୦୧ | ୩୯୫ | ୨୧. | ଝାରସୁଗୁଡ଼ା | ୧୫ | ୦୩ | ୧୮ |
| ୦୬. | କୋରାପୁଟ | ୮୫ | ୨୬ | ୧୧୧ | ୨୨. | କଳାହାଣ୍ଡି | ୧୩ | ୦୪ | ୧୭ |
| ୦୭. | ବଲାଙ୍ଗିର | ୭୮ | ୮୯ | ୧୬୭ | ୨୩. | କେନ୍ଦୁଝର | ୧୨ | ୦୧ | ୧୩ |
| ୦୮. | ସୁବର୍ଣ୍ଣପୁର | ୬୭ | ୧୧୭ | ୧୮୪ | ୨୪. | ଢେଙ୍କାନାଳ | ୧୧ | ୨୬ | ୩୭ |
| ୦୯. | ସମ୍ବଲପୁର | ୫୩ | ୬୪ | ୧୧୭ | ୨୫. | ଯାଜପୁର | ୦୮ | ୧୩ | ୨୧ |
| ୧୦. | ରାୟଗଡ଼ା | ୫୩ | ୬୬ | ୧୧୯ | ୨୬. | କେନ୍ଦ୍ରାପଡ଼ା | ୦୬ | ୦୭ | ୧୩ |
| ୧୧. | ଅନୁଗୁଳ | ୫୧ | ୩୩ | ୮୪ | ୨୭. | ଗଜପତି | ୦୭ | ୦୨ | ୦୯ |
| ୧୨. | ବାଲେଶ୍ୱର | ୪୧ | ୧୦ | ୫୧ | ୨୮. | ଦେବଗଡ଼ | ୦୫ | ୦୦ | ୦୫ |
| ୧୩. | ମୟୂରଭଞ୍ଜ | ୪୦ | ୧୪ | ୫୪ | ୨୯. | ନୂଆପଡ଼ା | ୦୨ | ୦୬ | ୦୮ |
| ୧୪. | ପୁରୀ | ୩୯ | ୦୯ | ୪୮ | ୩୦. | ନବରଙ୍ଗପୁର | ୦୧ | ୦୨ | ୦୩ |
| ୧୫. | କନ୍ଧମାଳ | ୩୩ | ୧୪୨ | ୧୭୫ | ୩୧. | ଅନ୍ୟାନ୍ୟ | ୪୭ | ୧୨ | ୫୯ |
| ୧୬. | ମାଲକାନଗିରି | ୩୦ | ୪୫ | ୭୫ | | **ମୋଟ** | **୨୨୨୫** | **୧୯୯୩** | **୪୨୧୮** |

'ଶ୍ରୁତିସୌରଭ' ସଦସ୍ୟ ସଂଖ୍ୟା କ୍ଷେତ୍ରରେ ଏଭଳି ଉପଲବ୍ଧି ପ୍ରାପ୍ତ କରିବା ପଛରେ ଓଡ଼ିଶାରେ ବେଦର ପ୍ରଚାର-ପ୍ରସାର ପାଇଁ କାୟମନୋବାକ୍ୟରେ ପ୍ରୟାସରତ ଆମ ସହଯୋଗୀମାନଙ୍କ ପ୍ରଶଂସାନୀୟ ଯୋଗଦାନ ରହିଛି। ବର୍ତ୍ତମାନ

ସୁଦ୍ଧା ସଦସ୍ୟ ସଂଗ୍ରହ ଅଭିଯାନରେ ପ୍ରମୁଖ ଅଂଶଗ୍ରହଣକାରୀ ସହଯୋଗୀଙ୍କ ନାମ କୃତଜ୍ଞତା ପୂର୍ବକ କ୍ରମାନ୍ୱୟରେ ପ୍ରକାଶ କରାଯାଉଛି—

| ନାମ | ଜିଲ୍ଲା | ଆଜୀବନ | ବାର୍ଷିକ | ନାମ | ଜିଲ୍ଲା | ଆଜୀବନ | ବାର୍ଷିକ |
|---|---|---|---|---|---|---|---|
| ଶ୍ରୀମାନ୍ ଦୁଷ୍ମନ୍ତ କିଶୋର ସ୍ୱାଇଁ | କଟକ | ୧୦୬ | ୭୬ | ଶ୍ରୀମାନ୍ କାହ୍ନୁ ବାଳକୃଷ୍ଣ ବିହାରୀ | ଗଞ୍ଜାମ | ୧୪ | ୦୦ |
| ଶ୍ରୀମାନ୍ ନିମାଇଁ ଚରଣ ସ୍ୱାଇଁ | ଖୋର୍ଦ୍ଧା | ୭୬ | ୦୭ | ଶ୍ରୀମାନ୍ ଖଗେଶ୍ୱର ଗୌଡ଼ | ସୁନ୍ଦରଗଡ଼ | ୧୪ | ୦୦ |
| ଇଂ. ଦୟାସାଗର ସାହୁ | ଗଞ୍ଜାମ | ୬୩ | ୦୭ | ଶ୍ରୀମାନ୍ ଗୋଲାପ ଚନ୍ଦ୍ର ପଟେଲ | ସୁନ୍ଦରଗଡ଼ | ୧୪ | ୦୦ |
| ଶ୍ରୀମାନ୍ ରୁକ୍ମଣ ମହାପାତ୍ର | ବରଗଡ଼ | ୫୩ | ୪୦ | ଶ୍ରୀମାନ୍ ସନ୍ତୋଷ କୁମାର ପଣ୍ଡା | ସୁନ୍ଦରଗଡ଼ | ୧୩ | ୨୭ |
| ଇଂ. ନାରାୟଣ ପଣ୍ଡା | ଗଞ୍ଜାମ | ୫୩ | ୨୭ | ଶ୍ରୀମାନ୍ ହୃଷିକେଶ ନାଥ | ବଲାଙ୍ଗିର | ୧୩ | ୦୪ |
| ଶ୍ରୀମାନ୍ ରାଜେନ୍ଦ୍ର ଭୂୟାଁ | ଗଞ୍ଜାମ | ୩୬ | ୩୫ | ଶ୍ରୀମାନ୍ ଦ୍ୱିଜେନ୍ଦ୍ର କୁମାର ସାହୁ | ବଲାଙ୍ଗିର | ୧୩ | ୦୩ |
| ଶ୍ରୀମାନ୍ ପରୀକ୍ଷିତ ଶାସ୍ତ୍ରୀ | ବରଗଡ଼ | ୩୫ | ୫୪ | ଡକ୍ଟର ଲଳିତ ମଞ୍ଜରୀ ସାହୁ | ଖୋର୍ଦ୍ଧା | ୧୩ | ୦୧ |
| ଶ୍ରୀମାନ୍ ପଙ୍କଜ ମେହେର | ସୁବର୍ଣ୍ଣପୁର | ୩୪ | ୩୩ | ବେଦ ପ୍ରଚାର ସମିତି, କଟକ | | ୧୨ | ୧୩ |
| ସୁଶ୍ରୀ ଶୁଭଶ୍ରୀ ମହାପାତ୍ର | ବାଲେଶ୍ୱର | ୩୩ | ୦୮ | ଶ୍ରୀମାନ୍ ରୁଦ୍ରନାରାୟଣ ସାହୁ | ସମ୍ବଲପୁର | ୧୨ | ୦୫ |
| ଶ୍ରୀମାନ୍ ଆର୍. ମୋହନ ରେଡ୍ଡି | ଗଞ୍ଜାମ | ୩୦ | ୬୫ | ଇଂ. ପ୍ରିୟଦର୍ଶୀ ଦାସ | ଗଞ୍ଜାମ | ୧୨ | ୦୩ |
| ଶ୍ରୀମତୀ ପ୍ରଣତି ରାୟ | କଟକ | ୩୦ | ୧୦ | ଶ୍ରୀମାନ୍ ପବିତ୍ର କୁମାର ଘଡ଼ାଇ | ଅନୁଗୁଳ | ୧୨ | ୦୦ |
| ଶ୍ରୀମତୀ ରାସେଶ୍ୱରୀ ଦେଈ | ସୁନ୍ଦରଗଡ଼ | ୩୦ | ୦୩ | ଶ୍ରୀମାନ୍ ଗୋପାଳକୃଷ୍ଣ ପାଟଖଣ୍ଡାଳ | ରାୟଗଡ଼ା | ୧୨ | ୦୦ |
| ବେଦ ପ୍ରଚାର ସମିତି, ବ୍ରହ୍ମପୁର | | ୨୮ | ୧୦ | ଶ୍ରୀମାନ୍ ଯୋଗେଶ୍ୱର ପଣ୍ଡା | କନ୍ଧମାଳ | ୧୧ | ୪୭ |
| ଶ୍ରୀମାନ୍ ସୁନୀଲ କୁମାର ଗରିଆ | ସୁବର୍ଣ୍ଣପୁର | ୨୬ | ୨୫ | ଶ୍ରୀମାନ୍ ମହେଶ ପ୍ରସାଦ ମହାପାତ୍ର | କଟକ | ୧୧ | ୦୬ |
| ଶ୍ରୀମାନ୍ ସଂଗ୍ରାମ କେଶରୀ ମହାନ୍ତି | ଗଞ୍ଜାମ | ୨୪ | ୦୦ | ଶ୍ରୀମାନ୍ ମନୋରଂଜନ ଖମାରି | ବରଗଡ଼ | ୧୧ | ୦୨ |
| ଶ୍ରୀମାନ୍ ଶ୍ରୀବତ୍ସ ପାଣିଗ୍ରାହୀ | କଟକ | ୨୩ | ୪୮ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, | ଛତ୍ରପୁର | ୧୧ | ୦୧ |
| ଶ୍ରୀମାନ୍ ରବିନାରାୟଣ ପ୍ରଧାନ | ପୁରୀ | ୨୩ | ୦୦ | ଶ୍ରୀମାନ୍ ଶିବ ପ୍ରସାଦ ପରିଡ଼ା | ଝାରସୁଗୁଡ଼ା | ୧୧ | ୦୦ |
| ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ନାୟକ | ମାଲକାନଗିରି | ୨୧ | ୩୯ | ଶ୍ରୀମାନ୍ ପ୍ରକାଶ କୁମାର ନାୟକ | କୋରାପୁଟ | ୧୧ | ୦୦ |
| ଶ୍ରୀମତୀ ସୁରେଶ୍ୱରୀ ପଣ୍ଡା | ବରଗଡ଼ | ୨୧ | ୦୭ | ଶ୍ରୀମାନ୍ ସରୋଜ କୁମାର ମିଶ୍ର | ସୁବର୍ଣ୍ଣପୁର | ୧୦ | ୪୪ |
| ଶ୍ରୀମାନ୍ ପୀତବାସ ଦଳେଇ | ସୁନ୍ଦରଗଡ଼ | ୨୦ | ୩୯ | ଶ୍ରୀମତୀ ସୁରଭୀ ସାହୁ | ସମ୍ବଲପୁର | ୧୦ | ୧୪ |
| ଶ୍ରୀମାନ୍ ମୁରଲୀଧର ମିଶ୍ର | ସୁନ୍ଦରଗଡ଼ | ୧୯ | ୧୫ | ଶ୍ରୀମାନ୍ ସୁବୋଧ କୁମାର ବେହେରା | ରାୟଗଡ଼ା | ୧୦ | ୧୨ |
| ଶ୍ରୀମାନ୍ କୃଷ୍ଣଚନ୍ଦ୍ର ପ୍ରଧାନ | ଖୋର୍ଦ୍ଧା | ୧୯ | ୦୩ | ଶ୍ରୀମାନ୍ ଭାସ୍କର ପ୍ରଧାନ | ସୁରତ | ୧୦ | ୦୭ |
| ଶ୍ରୀମାନ୍ ଆନନ୍ଦ ସାମନ୍ତରାୟ | ବଲାଙ୍ଗିର | ୧୯ | ୦୨ | ଶ୍ରୀମତୀ ରଶ୍ମିରେଖା ନାୟକ | ବରଗଡ଼ | ୧୦ | ୦୨ |
| ଶ୍ରୀମାନ୍ ଅନାମ ଚରଣ ନାୟକ | କୋରାପୁଟ | ୧୮ | ୧୧ | ଡାକ୍ତର ସୁକାନ୍ତି ଦାସ | ବାଲେଶ୍ୱର | ୧୦ | ୦୦ |
| ଶ୍ରୀମତୀ ପୁଷ୍ପାଞ୍ଜଳି ପାତ୍ର | ଖୋର୍ଦ୍ଧା | ୧୮ | ୦୬ | ଶ୍ରୀମାନ୍ ଗୋପବନ୍ଧୁ ସାହୁ | ଗଞ୍ଜାମ | ୧୦ | ୦୦ |
| ଶ୍ରୀମାନ୍ ରାଜକିଶୋର ସାହୁ | ରାୟଗଡ଼ା | ୧୬ | ୧୧ | ଶ୍ରୀମାନ୍ ହରମୋହନ ସାହୁ | କଟକ | ୧୦ | ୦୦ |
| ଶ୍ରୀମାନ୍ ଗୌରଚନ୍ଦ୍ର ଦାସ | ଖୋର୍ଦ୍ଧା | ୧୫ | ୧୨ | ଶ୍ରୀମାନ୍ ଇ. ବାବୁଲା | ଗଞ୍ଜାମ | ୧୦ | ୦୦ |
| ଶ୍ରୀମାନ୍ ସୋମଦତ୍ତ ଶାସ୍ତ୍ରୀ | ସମ୍ବଲପୁର | ୧୫ | ୧୦ | ଆର୍ଯ୍ୟସମାଜ, ସିମିଳିଗୁଡ଼ା | | ୧୦ | ୦୦ |
| ଶ୍ରୀମାନ୍ ଶ୍ରୀକାନ୍ତ ଷଡ଼ଙ୍ଗୀ | ସୁନ୍ଦରଗଡ଼ | ୧୪ | ୨୦ | ଶ୍ରୀମାନ୍ ବିଷ୍ଣୁ ପ୍ରସାଦ ମୁନି | ଗଞ୍ଜାମ | ୦୯ | ୨୨ |
| ଇଂ. କାଳୁଚରଣ ବେହେରା | କଟକ | ୧୪ | ୦୫ | ଇଂ. ପ୍ରଦୀପ କୁମାର ତ୍ରିପାଠୀ | ଗଞ୍ଜାମ | ୦୯ | ୧୭ |
| ଇଂ. ଇ. କୁମାର ସ୍ୱାମୀ | ଖୋର୍ଦ୍ଧା | ୧୪ | ୦୨ | ଶ୍ରୀମତୀ ପ୍ରଜ୍ଞା ପଟ୍ଟନାୟକ | ଖୋର୍ଦ୍ଧା | ୦୯ | ୦୬ |
| ବେଦ ପ୍ରଚାର ସମିତି, ଜୟପୁର | | ୧୪ | ୦୨ | ଶ୍ରୀମାନ୍ ରାଜେନ୍ଦ୍ରନାଥ ପରିଡ଼ା | ଗଞ୍ଜାମ | ୦୯ | ୦୦ |

| | | | |
|---|---|---|---|
| ଶ୍ରୀମାନ୍ ରମେଶ ଚନ୍ଦ୍ର ସେଠୀ | ସୁନ୍ଦରଗଡ଼ | ୦୯ | ୦୦ |
| ଶ୍ରୀମାନ୍ ଦିବାକର ବାରିକ | ସୁନ୍ଦରଗଡ଼ | ୦୮ | ୬୪ |
| ଶ୍ରୀମାନ୍ ସଞ୍ଜୟ କୁମାର ଷଡ଼ଙ୍ଗୀ | ସମ୍ବଲପୁର | ୦୮ | ୨୮ |
| ଶ୍ରୀମତୀ ନର୍ମଦା ପାତ୍ର | ଖୋର୍ଦ୍ଧା | ୦୮ | ୧୩ |
| ଶ୍ରୀମତୀ ସୁକାନ୍ତି ସ୍ୱାଇଁ | କଟକ | ୦୮ | ୦୮ |
| ଶ୍ରୀମାନ୍ ରବୀନ୍ଦ୍ର କୁମାର ମହାପାତ୍ର | କଟକ | ୦୮ | ୦୨ |
| ଶ୍ରୀମତୀ ମମତା ମହାପାତ୍ର | କଟକ | ୦୮ | ୦୨ |
| ଶ୍ରୀମତୀ ପୁଷ୍ପାଞ୍ଜଳି ମେହେର | ସୁବର୍ଣ୍ଣପୁର | ୦୮ | ୦୨ |
| ଶ୍ରୀମାନ୍ ଅରୁଣ କୁମାର ସେଠୀ | ଖୋର୍ଦ୍ଧା | ୦୮ | ୦୧ |
| ଶ୍ରୀମାନ୍ ଟି. ଭେଙ୍କଟ ରାଓ | ଗଞ୍ଜାମ | ୦୮ | ୦୦ |
| ଶ୍ରୀମାନ୍ ପ୍ରମୋଦ କୁମାର ମହାନ୍ତି | ଗଞ୍ଜାମ | ୦୮ | ୦୦ |
| ଇଂ. ବିଜୟ କୁମାର ସାହୁ | ଗଞ୍ଜାମ | ୦୮ | ୦୦ |
| ଶ୍ରୀମତୀ ଲକ୍ଷ୍ମୀପ୍ରିୟା ସାମନ୍ତରାୟ | ପୁରୀ | ୦୮ | ୦୦ |
| ଶ୍ରୀମାନ୍ ଦିଲ୍ଲୀପ କୁମାର ପଟ୍ଟନାୟକ | ସୁନ୍ଦରଗଡ଼ | ୦୮ | ୦୦ |
| ଶ୍ରୀମାନ୍ ଲେନିନ୍ ପଟ୍ଟନାୟକ | କଟକ | ୦୮ | ୦୦ |
| ଡାକ୍ତର ଆଦିତ୍ୟ କୁମାର ପଣ୍ଡା | ମୟୂରଭଞ୍ଜ | ୦୭ | ୧୨ |
| ଶ୍ରୀମତୀ ସରିତା ବେହେରା | ସମ୍ବଲପୁର | ୦୭ | ୦୭ |
| ଶ୍ରୀମାନ୍ ଅଜିତ୍ କୁମାର ପଣ୍ଡା | ଗଞ୍ଜାମ | ୦୭ | ୦୫ |
| ଶ୍ରୀମାନ୍ ଦାମୋଦର ପଣ୍ଡା | ମାଲକାନଗିରି | ୦୭ | ୦୫ |
| ଶ୍ରୀମାନ୍ ଲୋକନାଥ ପ୍ରଧାନ | ସୁନ୍ଦରଗଡ଼ | ୦୭ | ୦୦ |
| ଡକ୍ଟର ଉଷା ପାଢ଼ୀ | ଗଞ୍ଜାମ | ୦୭ | ୦୦ |
| ଶ୍ରୀମାନ୍ କଂଗ୍ରେସ ସାହୁ | ବରଗଡ଼ | ୦୭ | ୦୦ |
| ଶ୍ରୀମାନ୍ ଅରୁଣ ନାୟକ | ସୁନ୍ଦରଗଡ଼ | ୦୬ | ୨୦ |
| ସୁଶ୍ରୀ ରାଜଲକ୍ଷ୍ମୀ ସାହୁ | ଗଞ୍ଜାମ | ୦୬ | ୧୨ |
| ଶ୍ରୀମାନ୍ ନୃସିଂହ ଚରଣ ସ୍ୱାଇଁ | ଖୋର୍ଦ୍ଧା | ୦୬ | ୧୧ |
| ଡାକ୍ତର ଯଦୁମଣି ନାୟକ | ବରଗଡ଼ | ୦୬ | ୦୫ |
| ଶ୍ରୀମାନ୍ ଶିବପ୍ରସାଦ ଭୋଇ | ବରଗଡ଼ | ୦୬ | ୦୫ |
| ଶ୍ରୀମତୀ ସୁଜାତା ମହାପାତ୍ର | ବରଗଡ଼ | ୦୬ | ୦୧ |
| ଇଂ. ଅଭିମନ୍ୟୁ ମହାରଣା | କୋରାପୁଟ | ୦୬ | ୦୦ |
| ଡଃ. ନନ୍ଦକିଶୋର ମହାକୁଡ଼ | ଅନୁଗୁଳ | ୦୬ | ୦୦ |
| ଶ୍ରୀମତୀ ବୀଣାପାଣି ପଣ୍ଡା | ଭଦ୍ରକ | ୦୬ | ୦୦ |
| ଡକ୍ଟର ରୁଦ୍ର ପ୍ରସନ୍ନ ମହାପାତ୍ର | ଗଞ୍ଜାମ | ୦୬ | ୦୦ |
| ଶ୍ରୀମତୀ କଳ୍ପନା ବେହେରା | ବରଗଡ଼ | ୦୬ | ୦୦ |
| ଶ୍ରୀମତୀ ଭି. କମଳା ଦେବୀ | ଗଞ୍ଜାମ | ୦୬ | ୦୦ |
| ଶ୍ରୀମତୀ ପ୍ରତିମା ପଟ୍ଟନାୟକ | ସୁନ୍ଦରଗଡ଼ | ୦୬ | ୦୦ |

| | | | |
|---|---|---|---|
| ଶ୍ରୀମାନ୍ ମହେନ୍ଦ୍ର ଦାସ | ଅହମ୍ମଦାବାଦ୍ | ୦୬ | ୦୦ |
| ଶ୍ରୀମାନ୍ ବାଲ୍ମୀକି ପଟ୍ଟନାୟକ | ଖୋର୍ଦ୍ଧା | ୦୬ | ୦୦ |
| ଶ୍ରୀମାନ୍ ସୁରେଶ ଚନ୍ଦ୍ର ଆଚାର୍ଯ୍ୟ | କନ୍ଧମାଳ | ୦୫ | ୬୩ |
| ଶ୍ରୀମାନ୍ ବିଜୟ କୁମାର ବେହେରା | ସୁନ୍ଦରଗଡ଼ | ୦୫ | ୧୫ |
| ଶ୍ରୀମାନ୍ ବୈଦ୍ୟନାଥ ଜାଲ | ବୌଦ୍ଧ | ୦୫ | ୧୩ |
| ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ | କଟକ | ୦୫ | ୧୧ |
| ଶ୍ରୀମାନ୍ ଅମୂଲ୍ୟ ଦୋରା | ଗଞ୍ଜାମ | ୦୫ | ୧୦ |
| ଶ୍ରୀମାନ୍ ଅରୂପାନନ୍ଦ ପାଣିଗ୍ରାହୀ | ଗଞ୍ଜାମ | ୦୫ | ୦୬ |
| ଶ୍ରୀମାନ୍ କ୍ଷୀରୋଦ କୁମାର ନାଥ | ବରଗଡ଼ | ୦୫ | ୦୪ |
| ଶ୍ରୀମାନ୍ ନୃସିଂହ ଚରଣ ମହାପାତ୍ର | | ୦୫ | ୦୩ |
| ଶ୍ରୀମତୀ ମମତା ଦାସ | ଗଞ୍ଜାମ | ୦୫ | ୦୨ |
| ଶ୍ରୀମାନ୍ ଶ୍ରୀକାନ୍ତ କୁମାର ପାଣି | ଅନୁଗୁଳ | ୦୫ | ୦୨ |
| ଶ୍ରୀମତୀ ମମତା ଶତପଥି | ଗଞ୍ଜାମ | ୦୫ | ୦୧ |
| ଶ୍ରୀମାନ୍ ଗୋବିନ୍ଦ ଚନ୍ଦ୍ର ମହାରଣା | ଗଞ୍ଜାମ | ୦୫ | ୦୧ |
| ଶ୍ରୀମାନ୍ ସଙ୍କର୍ଷଣ ସାହୁ | ରାୟଗଡ଼ା | ୦୫ | ୦୧ |
| ଶ୍ରୀମତୀ ଆରତୀବାଳା ପ୍ରଧାନ | ଗଞ୍ଜାମ | ୦୫ | ୦୧ |
| ପ୍ରଫେସର ଶରତ ଚନ୍ଦ୍ର ସେନାପତି | କଟକ | ୦୫ | ୦୦ |
| ଶ୍ରୀମାନ୍ ଅଶୋକ କୁମାର ମେହେର | ବରଗଡ଼ | ୦୫ | ୦୦ |
| ଶ୍ରୀମାନ୍ ଦୁଷ୍ମନ୍ତ କୁମାର ସାହୁ | ବଲାଙ୍ଗିର | ୦୫ | ୦୦ |
| ଇଂ. ସନ୍ତୋଷ କୁମାର ଗୌଡ଼ | ଗଞ୍ଜାମ | ୦୫ | ୦୦ |
| ଶ୍ରୀମତୀ ଲକ୍ଷ୍ମୀ ପଣ୍ଡା | ଖୋର୍ଦ୍ଧା | ୦୫ | ୦୦ |
| ଇଂ. ବିପିନ ବିହାରୀ ଦୀକ୍ଷିତ | ଗଞ୍ଜାମ | ୦୫ | ୦୦ |
| ଶ୍ରୀମାନ୍ ନିରଞ୍ଜନ ମଲ୍ଲିକ | ଝାରସୁଗୁଡ଼ା | ୦୫ | ୦୦ |
| ଶ୍ରୀମାନ୍ ବିଭୂତି ଭୂଷଣ ସାହୁ | ଅନୁଗୁଳ | ୦୫ | ୦୦ |
| ଶ୍ରୀମାନ୍ ରବୀନ୍ଦ୍ର ମୋହନ ମିଶ୍ର | କଟକ | ୦୫ | ୦୦ |
| ଶ୍ରୀମତୀ ମିନତି ସାମନ୍ତରାୟ | କୋରାପୁଟ | ୦୫ | ୦୦ |
| ଶ୍ରୀମତୀ ସାରଦା ବିଷୋୟୀ | ଗଞ୍ଜାମ | ୦୫ | ୦୦ |
| ବେଦ ପ୍ରଚାର ସମିତି, ଟିଟିଲାଗଡ଼ | | ୦୪ | ୫୬ |
| ଶ୍ରୀମାନ୍ ଗଣେଶ ବାରିକ | ସୁନ୍ଦରଗଡ଼ | ୦୪ | ୪୪ |
| ଇଂ. ଶଶିଭୂଷଣ ନନ୍ଦ | କଟକ | ୦୪ | ୩୩ |
| ଆର୍ଯ୍ୟ ସମାଜ ରାୟଗଡ଼ା | | ୦୪ | ୧୮ |
| ଶ୍ରୀମାନ୍ ଏ. ସୀମାଞ୍ଚଳ ପାତ୍ର | ଗଞ୍ଜାମ | ୦୪ | ୧୫ |
| ଶ୍ରୀମାନ୍ ସନକ ଭୋଇ | ବରଗଡ଼ | ୦୪ | ୧୧ |
| ଶ୍ରୀମତୀ ପ୍ରଜ୍ଞା ମେହେର | ସୁବର୍ଣ୍ଣପୁର | ୦୪ | ୧୦ |
| ବେଦ ପ୍ରଚାର ସମିତି, ବରଗଡ଼ | | ୦୪ | ୧୦ |
| ଶ୍ରୀମାନ୍ ଗଗନ ବିହାରୀ ଜେନା | ଖୋର୍ଦ୍ଧା | ୦୪ | ୦୫ |

| | | | |
|---|---|---|---|
| ଶ୍ରୀମତୀ ଦୀପ୍ତିରାଣୀ ମହାନ୍ତି | ଗଞ୍ଜାମ | ୦୪ | ୦୨ |
| ବେଦ ପ୍ରଚାର ସମିତି, ଚିକିଟି | | ୦୪ | ୦୨ |
| ଡାକ୍ତର ସୁବଳ କୁମାର ନାୟକ | ସମ୍ବଲପୁର | ୦୪ | ୦୦ |
| ବେଦ ପ୍ରଚାର ସମିତି, ସୁବର୍ଣ୍ଣପୁର | | ୦୪ | ୦୦ |
| ଶ୍ରୀମାନ୍ ପ୍ରତାପ କୁମାର ବେହେରା | ବଲାଙ୍ଗିର | ୦୪ | ୦୦ |
| ଇଂ. ନିରଞ୍ଜନ ପଣ୍ଡା | କୋରାପୁଟ | ୦୪ | ୦୦ |
| ଇଂ. ସୁଧାକର ପତ୍ରୀ | ଖୋର୍ଦ୍ଧା | ୦୪ | ୦୦ |
| ଡକ୍ଟର ନୃପରାଜ ସାହୁ | ଖୋର୍ଦ୍ଧା | ୦୪ | ୦୦ |
| ଶ୍ରୀମାନ୍ ନବୀନ କୁମାର ପଟେଲ | ସମ୍ବଲପୁର | ୦୪ | ୦୦ |
| ଶ୍ରୀମତୀ ଟି. ବବିତା | ବ୍ରହ୍ମପୁର | ୦୪ | ୦୦ |
| ଇଂ. ସୁଶୀଲ କୁମାର ମହାପାତ୍ର | କଟକ | ୦୪ | ୦୦ |
| ଶ୍ରୀମାନ୍ ବିଜୟ କୁମାର ପରିଡ଼ା | ସୁନ୍ଦରଗଡ଼ | ୦୪ | ୦୦ |
| ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ | ମୟୂରଭଞ୍ଜ | ୦୪ | ୦୦ |
| ଶ୍ରୀମତୀ ବବିତା ବାରିକ | ସୁନ୍ଦରଗଡ଼ | ୦୪ | ୦୦ |
| ଶ୍ରୀମାନ୍ କ୍ଷୀରୋଦ ଚନ୍ଦ୍ର ମିଶ୍ର | କଟକ | ୦୪ | ୦୦ |
| ଶ୍ରୀମାନ୍ ରବିନାରାୟଣ ପ୍ରଧାନ | ଢେଙ୍କାନାଳ | ୦୩ | ୨୬ |
| ଶ୍ରୀମତୀ ରେଖାରାଣୀ ସ୍ୱାଇଁ | କଟକ | ୦୩ | ୨୦ |
| ଶ୍ରୀମାନ୍ ବିରଞ୍ଚି କୁମାର ମେହେର | ବଲାଙ୍ଗିର | ୦୩ | ୧୭ |
| ଶ୍ରୀମାନ୍ ବିରଞ୍ଚି ନାରାୟଣ ଆର୍ଯ୍ୟ | ସୁବର୍ଣ୍ଣପୁର | ୦୩ | ୧୦ |
| ଶ୍ରୀମାନ୍ ରଞ୍ଜିତ କୁମାର ନାୟକ | ସୁନ୍ଦରଗଡ଼ | ୦୩ | ୦୯ |
| ଶ୍ରୀମାନ୍ ସୁଧାକର ବେହେରା | ଜଗତସିଂହପୁର | ୦୩ | ୦୪ |
| ଶ୍ରୀମାନ୍ ହେମନ୍ତ କୁମାର ଜେନା | ସୁନ୍ଦରଗଡ଼ | ୦୩ | ୦୪ |
| ଶ୍ରୀମାନ୍ ଅଭୟ କୁମାର ରଣା | କଟକ | ୦୩ | ୦୩ |
| ଶ୍ରୀମତୀ ମମତା ମଞ୍ଜରୀ ମହାରଣା | କୋରାପୁଟ | ୦୩ | ୦୨ |
| ଶ୍ରୀମତୀ ସାୟନ୍ତନୀ ତ୍ରିପାଠୀ | ବଲାଙ୍ଗୀର | ୦୩ | ୦୨ |
| ଶ୍ରୀମାନ୍ ଜି. କାଶୀନାଥ | ଗଞ୍ଜାମ | ୦୩ | ୦୧ |
| ଶ୍ରୀମାନ୍ ଲକ୍ଷ୍ମଣ ମହାନ୍ତି | କୋରାପୁଟ | ୦୩ | ୦୦ |
| ଶ୍ରୀମତୀ କାବେରୀ ଭୂୟାଁ | କଟକ | ୦୩ | ୦୦ |
| ଶ୍ରୀମତୀ କସ୍ତୁରୀ ଭୂୟାଁ | କଟକ | ୦୩ | ୦୦ |
| ଶ୍ରୀମାନ୍ ପ୍ରଶାନ୍ତ କୁମାର ନାୟକ | ବରଗଡ଼ | ୦୩ | ୦୦ |
| ଶ୍ରୀମାନ୍ ଅମୂଲ୍ୟ କୁମାର ମଲ୍ଲିକ | ଯାଜପୁର | ୦୩ | ୦୦ |
| ଶ୍ରୀମାନ୍ କେ.ଉମେଶରାଓ ପାତ୍ର | ବଲାଙ୍ଗିର | ୦୩ | ୦୦ |
| ଇଂ. ଅଭୟ କୁମାର ବିଶ୍ୱାଳ | ଖୋର୍ଦ୍ଧା | ୦୩ | ୦୦ |
| ଶ୍ରୀମାନ୍ ରବିନାରାୟଣ ଲେଙ୍କା | ଭଦ୍ରକ | ୦୩ | ୦୦ |
| ଶ୍ରୀମାନ୍ ସଂଗ୍ରାମ କେଶରୀ ମହାନ୍ତି | ମୟୂରଭଞ୍ଜ | ୦୩ | ୦୦ |
| ଶ୍ରୀମାନ୍ ସୁରେଶ ଚନ୍ଦ୍ର ପାଣିଗ୍ରାହୀ | ଗଞ୍ଜାମ | ୦୩ | ୦୦ |
| ଶ୍ରୀମାନ୍ ଶରତ କୁମାର ହରିଚନ୍ଦନ | ଖୋର୍ଦ୍ଧା | ୦୩ | ୦୦ |
| ଶ୍ରୀମତୀ ଗାୟତ୍ରୀ ନନ୍ଦ | ଅନୁଗୁଳ | ୦୩ | ୦୦ |
| ଶ୍ରୀମାନ୍ ପ୍ରଦୀପ କୁମାର ପାଣିଗ୍ରାହୀ | ସୁନ୍ଦରଗଡ଼ | ୦୨ | ୨୭ |
| ଶ୍ରୀମାନ୍ ନୀଳକଣ୍ଠ ବାରିକ | ଭଦ୍ରକ | ୦୨ | ୨୮ |
| ଶ୍ରୀମାନ୍ ଗୌରଚନ୍ଦ୍ର ପାତ୍ର | ଗଞ୍ଜାମ | ୦୨ | ୨୧ |
| ଶ୍ରୀମତୀ ଜ୍ୟୋତ୍ସ୍ନା ମେହେର | ବରଗଡ଼ | ୦୨ | ୦୮ |
| କୁମାରୀ କବିତା ବିଶ୍ୱାଳ | ମାଲକାନଗିରି | ୦୨ | ୦୩ |
| ଶ୍ରୀମାନ୍ ରମେଶ ଚନ୍ଦ୍ର ପାତ୍ର | ସୁନ୍ଦରଗଡ଼ | ୦୨ | ୦୩ |
| ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ବେହେରା | ଖୋର୍ଦ୍ଧା | ୦୨ | ୦୩ |
| ଶ୍ରୀମାନ୍ ଜୀବର୍ଦ୍ଧନ ସାହୁ | ବରଗଡ଼ | ୦୨ | ୦୨ |
| ଶ୍ରୀମାନ୍ ସଚ୍ଚିଦାନନ୍ଦ ବେହେରା | କଟକ | ୦୨ | ୦୨ |
| ଶ୍ରୀମାନ୍ ରମେଶ ଚନ୍ଦ୍ର ଜେନା | ସୁନ୍ଦରଗଡ଼ | ୦୨ | ୦୧ |
| ଶ୍ରୀମାନ୍ ଯାଜ୍ଞବଲକ୍ୟ ମିଶ୍ର | ସୁନ୍ଦରଗଡ଼ | ୦୨ | ୦୧ |
| ଶ୍ରୀମତୀ ସୁଜାତା ପଟ୍ଟନାୟକ | ଖୋର୍ଦ୍ଧା | ୦୨ | ୦୧ |
| ଶ୍ରୀମାନ୍ ବ୍ରଜକିଶୋର ପଟ୍ଟନାୟକ | ଖୋର୍ଦ୍ଧା | ୦୨ | ୦୦ |
| ଶ୍ରୀମାନ୍ ଗୋବିନ୍ଦ ଚନ୍ଦ୍ର ସାହୁ | ସୁନ୍ଦରଗଡ଼ | ୦୨ | ୦୦ |
| ଇଂ. ଅଜୟ କୁମାର ମିଶ୍ର | କଟକ | ୦୨ | ୦୦ |
| ଶ୍ରୀମାନ୍ କୁଞ୍ଜବିହାରୀ ମହାନ୍ତ | ମୟୂରଭଞ୍ଜ | ୦୨ | ୦୦ |
| ଶ୍ରୀମାନ୍ ରବୀନ୍ଦ୍ର ନାଥ ମହାରଣା | ସମ୍ବଲପୁର | ୦୨ | ୦୦ |
| କୁମାରୀ ସଂଗୀତା ପ୍ରଧାନ | ସମ୍ବଲପୁର | ୦୨ | ୦୦ |
| ଶ୍ରୀମାନ୍ ନିର୍ମଳ କୁମାର ବିଶ୍ୱାଳ | ବଲାଙ୍ଗୀର | ୦୨ | ୦୦ |
| ଶ୍ରୀମତୀ ଗାୟତ୍ରୀ ପଟ୍ଟନାୟକ | କଟକ | ୦୨ | ୦୦ |
| ଶ୍ରୀମାନ୍ ବ୍ରଜକିଶୋର ମଲ୍ଲିକ | ଖୋର୍ଦ୍ଧା | ୦୨ | ୦୦ |
| ଶ୍ରୀମାନ୍ ଅଜୟ କିଶୋର ମହାପାତ୍ର | ଖୋର୍ଦ୍ଧା | ୦୨ | ୦୦ |
| ଶ୍ରୀମତୀ ଶାନ୍ତିଲତା ମିଶ୍ର | ଗଞ୍ଜାମ | ୦୨ | ୦୦ |
| ଶ୍ରୀମତୀ କାନନବାଳା ନାୟକ | ବାଲେଶ୍ୱର | ୦୨ | ୦୦ |
| ଶ୍ରୀମତୀ ମଞ୍ଜୁଲତା ପଟ୍ଟନାୟକ | ଖୋର୍ଦ୍ଧା | ୦୨ | ୦୦ |
| ଶ୍ରୀମାନ୍ ଭାଗ୍ୟରଥି ସାହୁ | ଦେବଗଡ଼ | ୦୨ | ୦୦ |
| ଶ୍ରୀମାନ୍ କିଶୋର ଚନ୍ଦ୍ର ଜେନା | ରାୟଗଡ଼ା | ୦୧ | ୨୩ |
| ଶ୍ରୀମାନ୍ ସନାତନ ବେଉରା | କଟକ | ୦୧ | ୨୧ |
| ଶ୍ରୀମାନ୍ ସୁରେଶ୍ୱର ଭୋଇ | ବରଗଡ଼ | ୦୧ | ୧୯ |
| ଶ୍ରୀମାନ୍ ନିରଞ୍ଜନ ସାହୁ | ବୌଦ୍ଧ | ୦୧ | ୧୭ |
| ଶ୍ରୀମାନ୍ ହୃଷିକେଶ ପ୍ରଧାନ | ବୌଦ୍ଧ | ୦୧ | ୧୪ |
| ଶ୍ରୀମାନ୍ ରାଧାଶ୍ୟାମ ସ୍ୱାଇଁ | କଟକ | ୦୧ | ୦୭ |
| ଶ୍ରୀମାନ୍ ଗୋପାଳ ଚନ୍ଦ୍ର ମହାପାତ୍ର | ଗଞ୍ଜାମ | ୦୧ | ୦୭ |
| ଶ୍ରୀମାନ୍ ଦିଲ୍ଲୀପ ସାହୁ | ବରଗଡ଼ | ୦୧ | ୦୭ |
| ଶ୍ରୀମାନ୍ ସଞ୍ଜୟ କୁମାର ପାତ୍ର | ଗଞ୍ଜାମ | ୦୧ | ୦୫ |
| ଶ୍ରୀମାନ୍ ଦୁର୍ଯ୍ୟୋଧନ କାଠୁଆ | ଖୋର୍ଦ୍ଧା | ୦୧ | ୦୪ |

(ଅବଶିଷ୍ଟାଂଶ ପୃଷ୍ଠା-୧୩)






ଜିଲ୍ଲା ସଂସ୍କୃତି ପରିଷଦ, ଖୋରଧା ପକ୍ଷରୁ 'ବେଦରେ ସାମାଜିକ ସଚେତନତା' ଆଲୋଚନାଚକ୍ରରେ ଉପଜିଲ୍ଲାପାଳ ଓ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ଗହଣରେ ସ୍ୱାମୀଜୀ





ଶ୍ରୁତିନ୍ୟାସ ପକ୍ଷରୁ ଗ୍ରୀନ୍‌ସ ମଣ୍ଡପଠାରେ ଶିବରାତ୍ରି ଅବସରରେ ମହର୍ଷି ଦୟାନନ୍ଦଙ୍କ ବୋଧ ଦିବସ ପାଳିତ





ସଦସ୍ୟମାନଙ୍କ ଦ୍ୱାରା ଯଜ୍ଞ ଓ ମହର୍ଷିଙ୍କ କୀର୍ତ୍ତି ସମ୍ବଳିତ ସଂଗୀତ ପରିବେଷଣ



ଗ୍ରୀନ୍‌ସ ମଣ୍ଡପର କର୍ମକର୍ତ୍ତାଙ୍କୁ ସ୍ମୃତିଚିହ୍ନ ପ୍ରଦାନ



ଋଷିବୋଧ ଦିବସର ସାମୂହିକ ଯଜ୍ଞ

**RNI Regn. No. : ODIODI/2015/65938**

₹ 20/- Shruti Sourabha Vol. 3 Issue 2 Jan.-Feb. 2018




ସ୍ୱାମୀଜୀଙ୍କୁ ଅଭିନନ୍ଦନ ଜଣାଉଛନ୍ତି ବ୍ରହ୍ମପୁରର ମାନ୍ୟବର ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଓ ବି.ଡି.ଏ ଅଧ୍ୟକ୍ଷ ସୁବାସ ମହାରଣା





ବେଦ ପ୍ରଚାର ସମିତି, ବ୍ରହ୍ମପୁର ପକ୍ଷରୁ ସ୍ଥାନୀୟ (The Mothers Hospital & Research Centre)ଠାରେ ବେଦ ପ୍ରବଚନ




ପ୍ରବଚନରେ ଉପସ୍ଥିତ ପୁରୁଷ ଓ ମହିଳା ଶ୍ରୋତୃମଣ୍ଡଳୀ

**Shruti Sourabha**

**Spiritual Social Vedic Magazine**

**Bi-Monthly**

**Editor**

**Shruti Sourabha**

Qrs. No. - F/22, Sector - 18
Rourkela - 3, Sundargarh
Odisha - 769003
Mob. : 9861335321

Printed and Published by Swami Sudhananda Saraswati on behalf of "Shrutinyasa"
Printed at : Global Printers, A/19, Rasulgarh Industrial Estate, Bhubaneswar-751010
Published at : Shrutinyasa, HIG-VII-152, PO - Sailashree Vihar, Bhubaneswar - 751021
**Editor : Padmanabha Swain**